₹ : 25

# ଆମରି ସତ୍ୟ

# AMARI SATYA

ତ୍ରୟୋଦଶ ବର୍ଷ, ତୃତୀୟ ସଂଖ୍ୟା
ମାସିକ, ସେପ୍ଟେମ୍ବର-୨୦୨୨, ପୃଷ୍ଠା ସଂଖ୍ୟା ୩୬

RNI Regn. No. - ODI/ODI/2010/350521
Postal Regd. No. : PURI-33/2022-24









# 'ଓଡ଼ିଆ ସାହିତ୍ୟରେ ଦେଶପ୍ରେମ' ସମ୍ପର୍କିତ ଆଲୋଚନାଚକ୍ର






**ଆମରିସତ୍ୟ ବିକାଶ ପରିଷଦ, କଟଣୀ** ପକ୍ଷରୁ ସ୍ୱସ୍ତିଜ୍ୟୋତି ସ୍କୁଲ ପରିସରରେ ବୁଧବାର ତ୍ରିଲୋଚନ ମହାପାତ୍ରଙ୍କ ସଭାପତିତ୍ୱରେ ଓଡ଼ିଆ ସାହିତ୍ୟରେ ଦେଶପ୍ରେମ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ପ୍ରାକ୍ତନ ଓଡ଼ିଆ ପ୍ରଫେସର ପ୍ରମୋଦ କୁମାର ଦାସ ଏବଂ ସମ୍ମାନୀତ ଅତିଥି ଡ ଶରଚ୍ଚନ୍ଦ୍ର ମହାପାତ୍ର ପ୍ରମୁଖ ଓଡ଼ିଆ ଭାଷା, ସାହିତ୍ୟର ଉତ୍କର୍ଷତା ସମ୍ବନ୍ଧରେ ଆଲୋଚନା କରିବା ସହିତ ମଧୁସୁଦନ ଦାସ, ଉତ୍କଳମଣୀ ଗୋପବନ୍ଧୁ, କୁନ୍ତଳା କୁମାରୀ ସାବତ, ଭୀମ ଭୋଇ, ଗଙ୍ଗାଧର ମେହେର, ଗୋଦାବରୀଶ ମହାପାତ୍ର ପ୍ରଭୃତି କବିମାନେ ତାଙ୍କର ଲେଖନୀ ଚଳାଇ ସମାଜକୁ କିପରି ଦେଶପ୍ରେମର ବାର୍ତ୍ତା ଦେଇଛନ୍ତି ସେ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାଧୀନତାର ୭୫ବର୍ଷର ଅମୃତ ମହୋତ୍ସବ ଅବସରରେ ଅତିଥିମାନେ ଦେଶକୁ ସ୍ୱାଧୀନତା ଆଣିଥିବା ସେହି ମହାତ୍ମାମାନଙ୍କୁ ସ୍ମରଣ କରିଥିଲେ। ଆମରି ସତ୍ୟର ପ୍ରତିଷ୍ଠାତା ଡ ପ୍ରମୋଦ କୁମାର ଦାଶ ଆଲୋଚ୍ୟ ବିଷୟକୁ ନେଇ ସମୀକ୍ଷା କରିଥିଲେ। ରାମଶଙ୍କର, ପଣ୍ଡିତ ରମାକାନ୍ତ ମିଶ୍ର, ଜବହାର ଲାଲ ସୁବୁଦ୍ଧି, ପ୍ରମୋଦ ମହାନ୍ତି, ଅଧ୍ୟକ୍ଷା ଡ ସୁକାନ୍ତି ମହାପାତ୍ର, ପଦ୍ମଲୋଚନ ସାହୁ, କାଶୀନାଥ ଦାସ, ଅଧ୍ୟାପିକା ସୌଦାମିନୀ ବେହେରା, ଅଧ୍ୟାପିକା ଆରତି ସେନ, ଦାଶରଥି ପଟ୍ଟନାୟକ, ବ୍ରଜବନ୍ଧୁ ନାୟକ, ସମରଜିତ ପଟ୍ଟନାୟକ, କିଶୋର ଚନ୍ଦ୍ର ପାଇକରାୟ, ଜଗନ୍ନାଥ ନାୟକ ପ୍ରଭୃତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆବାହାକ ପଦ୍ମନାଭ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ରୋଟାରିଆନ ଆଦି ନାରାୟଣ ଖଣ୍ଡୁଆଳ ଧନ୍ୟବାଦ ଦେଇଥିଲେ।

# ଆମରି ସତ୍ୟ

# AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...

ତ୍ରୟୋଦଶ ବର୍ଷ ◆ ତୃତୀୟ ସଂଖ୍ୟା ◆ ସେପ୍ଟେମ୍ବର ୨୦୨୨



**ପ୍ରତିଷ୍ଠାତା**

**ଡ. ପ୍ରମୋଦ ଚନ୍ଦ୍ର ଦାଶ**

୯୪୩୭୨୮୧୬୫୫

ସମ୍ପାଦକ

**ଡ. ପ୍ରସନ୍ନ କୁମାର ଜେନା**

୯୮୬୧୦୧୬୩୪୯

ସହଯୋଗୀ ସମ୍ପାଦକ

**ଶ୍ରୀ ସତ୍ୟବାଦୀ ବଳଆରସିଂହ**

୯୨୩୭୦୮୯୫୦୯

**ମୁଖ୍ୟ ସହ ସମ୍ପାଦକ**

**ଶ୍ରୀ ତ୍ରିଲୋଚନ ମହାପାତ୍ର**

୯୯୩୮୯୯୪୮୨୨

ସହ ସମ୍ପାଦକ

**ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ**

୯୪୩୮୭୩୪୮୧୬

**ଡ. ଅଜୟ କୁମାର ସ୍ୱାଇଁ**

୯୪୩୭୨୮୧୪୮୨

**ଡ. ଭବାନୀ ଶଙ୍କର ଦାଶ**

୯୪୩୭୧୩୧୯୯୬

**ଶ୍ରୀମତୀ ରଶ୍ମିତା ନାୟକ**

୯୪୩୮୩୬୩୦୩୦

**ସଂଯୋଜକ**

**ଡ. ନିରଞ୍ଜନ ମହାନ୍ତି**

୯୪୩୭୧୬୦୩୫୫

**ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ**

୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**

**ଶ୍ରୀ ସର୍ବେଶ୍ୱର ମହାପାତ୍ର**

୯୯୩୮୪୪୨୪୨୮

**ଶ୍ରୀ ସମରଜିତ୍ ପଟ୍ଟନାୟକ**

୯୮୬୧୧୨୧୨୦୫

**ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ**

୭୦୭୭୯୮୩୮୪୦

**ଡ. ପ୍ରେମଚାନ୍ଦ ମହାନ୍ତି**

୯୪୩୭୧୨୭୮୨୦

**ଡ. ରଶ୍ମିରଞ୍ଜନ ନାଥ**

୯୯୮୬୧୪୭୭୧୯୫

**ଡ. ଗୌରହରି ମିଶ୍ର**

୯୪୩୭୪୧୧୭୦୯

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

**ଶ୍ରୀ ରାଜୀବ ରଥ**

୭୫୦୪୬୬୯୭୯୨

**ଶ୍ରୀ ପ୍ରୀତମ୍ ବଳୀୟାରସିଂହ**

୯୯୩୭୫୮୧୩୧୮



**ଯୋଗାଯୋଗ:**

**'ଆମରିସତ୍ୟ'**

ଏମ୍ - ୧/୫, ମୁକୁନ୍ଦପ୍ରସାଦ

ହାଉସିଂ ବୋର୍ଡ଼ କଲୋନୀ

ପୋ.ଅ.- ପି.ଏନ୍. କଲେଜ,

ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା

ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**

**ଶ୍ରୀ ରମେଶ ଚନ୍ଦ୍ର ମହାପାତ୍ର**

ନିର୍ଦ୍ଦେଶକ, ଆମରିସତ୍ୟ

ଏମ-୫/୨୩, ଆଚାର୍ଯ୍ୟ ବିହାର

ଭୁବନେଶ୍ୱର-୧୩ ଓଡ଼ିଶା

ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**

**ଶ୍ରୀ ପଦ୍ମନାଭ ପାଣିଗ୍ରାହୀ**

ବନମାଳୀ କଲୋନୀ,ଜଟଣୀ

ଫୋନ୍ ନଂ:୯୩୩୮୨୨୧୩୭୪


**ଗ୍ରାହକମାନଙ୍କ ପାଇଁ ସୂଚନା**

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ୨ ବାର୍ଷିକ ଦେୟ | ଟ.୪୫୦/- |
| ୪. ୩ ବାର୍ଷିକ ଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟତା | ଟ.୩୦୦୦/- |

(ଆଜୀବନ ସଦସ୍ୟତା ୧୪ ବର୍ଷ ପାଇଁ )


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**

ପ୍ରାକ୍ତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ

**ଡ. ନାରାୟଣ ରାଓ**

ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ. ଅଭୟ କୁମାର ନାୟକ**

କୁଳସଚିବ, ନାଇଜର, ଭୁବନେଶ୍ୱର

**ଡ. ଶରଚ୍ଚନ୍ଦ୍ର ମହାପାତ୍ର**

ପ୍ରାକ୍ତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ

**ଡ. ବିଷ୍ଣୁ ଚରଣ ସାହୁ**

ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର

**ଡ. ବସନ୍ତ କିଶୋର ସାହୁ**

ଶିଶୁ ସାହିତ୍ୟିକ, କୁସୁପୁର, କଟକ

**ଶ୍ରୀ ଭୀମସେନ ପ୍ରଧାନ**

ଶିକ୍ଷାବିତ୍, ଖୋରଧା

**ଡ. ଗୌରୀଶଙ୍କର ପ୍ରହରାଜ**

ଶିକ୍ଷାବିତ୍, ଭୁବନେଶ୍ୱର

**ଶ୍ରୀ ଜବାହରଲାଲ ସୁବୁଦ୍ଧି**

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା

**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**

ସାହିତ୍ୟିକ, ଖୋରଧା

**ରାମଶଙ୍କର**

ଅଧକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫଟ୍, ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ତଥା **UPI** ପଠାଇବାକୁ ଅନୁରୋଧ

ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ **A/c No. 31033974226, IFSC-SBIN0012027, MICR-752002151**


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୨ |
| ୨. | ସମ୍ପାଦକୀୟ | | ୩ |
| ୩. | ହିତ ବାଣୀ | | ୪ |
| ୪. | ଜଗଦୀପ ଧନକଡ଼ ଭାରତର ନୂଆ ଉପରାଷ୍ଟ୍ରପତି | | ୫ |
| ୫. | ଭାରତର ନୂତନ ମୁଖ୍ୟ ବିଚାରପତି | | ୬ |
| ୬. | କହି ପାରିବେ ? | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୭ |
| ୭. | ଅତ୍ରିଙ୍କ ଆଶ୍ରମରେ ଶ୍ରୀରାମ | ଡ. ଶରଚ୍ଚନ୍ଦ୍ର ମହାପାତ୍ର | ୮ |
| ୮. | ବାପାଙ୍କ ଛାଇ | ଶିବ ମିଶ୍ର | ୯ |
| ୯. | ଚିକିଟି ମାଟିର ଅବିସ୍ମରଣୀୟା.. | ଶ୍ରୀ ବ୍ରଜକିଶୋର ଦାସ | ୧୦ |
| ୧୦. | ଗ୍ରାମାଞ୍ଚଳର କୌତୁକ ପ୍ରଶ୍ନୋତ୍ତର | ଆଦ୍ୟାଶା ପ୍ରିୟଦର୍ଶିନୀ | ୧୧ |
| ୧୧. | ସ୍ଥିର ବୁଦ୍ଧି (ସ୍ଥିତ ପ୍ରଜ୍ଞ) | ଶ୍ରୀ ନୀଳକଣ୍ଠ ତ୍ରିପାଠୀ | ୧୨ |
| ୧୨. | ପ୍ରଥମ ଆମେରିକୀୟ ମହିଳା ... | ବିଜୟ ଚନ୍ଦ୍ର ମହାପାତ୍ର | ୧୩ |
| ୧୩. | ନଈ ପଠା | ପୁଷ୍ପାଞ୍ଜଳି ପଣ୍ଡା | ୧୪ |
| ୧୪. | ଟୁଉକୁ ମୂଷି | ମହୀଜା ଦଳବେହେରା | ୧୪ |
| ୧୫. | ଲୁହ | ବୈଜୟନ୍ତୀ ପଟ୍ଟନାୟକ | ୧୫ |
| ୧୬. | ଅଦିନ ବର୍ଷା | ସମରଜିତ ପଟ୍ଟନାୟକ | ୧୫ |
| ୧୭. | ବର୍ଷା ପଦଧ୍ୱନି... | ଯମେଶ୍ୱର କହଲସିଂହ | ୧୫ |
| ୧୮. | ନଳିତା ପତର ପିତା | ଶ୍ରୀ ନିରଞ୍ଜନ ଖଟୁଆ | ୧୫ |
| ୧୯. | ମୁମ୍ବାଇ ସମାଚାର | ଡ.ଭବାନୀ ଶଙ୍କର ଦାଶ | ୧୬ |
| ୨୦. | ଖାଇବା ତେଲର ଉପକାରିତା | ଡ.ସୁନିଲ କୁମାର ବିଶୋୟୀ | ୧୭ |
| ୨୧. | ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସଫଳ ... | ଆଶିଷ କୁମାର ରାୟ | ୧୮ |
| ୨୨. | ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୨୦ |
| ୨୩. | ସମ୍ବାଦ ବିଚିତ୍ରା | | ୨୩ |
| ୨୪. | ସାଧାରଣ ଜ୍ଞାନ ଓ ବିବିଧ ସୂଚନା | | ୨୪-୩୨ |




## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

**ରମେଶ ମଙ୍ଗରାଜ**



ନିଳାଚଳ ଦିଅଁ କାଳିଆ ସାଆନ୍ତ
ଘେନିବ ମୋ' କୋଟି ଜୁହାର
ସାରା ସଂସାରଟା ତୁମପାଇଁ ହସେ
ହସେ ମୋ ଛୋଟିଆ ସଂସାର ॥୦॥
ଝାଟିମାଟି ମୋର କୁଡିଆ ଭିତରେ
ତମକଥା ନିତି ଭାବଇ
ସେହି ମୋ' ମନ୍ଦିର ସପନ ଦେଉଳ
ତମ ପାଇଁ ମୋତେ ଲାଗଇ
ତମଗୀତ ଗାଇ ତମକଥା ଭାଳି
ଦିନ ସରିଯାଉ ଠାକୁର ॥୧॥
ନିଳାଚଳ ଦିଅଁ .....
ପ୍ରଭୁ ତମପାଇଁ ଅଗଣାରେ ମୋର
ତୁଳସୀ ଚଉରା ରଖିଛି
ସଂଜକାଳରେ କୁଡିଆଟି ମୋର
ତୁଳସୀ ମହକେ ବାସୁଛି
ଲୋଡାନାହିଁ ପ୍ରଭୁ ଆଉକିଛି ଚିଜ
ରହିଥାଉ ଭାବଆମର ॥୨॥
ନିଳାଚଳ ଦିଅଁ......


**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡ଼ା,**
**ଖୋର୍ଦ୍ଧା - ୭୫୨୦୫୪**
**ମୋ - ୯୧୭୮୬୨୬୨୮୦**




ଆରମ୍ଭରୁ ଜଣକ ବିଷୟରେ ଖୁବ୍ ଉଚ୍ଚ ଧାରଣା ପୋଷଣ କର ନାହିଁ, କାରଣ ସବୁଦିନ ପାଇଁ ସେହି ଅନୁପାତ ରହିବା ହୁଏତ, ସହଜ ସମ୍ଭବ ହୋଇନପାରେ। -(ଜ୍ୟାକନ)



# ସମ୍ପାଦକୀୟ....

୧୯୬୨ ମସିହା ସେପ୍ଟେମ୍ବର ମାସ ୫ ତାରିଖ ଦିନ ତତ୍କାଳୀନ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଜନ୍ମଦିନ ଅବସରରେ କେତେକ ଶୁଭେଚ୍ଛୁ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣେଇବାକୁ ତାଙ୍କ ପାଖରେ ଉପସ୍ଥିତ ହେଲେ। ଏହା ନିଶ୍ଚିତ ଭାବରେ ଏକ ଗତାନୁଗତିକ ପ୍ରକ୍ରିୟା ଥିଲା। ପ୍ରତିବର୍ଷ ଶୁଭେଚ୍ଛୁମାନେ ଏହିଦିନଟିରେ ନିଶ୍ଚିତ ଭାବରେ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣେଇଥିବେ, ଏଥିରେ ସନ୍ଦେହ ନାହିଁ। ମାତ୍ର, ସେ ବର୍ଷ ଡଃ ରାଧାକୃଷ୍ଣନ୍ ଅନ୍ୟଭାବରେ ତାଙ୍କର ଜନ୍ମଦିନ ପାଳନ କରିବାକୁ ଶୁଭେଚ୍ଛୁମାନଙ୍କୁ ଅନୁରୋଧକଲେ। ତାଙ୍କର ଜନ୍ମଦିନଟିକୁ ସେ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗକରି, ଏହିଦିନଟିକୁ 'ଗୁରୁଦିବସ' ଭାବରେ ପାଳନ କରିବାପାଇଁ ସେ ସେମାନଙ୍କୁ କହିଲେ। ସେଇଆ ହିଁ ହେଲା। ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଜନ୍ମଦିନଟିକୁ ସେହିଦିନଠାରୁ 'ଗୁରୁଦିବସ' ଭାବରେ ସାରା ଭାରତରେ ପାଳନ କରାଯାଉଛି।

ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ୍ ଯଦିଓ ଜଣେ ଶିକ୍ଷକ ଥିଲେ, ତାଙ୍କର ଆଦର୍ଶଗତ ଶିକ୍ଷକ ଜୀବନ ପାଇଁ ସେ ଏହି ଦିନଟିକୁ ଗୁରୁଦିବସ ଭାବରେ ପାଳନ କରିବାକୁ ମନସ୍ଥ କରିନଥିଲେ। ବରଂ ଶିକ୍ଷକ ସମାଜପ୍ରତି ତାଙ୍କ ଅନାବିଳ ସମ୍ମାନବୋଧ ତାଙ୍କୁ ଏପରି କରିବାପାଇଁ ପ୍ରବର୍ତ୍ତାଇଥିଲା। ଶିକ୍ଷକ ଏ ଦେଶର ବା ଜାତିର ମେରୁଦଣ୍ଡ ବୋଲି ସେ ଅନୁଭବ କରିଥିଲେ। ଭବିଷ୍ୟତ ଜାତିଗଠନର ମୁଖ୍ୟ ଦାୟିତ୍ୱ ଗୋଟିଏ ଶିକ୍ଷକ ଉପରେ ନ୍ୟସ୍ତ। ଶିକ୍ଷକଟିଏର ଶିକ୍ଷା ପ୍ରତି ସମର୍ପିତ ଭାବନା ପ୍ରକାରାନ୍ତରେ ସୁନାଗରିକ ଗଠନରେ ସହାୟକ ହୁଏ ବୋଲି ତାଙ୍କର ହୃଦବୋଧ ହୋଇଥିଲା। ସୁତରାଂ, ସେହି ଶିକ୍ଷକ ସମାଜକୁ ଉପଯୁକ୍ତ ସମ୍ମାନ ଜଣେଇବାପାଇଁ ଓ ସେମାନଙ୍କୁ ଉତ୍ସାହିତ କରିବାପାଇଁ ନିଜର ଜନ୍ମଦିନକୁ ଗୁରୁଦିବସ ଭାବରେ ସେ ପାଳନ କରିବାପାଇଁ କହିଥିଲେ।

ଭାରତ ଗୋଟିଏ ସଂସ୍କୃତି ସଂପନ୍ନ ଦେଶ। ଏହାର ଐତିହ୍ୟ ଓ ପରମ୍ପରା କାହିଁ କୋଉ ଅନାଦି କାଳରୁ ପ୍ରଚଳିତ ହୋଇଆସୁଛି। ସେହି କ୍ରମରେ ଗୁରୁଶିଷ୍ୟ ପରମ୍ପରା ଭାରତୀୟ ସଂସ୍କୃତିର ଏକ ମହନୀୟ ଅଙ୍ଗ ହୋଇ ଚଳିଆସୁଛି। ଅବଶ୍ୟ ପୂର୍ବର ସେହି ଗୁରୁକୁଳ ପରମ୍ପରା ଆଜି ନାହିଁ। ତାହା ବହୁଭାବରେ ପରିବର୍ତ୍ତିତ ହୋଇ ଆଜି ଯେଉଁ ରୂପରେ ପ୍ରଚଳନ ହେଉଛି ତାହାକୁ ଅଧୁନାତମ ସଂସ୍କରଣ କହିବାକୁ ପଡ଼ିବ। ଏଥିରେ ଗୁରୁ ଅଛନ୍ତି, ଶିଷ୍ୟ ଅଛନ୍ତି, ପାଠ୍ୟ ଖସଡ଼ା ମଧ୍ୟ ଅଛି, ମାତ୍ର କାହାରି କାହା ସହିତ ସଂପର୍କ ଥିବାପରି ମନେହୁଏ ନାହିଁ। ଗୁରୁ ବାଟରେ ଗୁରୁ, ଶିଷ୍ୟ ବାଟରେ ଶିଷ୍ୟ ଓ ପାଠ୍ୟଖସଡ଼ା ତା ବାଟରେ। କେବଳ କାମ ଚଳେଇନେବାର ନାଁ ରେ ସାଂପ୍ରତିକ ସମୟର ଶିକ୍ଷାବ୍ୟବସ୍ଥା କାର୍ଯ୍ୟକରୁଛି ବୋଲି ବୁଝିବାକୁ ହେବ। କାରଣ, ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଚରିତ୍ର ଗଠନ। ଯେଉଁ ଶିକ୍ଷାରେ ଚରିତ୍ର ଗଠନର ସଂଭାବନା ନାହିଁ, ସେ ଶିକ୍ଷା ସୁନାଗରିକ ଗଠନରେ କେବେବି ଭାଗିଦାରୀ ହୋଇପାରିବନାହିଁ। କେବଳ ଅର୍ଥ ରୋଜଗାରକରିବା ଯଦି ଶିକ୍ଷାର ମୂଳଲକ୍ଷ୍ୟ ହୁଏ, ତେବେ ଚରିତ୍ର ଗଠନ ସାତସପନ ହୋଇଯାଏ ଏଥିରେ ସନ୍ଦେହ ନାହିଁ। ସୁତରାଂ, ଶିକ୍ଷା ବ୍ୟବସ୍ଥାରେ ନୈତିକ ମୂଲ୍ୟବୋଧ, ଭାରତୀୟ ସଂସ୍କୃତି, ପରମ୍ପରା ସମ୍ବନ୍ଧିତ ଶିକ୍ଷାପ୍ରଦାନ ଆଜିର ସମୟ ପାଇଁ ବଡ଼ ଆହ୍ୱାନ ପାଲଟିଛି।

ଗୁରୁଙ୍କ ପ୍ରତି ସମ୍ମାନବୋଧ ନରହିଲେ ଶିକ୍ଷାର ଅବକ୍ଷୟ ଅବଶ୍ୟମ୍ଭାବୀ ଏ କଥା ମନେରଖିବାକୁ ପଡ଼ିବ। ଆଉ ଏହି ସମ୍ମାନବୋଧ ନୈତିକ ଶିକ୍ଷାର ନିରନ୍ତର ପ୍ରକ୍ରିୟା ଉପରେ ନିର୍ଭରକରେ। ଗୁରୁ-ଶିଷ୍ୟର ପାରମ୍ପରିକ ସମ୍ପର୍କ କେବଳ ଏହି ନୈତିକ ଶିକ୍ଷା ଫଳରେ ହିଁ ସମ୍ଭବ ହେବ। ଉଚ୍ଚ ଆସନରେ ବସିଥିବା ମନ୍ତ୍ରୀଟିଏ ହେଉ ଅବା ପ୍ରଶାସକଟିଏ, ସିଏ ତାର ନୈତିକତା ଦୃଷ୍ଟିରୁ ବିଚାରକରି ଶିକ୍ଷକଟିଏର ଅଭାବ ଅସୁବିଧା ପୂରଣ କରିବ ଓ ତାର ମାନସିକ ଶାନ୍ତିରେ ସହାୟକ ହେବ। ଶିକ୍ଷକଟିଏ ଆଉ ଭୋକଉପାସରେ ରହି ପେଟରେ ଓଦାକନା ପକାଇ କର୍ତ୍ତବ୍ୟ ତୁଲେଇବାକୁ ବିଦ୍ୟାଳୟକୁ ଆସୁନଥିବ କିମ୍ବା ଜୀବନଧାରଣ ପାଇଁ ଟିଉସନ ଖୋଜିବାକୁ କୋଉ ଛାତ୍ର ଦୁଆରେ ସାଇକେଲ ଘଣ୍ଟି ବଜଉନଥିବ। ଏପରି ହେଲେ ଗୋଟିଏ ଶିକ୍ଷକ ଠାରୁ ଶିକ୍ଷାମନସ୍କତା ଆଶାକରିବା ନିଶ୍ଚିତ ଭାବରେ ବୃଥା ଯିବ।



ହେ ସମାଜର ବଡ଼ପଣ୍ଡାମାନେ, ଶିକ୍ଷକକୁ ବଞ୍ଚିବାକୁ ପବନଟିକିଏ ଦିଅ। ସିଏ ବଞ୍ଚିବାକୁ ନିଃଶ୍ୱାସ ଟିକିଏ ନେଉ। ଗୁରୁଦିବସର ଏହି ମହାର୍ଘ ଅବସରରେ ଏହା ଗୋଟିଏ ଶିକ୍ଷକ ପାଇଁ ଶ୍ରେଷ୍ଠ ନୈବେଦ୍ୟ ହେଉ।

ଡପ୍ରସନ୍ନ କୁମାର ଜେନା



ଆଦୌ ଯୁକ୍ତି ନକରି ଯେଉଁ ଲୋକ ଅନ୍ୟମାନଙ୍କର ସବୁମତକୁ ଗ୍ରହଣ କରିଥାଏ, ସେ ହିଁ ପ୍ରକୃତ ଦାସ । (ଡ୍ରମଣ୍ଡ)

# ହିତ ବାଣୀ

## ଗୀତା

ଦିବି ସୂର୍ଯ୍ୟସହସ୍ରସ୍ୟ ଭବେଦ୍‌ଯୁଗପଦୁତ୍‌ଥିତା।
ଯଦି ଭାଃ ସଦୃଶୀ ସା ସ୍ୟାଭାସସ୍ତସ୍ୟ ମହାତ୍ମନଃ ।।

ଆକାଶରେ ଏକସଙ୍ଗେ ସହସ୍ରେ ସୂର୍ଯ୍ୟ ଉଦିତ ହେଲେ ଯେଉଁ ଜ୍ୟୋତି ଉତ୍ପନ୍ନ ହେବ, ତାହା ସେହି ବିଶ୍ୱରୂପ ପରମାତ୍ମାଙ୍କ ଜ୍ୟୋତିସମାନ ହୋଇପାରିବ ନାହିଁ।

## ଭାଗବତ ବାଣୀ

ଚିତ୍ତ ବିଶୁଦ୍ଧ ଯାର ନାହିଁ। ତାର ବୈରାଗ୍ୟ ଜ୍ଞାନ କାହିଁ।।
ଦଣ୍ଡିବା ଶକ୍ତି ଯାର ଥାଇ। ସେ ଯେବେ କ୍ଷମା ଆଚରଇ।।
ସାଧୁଙ୍କ ଶ୍ରେଷ୍ଠ ସେହି ନର। ସୁଖ ଦୁଃଖରୁ ସେ ବାହାର।।

## କୁହତ ଦେଖି

ଛୁଇଁ ଯାଏ କିନ୍ତୁ ଦେଖି ହୁଏ ନା ,
ରହିଁଲେ ବି ତାକୁ ଧରି ହୁଏନା
କେବେ ସେ ମଳୟ କେବେ ସେ ପ୍ରଳୟ ,
କେବେ ସୃଷ୍ଟି କରେ ଘୂର୍ଣ୍ଣି ବଳୟ -- ପବନ

## ପ୍ରବାଦ

କହି ପୋଛି ଜାଣେ ଯିଏ
ପୋଚା ଚିଙ୍ଗୁଡ଼ି ବିକେ ସିଏ।
କଥା କହିବାରେ ଧୁରନ୍ଧର ବ୍ୟକ୍ତି ନହେଲା କାମ କରିଦେଇପାରେ।

## ଚାଣକ୍ୟ ନୀତି

ବିଦ୍ୟା ହିଁ ମନୁଷ୍ୟର ଶୋଭା ବଢ଼ାଇଥାଏ
ରୂପ-ଯୌବନ ସମ୍ପନ୍ନା ବିଶାଳକୁଳସମ୍ଭବାଃ ।
ବିଦ୍ୟାହୀନା ନ ଶୋଭନ୍ତେ ନିର୍ଗନ୍ଧା ଇବ କିଂଶୁକାଃ ।।

ଉତ୍ତମ କୁଳରେ ଜନ୍ମ ହୋଇଥିବା ରୂପ ଯୌବନଯୁକ୍ତ ବ୍ୟକ୍ତି ବିଦ୍ୟାହୀନ ହେଲେ ସେ ଗନ୍ଧହୀନ ପଳାଶ ପୁଷ୍ପପରି ଶୋଭା ପାଇନଥାଏ।

## ଅମର ଲେଖନୀରୁ

ବିଧିର ବିଧାନ କେ କରିବ ଆନ
ସଂଯୋଗ ବିଯୋଗ ବେନି ,
ଅଚେତ ଚେତନେ ଏ ବିଶ୍ୱ ଭୁବନେ
ଚଳନ୍ତି ନିୟମ ଘେନି ।

- ବ୍ୟାସକବି ଫକିରମୋହନ ସେନାପତି

## ରୁଢ଼ି ପ୍ରୟୋଗ

**ବିଶ୍ୱାସରେ ବିଷ ଦେବା - ବିଶ୍ୱାସଘାତକତା କରିବା**
**ଫସର ଫାଟିବା - ବ୍ୟର୍ଥ ହୋଇଯିବା**
**ଫଟା କପାଳ - ମନ୍ଦ ଭାଗ୍ୟ**



ଆମର କ୍ଷତି ହୋଇଯିବା ଫଳରେ, ଆମେ ଯଦି କୌଣସି ମୂଲ୍ୟବାନ ଅନୁଭୂତିର ଅଧିକାରୀ ହୋଇଗଲୁ ତେବେ ସେ କ୍ଷତି ସର୍ବଥା କାମ୍ୟ। (ଇଷ୍ଟମ)

# ଭାରତର ୧୪ତମ ଉପରାଷ୍ଟ୍ରପତି

# ଜଗଦୀପ ଧନକଡ଼

ଅଗଷ୍ଟ ୧୦, ୨୦୨୨ ତାରିଖରେ ଉପରାଷ୍ଟ୍ରପତି ଭେଙ୍କିୟା ନାଇଡୁଙ୍କ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଜଗଦୀପ ଧନକଡ଼ ୧୧ ଅଗଷ୍ଟ ୨୦୨୨ରେ ୧୪ତମ ଉପରାଷ୍ଟ୍ରପତି ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି।

**ବାଲ୍ୟଜୀବନ-** ୧୯୫୧ ମସିହା ମଇ ୧୮ ତାରିଖରେ ରାଜସ୍ଥାନର ଝୁନ୍‌ଝୁନୁର କିଥାନା ଗ୍ରାମର ଏକ ହିନ୍ଦୁ ଜାଠ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତାଙ୍କ ନାମ ଥିଲା ଗୋକୁଲ ଚନ୍ଦ ଏବଂ ମାତାଙ୍କ ନାମ କେସରୀ ଦେବୀ। ସେ ୧୯୭୯ ମସିହାରେ ସୁଦେଶ ଧନଖଡଙ୍କୁ ବିବାହ କରିଥିଲେ। ତାଙ୍କ ଗୋଟିଏ ଝିଅ, ନାମ କାମନା।



**ଶିକ୍ଷା-** ଧନଖଡ ତାଙ୍କର ପ୍ରାଥମିକ ଶିକ୍ଷା କିଥାନା ସରକାରୀ ବିଦ୍ୟାଳୟରୁ ଏବଂ ମଧ୍ୟମ ଶିକ୍ଷା ଖରଖାନା ସରକାରୀ ବିଦ୍ୟାଳୟରୁ ସମାପ୍ତ କରିଥିଲେ। ତାପରେ ସେ ଚିତୋରଗଡ଼ ସୈନିକ ସ୍କୁଲରୁ ସ୍କୁଲ ଶିକ୍ଷା ସମାପ୍ତ ପରେ ରାଜସ୍ଥାନ ବିଶ୍ୱବିଦ୍ୟାଳୟରୁ ବି.ଏସ.ସି. ଏବଂ ଏଲଏଲବି ସ୍ନାତକ ଡିଗ୍ରୀ ହାସଲ କରିଥିଲେ।

**ଆଇନ ବୃତ୍ତି-** ସେ ୧୯୭୯ ମସିହାରେ ରାଜସ୍ଥାନ ବାର କାଉନସିଲରେ ଏକ ଓକିଲ ଭାବରେ ନାମ ପଞ୍ଜୀକୃତ କରିଥିଲେ। ୧୯୯୦ରେ ସେ ରାଜସ୍ଥାନପାଇଁ The High Court of Judicature ଦ୍ୱାରା ସିନିଅର ଆଡଭୋକେଟ ଭାବରେ ନାମିତ ହେଲେ। ସେ ସର୍ବୋଚ୍ଚ ନ୍ୟାୟାଳୟରେ ମଧ୍ୟ ଅଭ୍ୟାସ କରୁଥିଲେ। ବିଭିନ୍ନ ଉଚ୍ଚ ନ୍ୟାୟାଳୟରେ ସେ ମଧ୍ୟ ହାଜର ହୋଇ କେସ ଲଢ଼ିଛନ୍ତି। ସେ ୨୦୧୬ରେ ସତଲେଜ ନଦୀ ଜଳ ବିବାଦରେ ହରିୟାନା ରାଜ୍ୟସରକାରଙ୍କ ତରଫରୁ ଯୁକ୍ତି ବାଢିଥିଲେ। ଧନକଡ଼ ସୁପ୍ରିମକୋର୍ଟ ଜଣେ ଓକିଲ ଭାବେ ଜଣାଶୁଣା।

**ରାଜନୈତିକ ବୃତ୍ତି-** ୧୯୮୯-୯୧ରେ ସେ ରାଜସ୍ଥାନ ଝୁନ୍‌ଝୁନ ଲୋକସଭା ନିର୍ବାଚନ ମଣ୍ଡଳୀରୁ ଜନତାଦଳରୁ ୯ମ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ସେ ଦଶମ ରାଜସ୍ଥାନ ବିଧାନସଭାକୁ ୧୯୯୩ରୁ ୧୯୯୮ ପର୍ଯ୍ୟନ୍ତ କିସନଗଡ଼ ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ହୋଇଥିଲେ। ସେ ରାଜନୀତିକୁ ଆସି ୧୯୮୯ରୁ ୧୯୯୧ ପର୍ଯ୍ୟନ୍ତ ଲୋକସଭା ସାଂସଦ ଥିଲେ । ସେ ମଧ୍ୟ ୧୯୯୦ରେ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ମନ୍ତ୍ରିମଣ୍ଡଳରେ ଜଣେ ରାଷ୍ଟ୍ରମନ୍ତ୍ରୀ ଥିଲେ।

**ରାଜ୍ୟପାଳ-** ୨୦ ଜୁଲାଇ ୨୦୧୯ରେ ସେ ମୋଦି ସରକାରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ପଶ୍ଚିମବଙ୍ଗର ରାଜ୍ୟପାଳ ରୂପେ ନିଯୁକ୍ତି ପାଇଲେ। କଲିକତା ଉଚ୍ଚନ୍ୟାୟାଳୟର ତତ୍‌କାଳୀନ ନ୍ୟାୟାଧିଶ ଟି. ବି. ରାଧାକ୍ରିଷ୍ଣନ ତାଙ୍କର ଶପଥପାଠ କରାଇଥିଲେ।

ସେ ୩୦ ଜୁଲାଇ ୨୦୧୯ରୁ ୧୮ ଜୁଲାଇ ୨୦୨୨ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ରାଜ୍ୟପାଳ ଥିଲେ। ସେ ରାଜ୍ୟପାଳ ଥିବା ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜିଙ୍କ ସହ ଅନେକ ବାଦବିବାଦ କରିଥିଲେ। ୧୩ ଜୁଲାଇ ୨୦୨୨ରେ ସେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜିଙ୍କୁ ଭେଟିଥିଲେ। ୧୫ ଜୁଲାଇ ୨୦୨୨ରେ ସେ ଅମିତ ଶାହାଙ୍କୁ ଭେଟିଥିଲେ। ତାଙ୍କୁ ନ୍ୟାସନାଲ ଡେମୋକ୍ରାଟିକ ଆଲାୟାନ୍ସର ଉପରାଷ୍ଟ୍ରପତି ପ୍ରାର୍ଥୀ କରାଗଲା। ୧୭ ଜୁଲାଇ ୨୦୨୨ରେ ରାଜ୍ୟପାଳ ପଦବୀରୁ ଇସ୍ତଫା ଦେଲେ।

**ଉପରାଷ୍ଟ୍ରପତି ନିର୍ବାଚନ-** ଧନକଡ଼ଙ୍କୁ ଏନଡିଏ ପକ୍ଷରୁ ପ୍ରାର୍ଥୀ କରାଯାଇଥିବା ବେଳେ ତାଙ୍କ ବିପକ୍ଷରେ ୟୁପିଏ ପକ୍ଷରୁ ଛିଡ଼ା ହୋଇଥିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାର୍ଗାରେଟ ଆଲଭା। ଉପରାଷ୍ଟ୍ରପତି ନିର୍ବାଚନ ଶନିବାର ୦୬ ଜୁଲାଇ ୨୦୨୨ରେ ଭୋଟଗ୍ରହଣ ହୋଇଥିବାବେଳେ ସଂଧ୍ୟାରେ ଫଳାଫଳ ଘୋଷଣା କରାଯାଇଥିଲା। ନିର୍ବାଚନରେ ଜଗଦୀପ ଧନଖଡ଼ ୫୨୮ଟି ଭୋଟ ପାଇଥିବାବେଳେ ଆଲଭା ୧୮୨ଟି ଭୋଟ ପାଇଥିଲେ। ୧୫ଟି ଭୋଟ ନାକଚ ହୋଇଯାଇଥିଲା। ନିର୍ବାଚନରେ ମୋଟ ୭୮୦ (ରାଜ୍ୟସଭା ଓ ଲୋକସଭାକୁ ମିଶାଇ) ସାଂସଦଙ୍କ ମଧ୍ୟରୁ ୭୨୫ ଜଣ ସାଂସଦ ଅର୍ଥାତ ୯୩ ପ୍ରତିଶତ ଭୋଟ ଦେଇଥିଲେ। ତୃଣମୂଳ କଂଗ୍ରେସର ମୋଟ ୩୯ ସାଂସଦଙ୍କ ମଧ୍ୟରୁ ୩୭ ଜଣ ଭୋଟ ଦେଇନଥିଲେ ଓ ୨ ଜଣ ଭୋଟ ଦେଇଥିଲେ। ସେହିପରି ଶିବସେନା ଓ ସମାଜବାଦୀ ପାର୍ଟିର ୨ ଜଣ ଲେଖାଏଁ ସାଂସଦ ଓ ବିଏସପିର ଜଣେ ସାଂସଦ ଭୋଟ ଦେଇନଥିଲେ। ଅଗଷ୍ଟ ୧୦, ୨୦୨୨ ତାରିଖରେ ଉପରାଷ୍ଟ୍ରପତି ଭେଙ୍କିୟା ନାଇଡୁଙ୍କ କାର୍ଯ୍ୟକାଳ ଶେଷ ହେଉଥିବା ବେଳ । ଅଗଷ୍ଟ ୧୧, ୨୦୨୨ ତାରିଖରେ ଜଗଦୀପ ଧନକଡ ୧୪ ତମ ଉପରାଷ୍ଟ୍ରପତିଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି।

ଉପସ୍ଥାପନା-ଡ.ପ୍ରମୋଦ ଚନ୍ଦ୍ର ଦାଶ



ଆତ୍ମୀୟ ସ୍ୱଜନ ଓ ବନ୍ଧୁମାନେଯଦି ପାଖରେ ନାହାନ୍ତି, ତେବେ ବିରାଟ ରାଜପ୍ରସାଦ ମଧ୍ୟ ଶ୍ମଶାନ ଭଳି ମନେ ହବ। (କେଲେସ୍)

# ଭାରତର ନୂତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଉଦୟ ଉମେଶ ଲଲିତ

ଉଦୟ ଉମେଶ ଲଲିତ ଭାରତର ସର୍ବୋଚ୍ଚ ନ୍ୟାୟଳୟର ବିଚାରପତି ଭାବରେ ଅଗଷ୍ଟ ୨୭, ୨୦୨୨ ରେ ଦ୍ୱାୟିତ୍ୱ ଗ୍ରହଣ କରିଛନ୍ତି । ତାଙ୍କୁ ୧୦ ଅଗଷ୍ଟ ୨୦୨୨ ରେ ଭାରତର ରାଷ୍ଟ୍ରପତି ତାଙ୍କୁ ସର୍ବୋଚ୍ଚ ନ୍ୟାୟଳୟର ପ୍ରଧାନ ବିଚାରପତି ଭାବରେ ନିଯୁକ୍ତ କରିଛନ୍ତି । ଜଷ୍ଟିସ୍ ଲଲିତ ହେଉଛନ୍ତି ଷଷ୍ଠ ବରିଷ୍ଠ ଓକିଲ ଯିଏକି ସିଧାସଳଖ ସୁପ୍ରିମକୋର୍ଟକୁ ଉନ୍ନୀତ ହୋଇଛନ୍ତି । ସେ ୪୯ତମ ଭାରତର ମୁଖ୍ୟ ବିଚାରପତି ଭାବରେ ପଦଭାର ଗ୍ରହଣ କରିବା ପରେ ୮ ନଭେମ୍ବର ୨୦୨୨ ରେ ମାତ୍ର ୭୪ ଦିନ ଦାୟିତ୍ୱ ନିର୍ବାହ କରି ଅବସର ନେବେ ।



ସେ ୯ ନଭେମ୍ବର ୧୯୫୭ରେ ମହାରାଷ୍ଟ୍ରର ସୋଲାପୁରରେ ଜନ୍ମ ଗ୍ରହଣ କରିଛନ୍ତି । ସେ ସୋଲାପୁରରେ ହରିଭାଇ ଦେବକରଣ ହାଇସ୍କୁଲ ଏବଂ ଜୁନିୟର କଲେଜରେ ଶିକ୍ଷା ଗ୍ରହଣ ପରେ ସରକାରୀ ଆଇନ କଲେଜ, ମୁମ୍ବାଇରୁ ଆଇନରେ ସ୍ନାତକ ଗ୍ରହଣ କରିଛନ୍ତି । ସେ ୧୯୮୬ ରେ ଅମିତା ଉଦୟ ଲଲିତଙ୍କୁ ବିବାହ କରିଛନ୍ତି । ତାଙ୍କର ଦୁଇ ପୁଅ, ଶ୍ରେୟଷ ଓ ହର୍ଷଦ ଅଛନ୍ତି । ଶ୍ରେୟଷ ମଧ୍ୟ ଜଣେ ଓକିଲ ଭାବେ କାର୍ଯ୍ୟ କରୁଛନ୍ତି । ଅମିତା ୨୦୧୧ ରେ ନୋଇଡାରେ ମଣ୍ଟେସୋରି ଶିକ୍ଷା ଶୈଳୀ ଅନୁସରଣରେ ଷ୍ଟିମୂଲସ ସ୍କୁଲ ପ୍ରତିଷ୍ଠା କରିଛନ୍ତି ।

ଲଲିତ ଜୁନ୍ ୧୯୮୩ ରେ ମହାରାଷ୍ଟ୍ର ଏବଂ ଗୋଆ ବାର କାଉନ୍ସିଲରେ ଯୋଗ ଦେଇ ବମ୍ବେ ଉଚ୍ଚ ନ୍ୟାୟଳୟରେ ୧୯୮୫ ପର୍ଯ୍ୟନ୍ତ ଅଭ୍ୟାସ କରିଥିଲେ, ତା'ପରେ ୧୯୮୬ ରେ ଭାରତର ସୁପ୍ରିମକୋର୍ଟରେ ଅଭ୍ୟାସ ଆରମ୍ଭ କରିଥିଲେ । ୧୯୮୬ ରୁ ୧୯୯୨ ପର୍ଯ୍ୟନ୍ତ ଲଲିତ ଭାରତର ପୂର୍ବତନ ଆଟର୍ଣ୍ଣି ଜେନେରାଲ୍ ସୋଲି ସୋରାବଜୀଙ୍କ ସହ କାମ କରିଛନ୍ତି । ୨୯ ଏପ୍ରିଲ ୨୦୦୪ ରେ ଲଲିତଙ୍କୁ ସୁପ୍ରିମକୋର୍ଟର ଜଣେ ବରିଷ୍ଠ ଓକିଲ ଭାବରେ ନିଯୁକ୍ତି କରାଯାଇଥିଲା । ସେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯଥା ଜଙ୍ଗଲ, ଯାନବାହାନ ପ୍ରଦୂଷଣ ଏବଂ ଯମୁନା ନଦୀ ପ୍ରଦୂଷଣରେ ଆମିକସ୍ କ୍ୟୁରି ଭାବରେ ନିଯୁକ୍ତି ପାଇଛନ୍ତି ।

ଅଗଷ୍ଟ ୨୦୧୪ ପ୍ରେସ ଟ୍ରଷ୍ଟ ଅଫ୍ ଇଣ୍ଡିଆ ସମ୍ବାଦ ରିପୋର୍ଟରେ ଦର୍ଶାଯାଇଛି ଯେ ଲଲିତ ତାଙ୍କ ମାମଲା ଉପରେ ଯୁକ୍ତି ବାଢିବା ସମୟରେ ତାଙ୍କର ପ୍ରସ୍ତୁତି, ଧୈର୍ଯ୍ୟ ଏବଂ "ନିଷ୍ଠୁର ବ୍ୟବହାର" ପାଇଁ ଉଚ୍ଚ ଖ୍ୟାତି ଅର୍ଜନ କରିଛନ୍ତି । ଲଲିତ ଅନେକ ହାଇ-ପ୍ରୋଫାଇଲ୍ ଅପରାଧିକ ମାମଲା ଲଢିଛନ୍ତି ଏବଂ ତାଙ୍କ ଗ୍ରାହକମାନଙ୍କ ମଧ୍ୟରେ ସଲମାନ ଖାନ, ଅମିତ ଶାହ, ନଭଜୋତିସିଂହ ସିଧୁଙ୍କ ପରି ରାଜନେତା ଏବଂ ଚଳଚ୍ଚିତ୍ର ତାରକା ମଧ୍ୟ ରହିଛନ୍ତି ।

୨୦୧୧ ରେ ଜଷ୍ଟିସ୍ ଜି ଏସ୍ ସିଂଭି ଏବଂ ଏ.କେ ଗାଙ୍ଗୁଲିଙ୍କ ଏକ ସୁପ୍ରିମକୋର୍ଟର ଏକ ବେଞ୍ଚ ୨ଜି ସ୍ପେକ୍ଟ୍ରମ୍ ମାମଲାରେ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ର ସ୍ୱତନ୍ତ୍ର ସରକାରୀ ଓକିଲ ଭାବରେ ନିଯୁକ୍ତ ହୋଇଥିଲେ । ଏକ ଐତିହାସିକ ରାୟ ମଧ୍ୟରୁ ଗୋଟିଏ ହେଲା ଅଗଷ୍ଟ ୨୦୧୭ ର ପାଞ୍ଚ ଜଣିଆ ସମ୍ବିଧାନ ବେଞ୍ଚ ଯାହା ୩-୨ ସଂଖ୍ୟାଗରିଷ୍ଠତା ଦ୍ୱାରା ତତକ୍ଷଣାତ୍ 'ଟ୍ରିପଲ୍ ତାଲାକ୍' ମାଧ୍ୟମରେ ଛାଡପତ୍ର ପ୍ରଥାକୁ 'ଶୂନ୍ୟ','ବେଆଇନ୍' ଏବଂ 'ଅସାମ୍ବିଧାନିକ' ବୋଲି ଦର୍ଶାଇଥିଲେ ।

୧୦ ଜାନୁଆରୀ ୨୦୧୯ ରେ, ଜଷ୍ଟିସ୍ ଲଲିତ ଅଯୋଧ୍ୟା ବିବାଦ ମାମଲାର ଶୁଣାଣି ପାଇଁ ଗଠିତ ପାଞ୍ଚ ଜଣିଆ ବେଞ୍ଚରୁ ନିଜକୁ ଦୂରେଇ ରଖିଥିଲେ । ଟ୍ରାଭାନକୋର ରୟାଲ ପରିବାରର ୧୩ ଜୁଲାଇ ୨୦୨୦ ରେ ଶ୍ରୀ ପଦ୍ମନାଭ ସ୍ୱାମୀ ମନ୍ଦିର ପରିଚାଳନା କରିବାର ଅଧିକାରକୁ ସମର୍ଥନ କରିଥିବା ଦୁଇ ବିଚାରପତି ବେଞ୍ଚର ଅଂଶ ଥିଲେ ।

ତାଙ୍କର ନ୍ୟାୟିକ ଜୀବନରେ ବୃତ୍ତିଗତ ଶକ୍ତି'ମାମଲାର ପୁଙ୍ଖାନୁପୁଙ୍ଖତା, ଆଇନଗତ ପ୍ରଶ୍ନ ବ୍ୟାଖ୍ୟା କରିବାରେ ଧର୍ଯ୍ୟ ଏବଂ ବେଞ୍ଚ ସମ୍ମୁଖରେ ମାମଲା ଉପସ୍ଥାପନ କରିବାରେ ଚତୁରତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଉପସ୍ଥାପନା-ଡ.ପ୍ରମୋଦ ଚନ୍ଦ୍ର ଦାଶ



ଆବଶ୍ୟକତାଠାରୁ ଅଧିକ ସଂପତ୍ତି ମନୁଷ୍ୟକୁ ଦୁଃଖ ରାଜ୍ୟକୁ ଟାଣି ନିଏ । - ଟୁପର

# କହି ପାରିବେ ?



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ବହିଟି ସର୍ବପ୍ରଥମେ ପ୍ରକାଶ ପାଇଥିଲା ଏଡ଼ିନ୍‌ବରାରେ, ୧୭୬୮ ମସିହା ଡ଼ିସେମ୍ବର ୬ ତାରିଖରେ । ଦୀର୍ଘ ୨୫୦ ବର୍ଷଧରି ଏହା ପାଠକମାନଙ୍କ ନିକଟରେ ଅତ୍ୟନ୍ତ ଲୋକପ୍ରିୟ ରହିଆସିଥିଲା । କଅଣ ଥିଲା ବହିଟିର ବିଶେଷତ୍ୱ । ସେଥିରେ ସନ୍ନିବିଷ୍ଟ ଥିଲା ଅସଂଖ୍ୟ ତଥ୍ୟର ସଂକ୍ଷିପ୍ତ ସାର । ଲେଖାଥିଲା ଇଂରାଜୀ ଭାଷାରେ, ଇଂରାଜୀ ବର୍ଣ୍ଣମାଳାର ଅକ୍ଷରଗୁଡ଼ିକର କ୍ରମ ଅନୁସାରେ । ତଥ୍ୟ ଗୁଡ଼ିକର ନିର୍ଭୁଲ ସଂଜ୍ଞା ଥିଲା । ସେଥିରେ ଥିଲା ପ୍ରତ୍ୟେକ ତଥ୍ୟର ବ୍ୟାଖ୍ୟା । ସେଥିରେ ରହିଥିଲା ୨୫୦୦ଟି ପୃଷ୍ଠା । ୨୦୧୦ ମସିହାରେ ପ୍ରକାଶ ପାଇଥିଲା ତା'ର ପଞ୍ଚଦଶ ସଂସ୍କରଣ । ୩୨ ଖଣ୍ଡରେ ପ୍ରକାଶିତ ଏହି ସଂସ୍କରଣଟିର ମୋଟ ପୃଷ୍ଠା ସଂଖ୍ୟା ଥିଲା ୩୨,୬୪୦ । ତଥ୍ୟଗୁଡ଼ିକ ଯୋଗାଇଥିଲେ ୪୦୦୦ରୁ ଊର୍ଦ୍ଧ୍ୱ ଲେଖକ ଓ ସଂପାଦନା କରିଥିଲେ ୧୦୦ରୁ ଊର୍ଦ୍ଧ୍ୱ ସଂପାଦକ । ଏହି ସଂପାଦକମାନେ ପୂରାସମୟ ପାଇଁ କାମ କରିଆସିଥିଲେ । ଏହି ପୁସ୍ତକଟିକୁ ରଖିବା ରହି ଆସିଥିଲା ପ୍ରତ୍ୟେକ ପାଠାଗାରପାଇଁ ସମ୍ମାନର ପ୍ରଶ୍ନ । ଜାଣିରଖନ୍ତୁ ଯେ ସେହି ପଞ୍ଚଦଶ ସଂସ୍କରଣଟି ଥିଲା ସଂକଳନଟିର ସର୍ବଶେଷ ମୁଦ୍ରିତ ସଂସ୍କରଣ । କଅଣ ଥିଲା ଏହି ସଂସ୍କରଣ ? କହିପାରିବେ ତା'ର ନାଆଁ ? ଏହା ହେଉଛି "ଏନସାଇକ୍ଲୋପେଡ଼ିଆ ବ୍ରିଟାନିକା" ।

ଏହି ବ୍ରିଟାନିକା ବିଶ୍ୱକୋଷର ପ୍ରଥମ ସଂସ୍କରଣର ସଂକଳକ ଥିଲା ସ୍କଟଲ୍ୟାଣ୍ଡର ନେସନାଲ୍ ଲାଇବ୍ରେରୀ । ଏହା ସେତେବେଳେ ଜନସାଧାରଣଙ୍କ ପାଇଁ ଉନ୍ମୁକ୍ତ ଥିଲା । ସେଥିରେ ଏପରି ଏକ ଦ୍ରବ୍ୟର ବର୍ଣ୍ଣନା ଥିଲା, ଯାହା ଥିଲା ଏକ ବିଳାସ ସାମଗ୍ରୀ । ସେହି ସାମଗ୍ରୀ କିମ୍ବା ସେହି ସାମଗ୍ରୀରୁ ପ୍ରସ୍ତୁତ କୌଣସି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀକୁ ଆମଦାନୀ କରିବା ଥିଲା ନିଷିଦ୍ଧ । ଅବଶ୍ୟ ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଏହାକୁ ନିଜ ନିଜ ଘରେ ପ୍ରସ୍ତୁତ କରିବାରେ କୌଣସି ବାରଣ ନଥିଲା । ତେବେ ଏହାକୁ ପ୍ରସ୍ତୁତି କରିବା ପାଇଁ ସର୍ବନିମ୍ନ ତିନିଦିନ ପୂର୍ବରୁ ଅବକାରୀ ବିଭାଗରୁ ଅନୁମତି ନେବା ଥିଲା ବାଧ୍ୟତାମୂଳକ ଏବଂ ଥରକେ ୫୬ ପାଉଣ୍ଡ ବା ୨୫ କେ.ଜି ରୁ କମ୍ ପରିମାଣର ତିଆରି ମନା ଥିଲା । ସେତେବେଳେ ସିନା (୧୭୬୮ ମସିହା) ଏହାର ପ୍ରସ୍ତୁତି ଉପରେ ଏତେ ସବୁ କଟକଣା ଥିଲା, ଏବେ କିନ୍ତୁ ଯେକୌଣସି ସ୍ଥାନରେ ଏହା ଅତି ସହଜରେ ତଥା ଅତି ଶସ୍ତାରେ ମିଳିପାରୁଛି । ତେବେ ସେହି ସାମଗ୍ରୀଟି କଅଣ ? ସେହି ସାମଗ୍ରୀଟି ହେଉଛି ଚକୋଲେଟ୍ ।

ସେହି ପ୍ରଥମ ସଂସ୍କରଣଟିରେ ୬ଟିର ଉଲ୍ଲେଖ ଥିଲା । ସେତେବେଳକୁ ଅନ୍ୟଗୁଡ଼ିକ ଆବିଷ୍କୃତ ହୋଇନଥିଲା । ପ୍ରଥମଟି ଆବିଷ୍କୃତ ହେଲା ୧୭୮୧ ମସିହା ମାର୍ଚ୍ଚ ୧୩ ତାରିଖରେ । ତେଣୁ ଏହାର ଉଲ୍ଲେଖ ରହିଲା ବ୍ରିଟାନିକାର ସପ୍ତମ ସଂସ୍କରଣରେ । ଦ୍ୱିତୀୟଟି ୧୮୪୬ ମସିହା ସେପ୍ଟେମ୍ବର ୨୩ ତାରିଖରେ ଆବିଷ୍କୃତ ହେବା ଫଳରେ ସ୍ଥାନ ପାଇଗଲା ଅଷ୍ଟମ ସଂସ୍କରଣରେ । ତୃତୀୟଟିର ଆବିଷ୍କାର ହେଲା ୧୯୩୦ ମସିହା ଫେବୃଆରୀ ୧୮ ତାରିଖରେ । ତେଣୁ ତାହା ସ୍ଥାନ ପାଇଲା ବ୍ରିଟାନିକାର ନବମ ସଂସ୍କରଣରେ । କହିପାରିବେ କଅଣ ଥିଲା ଏହି ତିନିଟି ଆବିଷ୍କାର ? ଏହି ତିନିଟି ଥିଲା ଯଥାକ୍ରମେ ୟୁରାନସ୍ ଗ୍ରହ, ନେପଚ୍ୟୁନ୍ ଗ୍ରହ ଏବଂ ପ୍ଲୁଟୋଗ୍ରହ ।

ସେ ଜଣେ ପ୍ରଖ୍ୟାତ ପଦାର୍ଥ ବିଜ୍ଞାନୀ । ମାତ୍ର ତାଙ୍କ ଅସାଧାରଣ ସଫଳତାର ପଶ୍ଚାତରେ ଥିଲା ଏନସାଇକ୍ଲୋପେଡ଼ିଆ ବ୍ରିଟାନିକ । ୧୮୦୦ ଦଶକରେ ସେ କାମ କରୁଥିଲେ ଗୋଟିଏ ବହି ବନ୍ଧେଇ ଦୋକାନରେ । ସେତେବେଳେ ସେ କିଶୋର । ବହି ବନ୍ଧେଇ ପାଇଁ ଆସିଥିଲା ବ୍ରିଟାନିକ ତୃତୀୟ ସଂସ୍କରଣଟି । ତା'ର ପୃଷ୍ଠା ଓଲଟାଇବା ଅବସରରେ ସେହି କିଶୋର ଜଣକ ପଢ଼ିନେଇଥିଲେ "ବିଦ୍ୟୁତ ବା ଇଲେକ୍‌ଟ୍ରିସିଟି" ବିଷୟଟିକୁ । ଏହା ତାଙ୍କଠାରେ ବିଦ୍ୟୁତ ଚମକ ଭଳି ଚମକ ସୃଷ୍ଟି କରିପକେଇଲା । ପରବର୍ତ୍ତୀ ସମୟରେ ସେ ବିଦ୍ୟୁତ୍‌ଚୁମ୍ବକତ୍ୱ ବା ଇଲେକ୍‌ଟ୍ରୋ ମ୍ୟାଗ୍‌ନେଟିଜମ୍‌ର ନିୟମମାନ ଆବିଷ୍କାର କରିବାରେ ସଫଳକାମ ହୋଇପାରିଥିଲେ । ଜଣେ ବୈଜ୍ଞାନିକ ଭାବରେ ତାଙ୍କ ନାଆଁଟି ସ୍ଥାନିତ ହୋଇଗଲା ବ୍ରିଟାନିକ ଏକାଦଶତମ ସଂସ୍କରଣରେ । କହିପାରିବେ ସେହି ବିଖ୍ୟାତ ବିଜ୍ଞାନୀଙ୍କ ନାଆଁ ? ସେ ଥିଲେ ମାଇକେଲ୍ ଫାରାଡ଼େ ।

୧୯୧୫ ମସିହାର କଥା ଗୋଟିଏ କମ୍ପାନୀ ତାଙ୍କର ପ୍ରଧାନ ସାମଗ୍ରୀ ପାଇଁ ଏକ ନୂଆ ଡ଼ିଜାଇନ୍ ସଂପର୍କରେ ପ୍ରସ୍ତାବ ଦେବା ନିମନ୍ତେ ଜନସାଧାରଣଙ୍କୁ ଆହ୍ୱାନ ଜଣେଇଥିଲେ । ସେହି ସମୟରେ ରୁଟ ଗ୍ଲାସ୍ କମ୍ପାନୀ ନାମକ ଏକ କାଚ କାରଖାନାର ଜଣେ କର୍ମଚାରୀ ଏନ୍‌ସାଇକ୍ଲୋପେଡ଼ିଆ ବ୍ରିଟାନିକ ଏକାଦଶତମ ସଂସ୍କରଣରେ ପୃଷ୍ଠା ଓଲଟାଇ ଓଲଟାଇ ଗୋଟିଏ ପୃଷ୍ଠାରେ ଦେଖିବା ପାଇଁ ପାଇଲେ କୋକୋଫଳର ଚିତ୍ରଟିଏ । ଫଳରେ ଉପରି ଭାଗ ଥିଲା ପଞ୍ଜୁରା ସଦୃଶ ଏବଂ ଫଳରେ ମଝି ଅଂଶଟି ଥିଲା ପେଟୁଆ । ଏହି କୋକୋଫଳର ଅନୁକରଣରେ ଚିତ୍ରଟିଏ ଆଙ୍କି ଏହାକୁ ଡ଼ିଜାଇନ ଭାବେ ସେ ଦାଖଲ କରିଦେଲେ ବିଜ୍ଞାପନ ଦେଇଥିବା କମ୍ପାନୀ ନିକଟରେ । ବଡ଼ ଆଶ୍ଚର୍ଯ୍ୟର କଥା ଯେ କମ୍ପାନୀଟି ଏହି ଡ଼ିଜାଇନଟିକୁ ଗ୍ରହଣ କରିନେଲା ଓ ତାହା ଏବେ ସଚରାଚର ଦେଖିବାକୁ ମିଳୁଛି ଓ ଆପଣମାନଙ୍କ ହାତର ସ୍ପର୍ଶ ମଧ୍ୟ ପାଉଛି । କହିପାରିବେ କେଉଁ ଅତି ପରିଚିତ ସାମଗ୍ରୀଟି ଗଠିତ କୋକାଫଳର ଅନୁକରଣରେ ? ତାହା ହେଉଛି କୋକା-କୋଲା ବୋତଲ ।

**'ଅଭୀପ୍ସା', ସେକ୍ଟର-୬, ପ୍ଲଟ ନଂ-୧୧୩୧**
**ଅଭିନବ ବିଡ଼ାନାସୀ, କଟକ- ୭୫୩୦୧୪**



ଆରମ୍ଭରେ ଏନ୍ତୁଡିଶାଳ ଓ ଶେଷରେ ଶ୍ମଶାନ ହିଁ ସତ୍ୟ, ବାକି ଏହା ମଧ୍ୟରେ ଯାହା ରହିଲା ସେ ସବୁ ଅନିଶ୍ଚିତ । - ସେନେକା

# ଅତ୍ରିଙ୍କ ଆଶ୍ରମରେ ଶ୍ରୀରାମ



**ଡ. ଶରଚ୍ଚନ୍ଦ୍ର ମହାପାତ୍ର**

ଶ୍ରୀରାମ, ଜାନକୀ ଓ ଲକ୍ଷ୍ମଣ ଚିତ୍ରକୂଟ ପର୍ବତରେ ଅବସ୍ଥାନ କରୁଥିଲେ । କିନ୍ତୁ କେତେକ କାରଣରୁ ଚିତ୍ରକୂଟ ଛାଡ଼ିବାକୁ ପଡ଼ିଲା । ଶ୍ରୀରାମଙ୍କୁ ଫେରାଇ ନେବାପାଇଁ ଭରତ ଏଠାକୁ ଆସିଥିଲେ । କିନ୍ତୁ ସତ୍ୟବ୍ରତ ଶ୍ରୀରାମ ପିତୃସତ୍ୟ ପାଳନ କ୍ଷେତ୍ରରେ ଦୃଢ଼ ରହିଲେ ଓ ଅଯୋଧ୍ୟାକୁ ଫେରିଲେ ନାହିଁ । ଭରତ ନିରାଶ ମନରେ ଫେରିଗଲେ । ଏ ଦୃଶ୍ୟ ରାମଙ୍କ ମନରେ ବାରମ୍ବାର ଆସି ତାଙ୍କୁ ଆଘାତ ହେଲା । ପୁନଶ୍ଚ ଅସୁରମାନଙ୍କ ଉତ୍ପାତ ଭୟରେ ଶ୍ରୀରାମଙ୍କ ନିବାରଣ ସତ୍ତ୍ୱେ ଅନେକ ଋଷି ଏ ପର୍ବତ ତ୍ୟାଗକରି ଅନ୍ୟତ୍ର ଚାଲିଗଲେ । ପରିଶେଷରେ ଅଯୋଧ୍ୟାବାସୀଙ୍କ ସହ ଆସିଥିବା ହାତୀ ଓ ଘୋଡ଼ାଙ୍କ ମଳମୂତ୍ରରେ ଏ ସ୍ଥାନ ଅପବିତ୍ର ହୋଇଯାଇଥିଲା । ଏଣୁ ଶ୍ରୀରାମ ଏ ସ୍ଥାନ ପରିତ୍ୟାଗ କରି ଅନ୍ୟ କୌଣସି ଦୂରସ୍ଥାନ ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କଲେ ।

ତେବେ ପଥ ମଧ୍ୟରେ ପଡ଼ିଲା ଅତ୍ରି ମୁନିଙ୍କ ଆଶ୍ରମ । ଋଷିଙ୍କୁ ସମ୍ମାନ ଜଣାଇ ଶ୍ରୀରାମ ଆଶ୍ରମ ମଧ୍ୟରେ ପ୍ରବେଶ କଲେ । ମୁନି ତାଙ୍କୁ କୋଳାଗ୍ରତ କରି ଏବଂ ଅତି ସ୍ନେହରେ ଲକ୍ଷ୍ମଣ ଓ ସୀତାଙ୍କୁ ପାଛୋଟି ନେଇ ସେମାନଙ୍କର ସତ୍କାର କଲେ । ମୁନି ଅତ୍ରି ଓ ତାଙ୍କର ପତ୍ନୀ ଅନସୂୟା ଶ୍ରୀରାମଙ୍କ ଆଗମନର ବାର୍ତ୍ତା ପାଇ ତାଙ୍କୁ ସ୍ୱାଗତ ଜଣାଇବା ପାଇଁ ଆଗ୍ରହରେ ଅପେକ୍ଷା କରିଥିଲେ । ଅତ୍ରି ଅନସୂୟାଙ୍କ ସମ୍ପର୍କରେ କହିଲେ ଯେ ସେ କଠୋର ତପସ୍ୟା କରି ଅଲୌକିକ ଯୋଗ ଶକ୍ତିର ଅଧିକାରିଣୀ ଥିଲେ । ଥରେ ଦଶବର୍ଷ ଧରି ବର୍ଷା ହେଲାନାହିଁ । ସେ ନିଜର ଯୋଗଶକ୍ତି ବଳରେ ଫଳପୁଷ୍ପ ସୃଷ୍ଟିକରି ଅନ୍ୟମାନଙ୍କୁ ବଞ୍ଚାଇ ରଖିପାରିଥିଲେ । ଦେବତାଙ୍କର ଉପକାର ପାଇଁ ଦଶ ରାତିକୁ ଗୋଟିଏ ରାତିରେ ପରିଣତ କରିପାରିଥିଲେ । ଗଙ୍ଗାନଦୀର ଧାରକୁ ଆଣିପାରିଥିଲେ । ଶ୍ରୀରମଙ୍କ କହିବା ଅନୁଯାୟୀ ସୀତା ତାଙ୍କ ନିକଟକୁ ଯାଇ ପ୍ରଣାମ ଜଣାଇଲେ । ବାର୍ଦ୍ଧକ୍ୟ ଯୋଗୁଁ ଅନସୂୟାଙ୍କ ଶରୀର ଦୁର୍ବଳ ହୋଇପଡ଼ିଥିଲା ଓ ବାୟୁର ସ୍ପର୍ଶରେ ରମ୍ଭାବୃକ୍ଷ ଯେପରି ଥରିଉଠେ ତାଙ୍କର ଲୋଳିତ ଚର୍ମ ସେହିପରି ଥରିଉଠୁଥିଲା । କେଶ ଶ୍ୱେତବର୍ଣ୍ଣ ଧାରଣ କରିଥିଲା । ତେବେ ସୀତାଙ୍କୁ ସେ କୋଳାଗ୍ରତ କରି ପାଖରେ ବସାଇ ତାଙ୍କର ପ୍ରଶଂସା କଲେ । ସେ କହିଲେ ଯେ ସୀତା ଜଣେ ମହୀୟସୀ ନାରୀ ଯିଏ ରାଜପ୍ରାସାଦର ସୁଖ ସମ୍ଭୋଗ ତ୍ୟାଗକରି ସ୍ୱାମୀଙ୍କ ସହ ବନକୁ ଚାଲିଆସିଲେ । ପତିଙ୍କ ପ୍ରତି ଏଭଳି ଅନୁରକ୍ତା ସ୍ତ୍ରୀ ସଂସାରରେ ବିରଳ । ଏହା ସଙ୍ଗେ ସଙ୍ଗେ ସେ ସ୍ତ୍ରୀର ଧର୍ମ କ'ଣ ସେ ସମ୍ପର୍କରେ ବହୁତ କିଛି କହିଥିଲେ । ନାରୀ ପାଇଁ ପତି ଶ୍ରେଷ୍ଠ ଦେବତା । ସେ ଧନୀ ହୁଅନ୍ତୁ ବା ଦରିଦ୍ର ହୁଅନ୍ତୁ, ସେ ସୁନ୍ଦର ହୁଅନ୍ତୁ ବା ଅସୁନ୍ଦର ହୁଅନ୍ତୁ, ସବଳ ହୁଅନ୍ତୁ ବା ଦୁର୍ବଳ ହୁଅନ୍ତୁ ସ୍ତ୍ରୀର ଧର୍ମ ହେଉଛି ସେ ସ୍ୱାମୀଙ୍କୁ ଭକ୍ତି କରିବ । ପିତା, ମାତା ଭାଇ ଓ ଅନ୍ୟାନ୍ୟ ସ୍ୱଜନମାନଙ୍କର ସାହାଯ୍ୟ ସୀମିତ, ମାତ୍ର ପତିର ସ୍ନେହ ଓ ମମତାର ତୁଳନା ନାହିଁ । ଅନସୂୟାଙ୍କ ବଚନ ଶୁଣି ସୀତା ତାଙ୍କୁ କହିଲେ ଯେ ସେ ବିବାହ ପୂର୍ବରୁ ତାଙ୍କ ମାଆଙ୍କ ଠାରୁ ନାରୀର ଧର୍ମ ବିଷୟରେ ଏ ସବୁ ଶୁଣିଥିଲେ । ସାବିତ୍ରୀ, ଅରୁନ୍ଧତୀ ପ୍ରଭୃତି ନାରୀଙ୍କ ଜୀବନର ଆଦର୍ଶ କଥା ସେ ମଧ୍ୟ ଶୁଣିଥିଲେ । ଏହା ସହ ସେ ଶ୍ରୀରାମଙ୍କ ପ୍ରଶଂସା କରି କହିଲେ ଯେ ତାଙ୍କର ସ୍ୱାମୀ ମହାନ୍ ଅଟନ୍ତି ।

ସୀତାଙ୍କ କଥା ଶୁଣି ଅନସୂୟା ଅତ୍ୟନ୍ତ ଆନନ୍ଦିତା ହେଲେ । ସେ କହିଲେ ଯେ ତାଙ୍କର ଅନନ୍ୟ ଯୋଗଶକ୍ତି ଅଛି । ସୀତା ଯାହା ମାଗିବେ ତାହା ସେ ତାଙ୍କୁ ଦେଇପାରିବେ । ଏଣୁ ସୀତା ଇଚ୍ଛାନୁସାରେ  ବସ୍ତୁ ମାଗିପାରନ୍ତି ।

ମାତ୍ର ଜାନକୀ ଉତ୍ତର ଦେଲେ ଯେ ତାଙ୍କୁ ଦର୍ଶନ କରିବା ଓ ତାଙ୍କର ଉପଦେଶ ଶୁଣିବାର ସୌଭାଗ୍ୟ ସେ ଲାଭକଲେ । ଆଉ ଅଧିକ କ'ଣ ମାଗିବେ । ସୀତାଙ୍କ ନିର୍ଲୋଭତା ଦେଖି ଅନସୂୟା ମୁଗ୍ଧ ହୋଇଗଲେ ଏବଂ ଅନନ୍ଦର ସହ ତାଙ୍କୁ ନିଜର କନ୍ୟା ତୁଲ୍ୟା ମନେକରି ତାଙ୍କୁ ଅମ୍ଳାନ ବସ୍ତ୍ର, ଅଙ୍ଗରାଗ ଓ ହାର ଦେଲେ । ସୀତା ନିଜକୁ ତାଙ୍କର କନ୍ୟା ଭାବରେ ମନେକରି ଭକ୍ତିର ସହିତ ଏହାକୁ ଗ୍ରହଣ କଲେ ।

ଏହାପରେ ଅନସୂୟା ସୀତାଙ୍କର ଜୀବନ କାହାଣୀ ଓ ଶ୍ରୀରାମଙ୍କ ସହ ତାଙ୍କର ବିବାହ ବିଷୟରେ ଜାଣିବାକୁ ଚାହିଁଲେ । ସୀତା ନିର୍ମଳ ଭାବରେ ସମସ୍ତ ଘଟଣା ବର୍ଣ୍ଣନା କଲେ । କିପରି ଜନକ ତାଙ୍କୁ ଯଜ୍ଞଭୂମିକୁ ହଳ କରିବାବେଳେ ପାଇଥିଲେ, କନ୍ୟାଭଳି ଅତି ସ୍ନେହରେ ବଢ଼ାଇଥିଲେ ଓ  ପରେ ସ୍ୱୟମ୍ବରକରି ଶିବଧନୁ ଭାଙ୍ଗିଥିବା ଶ୍ରୀରାମଙ୍କ ସହ ବିବାହ ଦେଇଥିଲେ ଏହା ବର୍ଣ୍ଣନା କରିଥିଲେ ।

ଏହିଭଳି ବାର୍ତ୍ତାଳାପ ହେଉ ହେଉ କ୍ରମେ ରାତ୍ରିର ଅନ୍ଧକାର ମାଡ଼ିଆସିଲା । ଅନସୂୟା ସୀତାଙ୍କୁ ଅନୁରୋଧ କଲେ ଏ ଅମ୍ଳାନ ବସ୍ତ୍ର ଓ ଅଳଙ୍କାର ପରିଧାନ କରିବାକୁ । ସୀତା ତାଙ୍କର ଅନୁରୋଧରେ ଏସବୁ ପରିଧାନ କରି ଅତି ସୁନ୍ଦର ଦିଶିଲେ ।

ଏହାପରେ ସୀତାଙ୍କୁ ବିଶ୍ରାମ କରିବାକୁ ସେ ଅନୁମତି ଦେଲେ । ସୀତା, ରାମ ଓ ଲକ୍ଷ୍ମଣ ରାତ୍ରିରେ ବିଶ୍ରାମ କରି ପ୍ରାତଃକାଳରେ ଶଯ୍ୟାତ୍ୟାଗ କଲେ । ପ୍ରାତଃକର୍ମ ସମାପନ କରି ଋଷି ଓ ଋଷିପତ୍ନୀଙ୍କଠାରୁ ବିଦାୟ ନେଇ ଯାତ୍ରା ଆରମ୍ଭ କଲେ । ପଥ ମଧ୍ୟରେ ବିରାଧ ରାକ୍ଷସକୁ ବଧକରି ଋଷିମାନଙ୍କୁ ନିର୍ଭୟରେ ତପସ୍ୟା କରିବାକୁ ସୁବିଧା କରିଦେଇଥିଲେ ।

ମଙ୍ଗଳା ନଗର, ଖୋରଧା




ଆନନ୍ଦରେ ଆଖିରୁ ଯେଉଁ ଲୁହ ବିନ୍ଦୁ ଝରିପଡ଼େ, ତାକୁ ମୁକ୍ତା ସହିତ ତୁଳନା କରାଯାଇପାରେ । - ରିକ୍‌ଟର

# ବାପାଙ୍କ ଛାଇ



ଶିବ ମିଶ୍ର



ବାହା ହୋଇ ଆସିଲା ପରଦିନଠାରୁ ମଦୁଆ ସ୍ୱାମୀର ଗାଳି ଗୁଲଜ,ବିଧା, ଗୋଇଠା ଖାଇ କାନ୍ଦିକାନ୍ଦି ଆଖିର ଲୁହ ସହିତ ଦେହର ରକତ ବି ନିଗିଡି ଯାଇଥିଲା ନଖିନାନୀର। ଦିନ କେତେଟାରେ ତା'ରଡଉଲ ଡାଉଲ ଗୋରା ଦେହ ଶୁଖିଲା କେନ୍ଦୁକାଠ ଖଣ୍ଡେ ପରି ଦିଶୁଥିଲା। ସ୍ୱାମୀ ମଲାଦିନ କାନ୍ଦିବା ପାଇଁ ତା' ଆଖିରେ ଲୁହ ନଥିଲା। ସ୍ୱାମୀର ଶବ ପାଖରେ ବସି ଜଳକାଂକ ପରି ଚାହିଁ ଥରିଲା ହାତରେ ଆଉଁସି ଲାଗିଥିଲା। ମଲା ମଣିଷଟାର ଗୋଡ଼, ହାତ, ଦେହ, ମୁହଁ,ତା' ଛାତି ଫାଟି ଯାଉଥିଲା। ଅନ୍ତର ମନ୍ଥି ବିଦାରି ହୋଇଯାଉଥିଲା। ଛଟପଟ କଲବଲ ହେଉଥିଲା ତା'ମନ। ସ୍ୱାମୀର ଶବ ସାଂଙ୍ଗରେ ଗୋଟିଏ ଜୁଇରେ ଜଳି ପୋଡି ଶେଷ ହୋଇଯିବ ବୋଲି ଭାବୁ ଥିଲା ସିଏ। ହେଲେ ଗାଁ ଭାଇଙ୍କ ଚାରି କାନ୍ଧରେ ଶବ ମଶାଣିକୁ ଗଲାବେଳେ ତା' ଆଗରେ ଠିଆ ହୋଇଥିବା ବାଳୁତ ପୁଅର ମୁହଁକୁ ଦେଖି ପାଦ ଅଟକିଗଲା ଦାଣ୍ଡ ଦୁଆର ଏରୁଣ୍ଡି ବନ୍ଧ ଏ ପାଖରେ।

କେତେ ଦିନ ବା ମୁହଁ ପୋତି ସେଇ ଘର ଭିତରେ ରହିବ ସିଏ? ପୁଅ ପାଇଁ ପଦାକୁ ଗୋଡ଼ କାଢ଼ିଲା। ପିନ୍ଧା ଲୁଗା କାଢ଼ି ଅଣ୍ଟାରେ ଭିଡିଲା। ଦେହରୁ ଝାଳ ଝରେଇ ଖଟିଲା। ନିଜେ ପେଜ, ତୋରାଣି ପିଇ, ଜିଇଲା, ପୁଅକୁ ଦି'ଓଳି ଦି'ମୁଠା ଭାତ ଖୁଆଇଲା। ପାଠ ପଢ଼ାଇଲା। ପୁଅ ପଢିଲା। ସ୍କୁଲ ପଢା ପାର ହୋଇ କଲେଜ ପାହାଚ ଚଢିଲା।

ପୁଅର ପାଠ ପଢା ସରିଲା ବେଳକୁ ନଖିନାନୀର ମେରୁହାଡ ବଙ୍କା ହୋଇଯାଇଥିଲା। ତଳକୁ ଓହଳି ଯାଇଥିବା ମୁହଁ ଟେକି ନିତି ସଞ୍ଜ ବେଳେ ତୁଳସୀ ଚଉରା ମୂଳେ ବୃନ୍ଦାବତୀଙ୍କ ଆଗରେ ହାତ ଯୋଡି ସିଏ କଣ କହୁଥିଲା କେଜାଣି ପୁଅର ପାଠ ପଢ଼ା ସରୁ ତାକୁ ଚାକିରି ମିଳିଗଲା। ଯେଉଁଦିନ ପୁଅ କହିଲା ତାକୁ ରାଉଲକେଲାରେ କମ୍ପାନୀ ଚାକିରି ମିଳି ଯାଇଛି, ସେଦିନ ନଖିନାନୀର ଶୁଖିଲା ଚାଚଡା ଦିଶୁଥିବା ଫଟା ଓଠ ଧାରରେ ଟିକିଏ ହସ ଦିଶିଲା। ପୁଅ କହିଲା, କମ୍ପାନୀ ରହିବା ପାଇଁ ମୋତେ ଘର ଦେଇଛି ତୁ ମୋ ସାଙ୍ଗରେ ଚାଲେ ରାଉଲକେଲା ସେଇଠି ରହିବୁ। ଏ ଗାଁରେ ଆଉ କଣ ଅଛି ଯେ ଏଇ ଅନ୍ଧାର ଘରେ ପଡ଼ିଥିବୁ। ନଖିନାନୀ କହିଲା ମୁଁ ଏ ଘରକୁ ବୋହୂ ହେଇ ଆସିଥିଲି , ମଡ଼ା ହୋଇ ଯିବି। ତା' ଆଗରୁ ଏ ଘର ଛାଡ଼ି କୁଆଡେ ଯିବିନି। ଏଇଠି ଆମର କିଛି ଥାଉ କି ନଥାଉ ଏ ଘରର ଅନ୍ଧାର ଭିତରେ ତୋ ବାପାଙ୍କ ଛାଇ ଅଛି। ତାକୁ ଏକୁଟିଆ ଛାଡ଼ି ମୁଁ କେମିତି ଯିବି? ସିଏ ସିନା ମୋତେ ଛାଡ଼ି ପଳେଇଲେ ହେଲେ........

ପୁଅ, କେତେ କହିଲା, ବୁଝାଇଲା, ଅଭିମାନ କଲା ହେଲେ ନଖିନାନୀ ଘର ଛାଡିବାକୁ ରାଜି ହେଲାନି। ଗଲାନି ପୁଅ ଏକୁଟିଆ ଗଲା ରାଉଲକେଲା। ଦିନ ପରେ ଦିନ ଗଡ଼ିଲା, ମାସ ପରେ ମାସ ଚାରି ପାଞ୍ଚ ମାସ ଗଲା। ପୁଅ ଦଣ୍ଡେ ଘଡ଼ିଏ ପାଇଁ ଆସି ମାଆର ମୁହଁକୁ ଚାହିଁ ଦେଇ ଗଲାନି, କି ଟଙ୍କାଟିଏ ବି ଦେଲାନି। ପଡିଶା ଘରର ଲେଖା ଯୋଖା ଦିଅର ମଦନ, ନଖିନାନୀର ଦେଖାଶୁଣା କରୁଥିଲା। ଖାଇବାକୁ ଦେଉଥିଲା। ଏ ଗାଁ ଘର ଛାଡ଼ି ପୁଅ ପାଖକୁ ଯିବା ପାଇଁ ମଦନ କେତେଥର କହିଲା ହେଲେ ନଖିନାନୀ ମୁଣ୍ଡ ହଲେଇ ମନା କରିଦେଇଛି।

ସେଦିନ ନଖିନାନୀ ଆଡ଼ ଖରାକୁ ପିଠିକରି



ଆମେ ଜଣକୁ ଧନୀ ବା କ୍ଷମତାଶାଳୀ କରି ଦେଇପାରୁ, କିନ୍ତୁ ତାକୁ ଭଦ୍ର କରିବା ଆମ ପକ୍ଷରେ ସମ୍ଭବ ନୁହେଁ। - ଯେମସ୍

ଦାଣ୍ଡ ପିଣ୍ଡାରେ ବସିଥିଲା ବେଳେ ଗୋଟିଏ କାର୍ ଆସି ତା'ଦୁଆର ଆଗରେ ଅଟକିଲା। ନଖିନାନୀର ପୁଅ, ସେ କାର୍‌ରୁ ବାହାରି ଆସି ମାଆକୁ ମୁଣ୍ଡିଆ ମାରିଲାବେଳେ କହିଲା, "ମାଆ ତତେ ଏବେ ମୋ ସାଙ୍ଗରେ ଯିବାକୁ ପଡ଼ିବ। ତୁ ଆଉ ଏ ଘରେ ରହି ପାରିବୁନି। ପଡ଼ୋଶୀ ଘରର ମଦନ ଦାଦାକୁ ମୁଁ ଏ ଘର ବିକ୍ରି କରି ଦେଇଛି। ଏ ଘର ତାଙ୍କର ହୋଇଯାଇଛି।" ନଖିନାନୀ ତାଟକା ହୋଇ ପୁଅ ମୁହଁକୁ ଚାହିଁ ରହିଥିଲା। ତା'ତୁଣ୍ଡରେ କଥା ନଥିଲା। ପୁଅ କହିଲା "ଚାହୁଁଛୁ କଣ ? ଏ ଘର ଆଉ ଆମର ନୁହେଁ। ମଦନ ଦାଦାଙ୍କର।" ଏବେ ନଖିନାନୀ କହିଲା, "ଜାଣିଲି, ମୁଁ ସବୁ ଜାଣିଲି। ମୋତେ ଭାତ ମୁଠେ ମୁଠେ ଦେଇ ତତେ ଫୁସୁଲା ଫୁସୁଲି କରି ସେ ମଦନା ବଦମାସ୍ ଆମ ଘର ଖଣ୍ଡିକ ଅକ୍ତିଆର କରି ଦେଇଛି।" ପୁଅ କହିଲା, "ମଦନ ଦାଦା ଅକ୍ତିଆର କରିନାହାନ୍ତି। ମୁଁ ତାଙ୍କ ଠାରୁ ଟଙ୍କା ନେଇ ଏ ଘର ତାଙ୍କ ନାଁ ରେ କରିଦେଇଛି। ତୁ ଚାଲେ ଆଉ ଡ଼େରି କରେନା। ଆଜି ଦିନଟା ମୁଁ ଛୁଟି ନେଇ ଆସିଛି, ତୋତେ ନେଇ ଯିବା ପାଇଁ।"

ନଖିନାନୀର ହାତ ଧରି , ତା'ପୁଅ ପାହାଚ ଓହ୍ଲାଇଲାବେଳେ କହିଲା, " ଏ ଘରେ ଆମର ଯାହା ଜିନିଷ ଅଛି ମଦନ ଦାଦା ସେ ସବୁ ନେଇ ରାଉଲକେଲାରେ ଆମକୁ ଦେଇ ଆସିବେ। ମୁଁ ତାଙ୍କୁ କହିଦେଇଛି, ତୁ ଚାଲେ।" ଘର ଛାଡି ଯିବା ପାଇଁ ଅମଙ୍ଗ ହେଉଥିବା ପାଦକୁ ଘୋଷାରି ଘୋଷାରି ଗଲାବେଳେ କେଜାଣି କୋଉଠୁ ଆସିଲା, ନଖିନାନୀର ଆଖିରୁ ଝରିଗଲା ଦି ଧାର ଲୁହ। ତା'ପର ଦିନ ସଞ୍ଜ ବେଳକୁ ପଡ଼ିଶା ଘରର ସେହି ଦିଅର ମଦନ ଯାଇ ପହଞ୍ଚିଲା ରାଉଲକେଲାରେ। ତାକୁ ଦେଖି ନଖିନାନୀ କହିଲା, "ଘର ତ ନେଲ ଆଉ କ'ଣ ପୁଣି ନେବାକୁ ଆସିଲ ? ମତେ ଭାତ ଗଣ୍ଡେ ଦେଇ ତମେ ଭଲ ଫିକର କଲ।'' ମଦନା କହିଲା, "ଭାଉଜ ଶୁଣ, ମୁଁ ତମ ଘର ନେବି ବୋଲି ତମକୁ ଖାଇବାକୁ ଦଉନଥିଲି। ତମ ପୁଅ ମୋ ପାଖକୁ ଟଙ୍କା ପଠାଉଥିଲା। ତମର ଦେଖା ଶୁଣା କରିବା ପାଇଁ କହିଥିଲା। ଏବେ ବି ମୁଁ କିଛି ନେବା ପାଇଁ ଅସିନି ଆସିଛି ଦେବା ପାଇଁ। ହେଇଟି ତମ ଘରର ଚାବି ନିଅ। ମୁଁ ସେ ଘର କିଣିନି, କି ତମ ପୁଅ ବିକିନି। ତମ ଘର, ତମର ହୋଇଅଛି।'' ସେତିକି ବେଳକୁ ନଖିନାନୀର ପୁଅ ଘରକୁ ଆସିଲା। ନଖିନାନୀ ପୁଅକୁ ପଚାରିଲା, "ତୁ ଘର ବିକି ଦେଇଛୁ ବୋଲି ମୋତେ ମିଛରେ କାହିଁକି କହିଲୁ ?'' ପୁଅ କହିଲା, 'ତତେ ସେ ଘରୁ ମୋ ପାଖକୁ ଆଣିବା ପାଇଁ।' ଗାଁର ସେ ଘର ବିକିବାକୁ ମୁଁ କିଏ ? ସେ ଘରେ ବାପାଙ୍କ ଛାଇ ଅଛି ପରା। ପୁଅର ମୁହଁକୁ ପଣତ କାନିରେ ପୋଛି ଦେଲାବେଳେ ନଖିନାନୀ କହିଲା, "ଶୁଣମୁଁ ମଲାବେଳେ ମୋ ତୁଣ୍ଡରେ ଗଙ୍ଗା ପାଣି ଦେବା ଆଗରୁ ମତେ ଯେମିତି ହେଲେ ବି ସେ ଘରକୁ ନେଇ ଯିବୁ। ମୋ ପିଣ୍ଡରୁ ପ୍ରାଣ ଛାଡ଼ିଲା ବେଳେ। ସେଇ ଅନ୍ଧାର ଘରେ ମୁଁ ଦେଖୁଥିବି ତୋ ବାପାଙ୍କ ଛାଇ।"

**ବାଣପୁର, ଖୋରଧା**
**ମୋ-୯୮୫୩୭୦୦୧୮**

# ଚିକିଟି ମାଟିର ଅବିସ୍ମରଣୀୟା ପ୍ରତିଭାସଂପନ୍ନା ଅନ୍ନପୂର୍ଣ୍ଣା ଦେବୀ

**ଶ୍ରୀଯୁକ୍ତ ବ୍ରଜକିଶୋର ଦାସ**

ଗଞ୍ଜାମ ଜିଲ୍ଲାର ଚିକିଟି ମାଟିର ପ୍ରତିଭା ସଂପନ୍ନା ନାରୀ ଲେଖିକା, କବୟତ୍ରୀ ୧୮୮୩ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ଜଣେ କବୟତ୍ରୀ ହେବାର ପ୍ରତିଜ୍ଞାନେଇ ସେ କିଶୋରୀ ଜୀବନରୁ ସଂଗ୍ରାମିନୀ ସାଜିଥିଲେ। ୧୯୦୪ ରେ ତାଙ୍କର ବହୁ କବିତା "ପଦ୍ୟମାଳା" (୨ୟ ଭାଗ)୧୯୦୫ ରେ ପ୍ରକାଶ ପାଇଥିଲା ଏଥିରେ ଭକ୍ତି ପ୍ରାର୍ଥନା, ବ୍ରହ୍ମ ପ୍ରାର୍ଥନା, ପ୍ରଭୃତି ସ୍ତବ କବିତା ମାନ ସ୍ଥାନିତ ହୋଇଥିଲା । "ପକ୍ଷୀଘର" ପୁସ୍ତକ ତାଙ୍କ "ପକ୍ଷୀଘର" ଓ ଭକ୍ତି ପ୍ରାର୍ଥନା ନାମରେ ଦୁଇ ଭାଗରେ ବିଭକ୍ତ । ତାଙ୍କର ବହୁ କବିତା ଅପ୍ରକାଶିତ ଅବସ୍ଥାରେ ମଧ ରହିଯାଇଛି । ସହକାର, ସମ୍ବଲପୁର ହତୈଷିଣୀ ଆଦି ପତ୍ରିକାରେ ତାଙ୍କର ଲେଖାମାନ ଧାରାବାହିକ ଭାବରେ ପ୍ରକାଶିତ ହେଉଥିଲା । ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ସାହୁଙ୍କ ଦ୍ୱାରା ପ୍ରତିଷ୍ଠିତ ସହକାର ପତ୍ରିକା କିଛିଦିନ ପାଇଁ ଅନ୍ନପୂର୍ଣ୍ଣା ଦେବୀଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ଜଣେ ନାରୀକବି ସଂପାଦିକା, ସାହିତ୍ୟ ଉପାସିକା ଭାବରେ ଅନ୍ନପୂର୍ଣ୍ଣା ଦେବୀ ଗଞ୍ଜାମ ଜିଲ୍ଲା, ଚିକିଟି ଗ୍ରାମର ଏବଂ ଜନ୍ମଭୂମି ଓଡିଶାର ଗର୍ବ ଓ ଗୌରବ ଥିଲେ । ସେହି ମାଟିରେ ଆଜିର ନାରୀ ଲେଖିକାମାନଙ୍କ ପାଇଁ ସେ ଅବିସ୍ମରଣୀୟା, ସାରସ୍ୱତ ସାଧିକା ଭାବରେ ଚିର ପୂଜ୍ୟା , ଅଭିନନ୍ଦନୀୟା। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପାରିବେ ବହୁ ସ୍ୱନାମଧନ୍ୟା କବୟିତ୍ରୀ ।

**କଳଦିଆ, ନମୌଜା, ଆଳି, କେନ୍ଦ୍ରାପଡ଼ା,**
**ଦୂରଭାଷ-୯୭୭୭୭୩୩୦୪୪**

# ଗ୍ରାମାଞ୍ଚଳର କୌତୁକ ପ୍ରଶ୍ନୋତ୍ତର - ଆଦ୍ୟାଶା ପ୍ରିୟଦର୍ଶିନୀ



**ଆଗକାଳରେ ସହରଠାରୁ ଗ୍ରାମାଞ୍ଚଳ ଓ ପୁରପଲ୍ଲୀମାନଙ୍କରେ ପ୍ରଚଳିତ ଢଗଢ଼ମାଳି, କୌତୁକ ପ୍ରଶ୍ନ ଓ ଉତ୍ତର ଲୋକମାନଙ୍କ ମୁହଁରୁ ଆଉ ଶୁଣିବାକୁ ମିଳୁ ନାହିଁ ।**

୧. ସରୁ ସରୁ ଝାଟି ପିତଳର ଘର, ସ୍ୱର୍ଗଲୋକେ ବାଣ ମାଇଲେ ଲଙ୍କାଗଲା ଫାଟି । **ଉ- କପା**

୨. ଅଗଣା ନ ପଶୁଣୁ ମୂଳ ପଶିଲା, ମୂଳ ପଶୁ ସବୁ ପଶିଲା । ଉ- ଶଙ୍ଖ

୩. ଅଗଣା ନ ପଶୁଣୁ ମୂଳ ପଶଲା, ହଲେଇ ହଲେଇ ବାହାର କଲା, ତହିଁରୁ ଯାହା ବାହାର ହେଲା, ସବୁ ଦେବତାଙ୍କ ଆହାର ହେଲା । **ଉ- ଦହି, ଖୁଆ, ଲହୁଣୀ, ଘିଅ**

୪. ଅଲିପା ରାଜ୍ୟରେ ଅଜିଭା ରାଜା, ମୁଣ୍ଡ ନଥିବା ମିସ୍ତ୍ରୀକୁ କହୁଛି, ଲାଞ୍ଜ ନଥିବା ଜନ୍ତୁକୁ, ଗୋଡ଼ ନଥିବା ଜୀବ ଖାଉଛି । **ଉ- କଙ୍କଡ଼ା, ବେଙ୍ଗ**

୫. ଅଛଇ ହଜାର ଆକ୍ଷି ସେ ଇନ୍ଦ୍ର ନୁହେଁ, ଧରେ ଶିବ ନାମ ଶଙ୍କର ନୁହେଁ, ଭକ୍ଷଇ ସରପ ଗରୁଡ଼ ନୁହେଁ, ଅତି ନୃତ୍ୟକାରି ଗନ୍ଧବ ନୁହେଁ । **ଉ- ମୟୂର**

୬. ଆହାକି ସୁନ୍ଦର ବିଧାତା ଘର, ଘର ନାହିଁ ଜୀବ ଦ୍ୱାର ବିହାର, ରହଇ ସେ ସଦା ନିରାହାରରେ , ବଳଦାନ ହେଲେ ଆସେ ବାହାରେ । **ଉ- ଡ଼ିମ୍ବ**

୭. ଆରେ ଭେଣ୍ଡିଆ ଫୁଲଫୁଟି ଅଛି କେଉଁ ମୁଣ୍ଡିଆ, ଆହେ ଗୋସାଇଁ ଫୁଲ ଫୁଟି ଅଛି ପତର ନାହିଁ । **ଉ- ଜହ୍ନ**

୮. ଏଣୁ ଆସୁଛନ୍ତି ବାପ ପୁଅ ଦୁହେଁ, ତେଣୁ ଆସୁଛି ଏକା, ବାପା ଯାହାକୁ ନମସ୍କାର ପୁଅ ଗୋଡ଼ତଳେ ପକା । **ଉ- ବାସୁଦେବ, କୃଷ୍ଣ ଉଗ୍ରସେନ**

୯. ଏଣୁ ମାଇଲେ କାଣ୍ଡେ, ଗଲା ବାଣପୁର ଦାଣ୍ଡେ, ବାଣପୁର ଲୋକ ହୋଇଲେ ସାକ୍ଷୀ, କାହାର ଅଛି ଗୋଟିଏ ଆଖି । **ଉ- ଲେଖକ**

୧୦. କାଳିଆ କାଳିଆ ଗାଈ ଦୁଇଟି କାଳିଆ ଘାସ ଖାଆନ୍ତି, ପୋଖରୀରେ ପାଣି ପିଇ ଦୋକରିରେ ଶୁଅନ୍ତି । **ଉ- କତୁରି କ୍ଷୁର**

୧୧. ଏତେବଡ଼ ଖଟ ପଡ଼ିଛି, କେହି ଶୋଇବାକୁ ନାହିଁ, ଏତେବଡ ଭେଣ୍ଡା ମରିଛି, କେହି କାନ୍ଦିବାକୁ  ନାହିଁ, ଏତେବଡ଼ ଫୁଲ ଫୁଟି, କେହି ତୋଳିବାକୁ ନାହିଁ । **ଉ- ପାଣି, ହେଁସ, ଜହ୍ନ**

୧୨. କାଳିଆ ନୁହେଁ ସେ କୋରଡ଼େ ପଶେ, ପରହାତେ ଥାଇ ବଇରି ନାଶେ । **ଉ- ଖୁର**

୧୩. କଞ୍ଚାରେ ନତପତ ପାଚିଲେ ଟାଣ । **ଉ-ଚୁଲି**

୧୪. କଟକରୁ ଆଣିଲା ଲାଲ ଘୋଡ଼ା, ଏକା ବିଆଣକେ ହେଲା ବୁଢ଼ା । **ଉ- କଦଳୀ ଗଛ**

୧୫. ଗଣ୍ଠି ଗଣ୍ଠିଆ ତା ମୂଳରେ ବାଳ, ଖାଇଲେ ପାଟିରୁ ବୁହଇ ଲାଳ । **ଉ- ଆଖୁ**

୧୬. ଗଛ ମହାମେରୁ ପତର ସରୁ, ତା ପୁଅ ନା ବାଙ୍କିଆ ମେରୁ । **ଉ- ତେନ୍ତୁଳି, କଇଁଆ**

୧୭. ଗୋଡ଼ ନାହିଁ ମୁଣ୍ଡ ନାହିଁ ଅଛି ତାର ହାଡ଼, ବାହୁ ବକ୍ଷ ଅଛି ତାର ରୂପେ ଗୁଣେ ବଡ଼, ଦେଖିବାକୁ ନାହିଁ ତାର ହାତରେ ଆଙ୍ଗୁଳି, କିସ ଏହା କହ ମାନୁ ମନେ ମନେ ଭାଳି । **ଉ- ରଥ**

୧୮. ଚଉଦ ଚରଣ ଦ୍ୱାଦଶ ନୟନ ପାଞ୍ଚ ମୁଣ୍ଡ ଜିଭ ଚାରି, କେଉଁ ଚିତ୍ରାକାର କରିଯାଇଛନ୍ତି ତୁମେ କହ ବିଚାରି । **ଉ- ଗଜ, କୁମ୍ଭୀର, ବିଷ୍ଣୁ, ଲକ୍ଷ୍ମୀ, ଗରୁଡ଼**

୧୯. ଚମ ଚମ ଚମକାଇଲା, ଚମ ଚାରିପଟେ ବାଳ, ଚମକୁ ମାଇଲେ ଚମ ମରିଯାଏ, ନ ମାଇଲେ ଚମ୍ଭ ପାଣି ବୋହିଲା । **ଉ- ଆଖି**

୨୦. ଗିଳଇ ମନୁଷ୍ୟ କରଇ ବାନ୍ତି, କହିଦେବ ଏହା କେମନ୍ତ ଜାତି । **ଉ- ସାର୍ଟ**

୨୧. ଗାଈ ଶୋଇଛି, ପଘାଟା ଚରିଚରି ଯାଉଛି । **ଉ- କଖାରୁ ଡ଼ଙ୍କ**

୨୨. ମାମୁ ଘରେ ଗୋଠେ ଗାଈ , ରାତି ପାଇଲେ ଗୋଟେ ନାହିଁ । **ଉ- ତାରା**

୨୩. ଚୋର ପଶିଗଲେ ବାଳନା ଦେଶରେ, ହସ୍ତିନା ଦେଶରେ ଧଇଲେ, କାଠ ପ୍ରଦେଶରେ ବିଚାର କରିଣ ନକ୍ଷତ୍ର ଦେଶରେ ମାଇଲେ । **ଉ- ମୁଣ୍ଡ, ଉକ୍କୁଣି, ପାନିଆଁ**

୨୪. ଜୀବନ୍ତେ ମଉନ ଯେହ୍ନୁଁ, ମଲେ ଶଦ୍ଦ କରେ, ଦେହରେ ନଥାଏ ଚର୍ମ, ଲୋଡ଼ା ମଙ୍ଗଳରେ । **ଉ- ଶଙ୍ଖ**

୨୫. ଛଟା ଗୋଡ଼ କୋଡ଼ିଏ ଆଖି, କରେ ଡ଼ିମ୍ବ ନଥାଏ ପକ୍ଷି । ଉ- ଉକ୍କୁଣି

୨୬. ମାଆ ପୁଅ ଦୁହେଁ ଖେଳନ୍ତି ନିତି ସବୁରି ଘରେ, କି ଧନୀ କି ଅବା ଗରିବ ନଭାବନ୍ତି ମନରେ, ଖେଳି ଖେଳି କ୍ଷୀଣ ହୁଅନ୍ତି ତାଙ୍କ ହୃଦ ନିରସ, ମଙ୍ଗଳେ ହୁଅନ୍ତି ବରଣ କହେ ସେ ଦୁହେଁ କିସ । **ଉ- ଶିଳ ଶିଳପୁଆ**

୨୭. ବିଭୁତି ଭୂଷଣ ଜଟାଧାରୀ, ବାବୁ ଶୋଇଛନ୍ତି ପାଳପାରି । **ଉ- ପାଣି କଖାରୁ**

୨୮. ଅଙ୍କା ବଙ୍କା ପୁଅ ଚାଦୁଆ, ମା' ଶଳଖା, ନାତିତୋକା ଅତି ତରକା । **ଉ- ଖଡ଼ା**

୨୯. ଧାଇଁ ଧାଇଁ ଗଲି । **ଉ- ଖଡ଼ା**

୩୦. ତୁ ଥିବୁ ଜଳେ, ମୁ ଥିବି ଡ଼ାଳେ, ଭେଟାଭେଟି ହେବା ରୋଷେଇଶାଳେ । **ଉ- ମାଛ ଓ ଓଉ**

୩୧. ରକତ ଟଳମଳ ଖଇର ପାଞ୍ଚ ଫଳ, କହଲୋ ସାଧବାଣୀ ଏ କେଉଁ ଦେଶର ଫଳ । ଉ- କାଇଁଚ



ଏହାଦ୍ୱାରା ବହୁ ଭଲ କାମ କରି ହେଉଥିଲେ ମଧ୍ୟ, ଏହାର ଆଧିକ୍ୟ ମନୁଷ୍ୟକୁ ବିପଦ ଆଡ଼କୁ ଟାଣିନିଏ । - ବୋରୀ

# ସ୍ଥିର ବୁଦ୍ଧି (ସ୍ଥିତ ପ୍ରଜ୍ଞ)



ଶ୍ରୀ ନୀଳକଣ୍ଠ ତ୍ରିପାଠୀ

ସମୟକୁ ଚାରିଯୁଗରେ ଭାଗ କରାଯାଇଛି ? ସେଗୁଡ଼ିକ ହେଲା- ସତ୍ୟ, ତେତ୍ରୟା, ଦ୍ୱାପର ଓ କଳି । ସମୟଚକ୍ର ଅବିରାମ ଗତିରେ ଘୂରୁଥାଏ । ଦ୍ୱାପର ଯୁଗ ଶେଷ ହୋଇ ଆସୁଛି । ହସ୍ତିନାରେ ଶାନ୍ତନୁଙ୍କର ଶାସନ ସରିଯାଇଛି । ରାଜା ପଣ୍ଡୁଙ୍କର ମୃତ୍ୟୁପରେ ରାଜଗାଦିରେ ଧୃତରାଷ୍ଟ୍ର ଆସୀନ ହୋଇଥାନ୍ତି । ପଣ୍ଡୁଙ୍କର ପାଞ୍ଚପୁଅ ଓ ଧୃତରାଷ୍ଟ୍ରଙ୍କର ଶହେ ପୁଅଙ୍କ ମଧ୍ୟରେ ସିଂହାସନ ଅଧିକାରକୁ ନେଇ କଳିଝଗଡ଼ା ସଦାବେଳେ ଚାଲିଥାଏ । ଅବଶେଷରେ ପାଣ୍ଡବମାନେ ଓ କୌରବ ଗଣ କୁରୁ କ୍ଷେତ୍ରରେ ଯୁଦ୍ଧ ପାଇଁ ଉପସ୍ଥିତ ହୋଇଗଲେ । ଉଭୟେ ଶଙ୍ଖ ଧ୍ୱନି ଦେଇ ଯୁଦ୍ଧ ଆରମ୍ଭର ସୂଚନା ଦେଲେ । ଏହି ସମୟରେ ତୃତୀୟ ପାଣ୍ଡବ ମହାଯୋଦ୍ଧା ଧନୁଶସ୍ତ୍ରରେ ପାରଙ୍ଗମ ଅର୍ଜୁନ ଅସ୍ଥିର ଓ ବିଚଳିତ ହୋଇ ପଡ଼ିଲେ । ତାଙ୍କର ରଥରେ ସାରଥି ଭଗବାନ ଶ୍ରୀକୃଷ୍ଣ ଙ୍କୁ ପ୍ରାର୍ଥନା କଲେ । ହେ କେଶବ ଏ ଯୁଦ୍ଧର ପରିଣତି ଭୟାବହ, ଏଥିରେ ବହୁ ଧନ ଜୀବନ ନଷ୍ଟ ହୋଇଯିବ । ତେଣୁ ଯୁଦ୍ଧ ଆରମ୍ଭ ପୂର୍ବରୁ ମୁଁ ଚାହେଁ ଏ ଯୁଦ୍ଧରେ କେଉଁମାନେ ଆମ ବିରୁଦ୍ଧରେ ଯୁଦ୍ଧରେ ଯୋଗଦାନ ଦେଇ ପ୍ରାଣ ବିସର୍ଜନ କରିବାକୁ ଆସିଛନ୍ତି, ଦେଖିବାକୁ ମୋର ପ୍ରବଳ ଉତ୍କଣ୍ଠା ଜାତ ହେଉଛି, ଆପଣ ମୋର ରଥକୁ ଦୁଇ ସେନା ମଧ୍ୟରେ ରଖନ୍ତୁ ।

ଶ୍ରୀକୃଷ୍ଣ ଅର୍ଜୁନଙ୍କ ମନରେ ଆସିଥିବା ଦୁର୍ବଳତାକୁ ଲକ୍ଷ୍ୟକରି ରଥକୁ ନେଇ ଦୁଇ ସେନାଙ୍କ ମଧ୍ୟରେ ସ୍ଥାପନ କଲେ ଓ ମାୟା ମୋହରେ ଦ୍ରବୀଭୂତ ହୋଇଥିବା ଅର୍ଜୁନଙ୍କର ମନକୁ ଦୃଢ଼ କରିବା ପାଇଁ ବହୁ ଉପଦେଶମାନ ଦେବାକୁ ଆରମ୍ଭ କଲେ । ସେହି କଥୋପକଥନ ମଧ୍ୟରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ ବିଭିନ୍ନ ପ୍ରକାର କଥା ଶୁଣିଶୁଣି ବିଚଳିତ ହୋଇଯାଇଥିବା ତୁମର ବୁଦ୍ଧି ଯେତେବେଳେ ଭଗବାନ ପରମାତ୍ମାଙ୍କଠାରେ ଅଚଳ ଓ ସ୍ଥିର ହୋଇଯିବ ସେତେବେଳେ ତୁମେ ଯୋଗପ୍ରାପ୍ତ ହୋଇଯିବ ଅର୍ଥାତ ପରମାତ୍ମା ସହିତ ନିତ୍ୟ ସଂଯୋଗ ହୋଇଯିବ । ଅର୍ଜୁନ ବଡ଼ ଜିଜ୍ଞାସୁ ଥିଲେ ସେ ପୁଣି ଶ୍ରୀକୃଷ୍ଣଙ୍କୁ ପଚାରିବାକୁ ଲାଗିଲେ ; ହେ କେଶବ ସ୍ଥିର ବୁଦ୍ଧି ସଂମ୍ପନ୍ନ ପୁରୁଷମାନଙ୍କର ଲକ୍ଷଣ କଣ ସେମାନେ କିପରି ବାର୍ତ୍ତାଳାପ, କିପରି ଆଚରଣ କିପରି ବ୍ୟବହାର କରନ୍ତି, ମୋତେ ବୁଝାଇ ଅର୍ଜୁନଙ୍କର ଏହିସବୁ ପ୍ରଶ୍ନର ଉତ୍ତର ଶ୍ରୀକୃଷ୍ଣଙ୍କ କଥିତ ଗୀତାର ସାଂଖ୍ୟଯୋଗରେ ୫୫ ଶ୍ଳୋକରୁ ୭୨ ଶ୍ଳୋକରେ ଲିପିବଦ୍ଧ ହୋଇଛି । ଆମେ ଯଦି ତାହାକୁ ପୁଙ୍ଖାଂନୁପୁଙ୍ଖ ଭାବରେ ଅଧ୍ୟୟନ କରିବା ଓ ମାନସିକ ସ୍ତରରେ ଚିନ୍ତନ କରିବା ସେଥିରୁ ଉପଲବ୍ଧି କରିବା ଯେ ସ୍ଥିତପ୍ରଜ୍ଞ ଲୋକ ହେବାକୁ ହେଲେ ଆମେ ନିରନ୍ତର କଣ ସବୁ ଅଭ୍ୟାସ କରିବାକୁ ପଡ଼ିବ ।

ପ୍ରଥମରେ ଆମେ ସମସ୍ତ ଭୋଗଲାଳସା ତ୍ୟାଗ କରିବା । ଯେଉଁ ବ୍ୟକ୍ତି କାମନା ବା ବାସନାଠାରୁ ଦୂରରେ ରହିଅଛି, ତାହାର ମନ ଆତ୍ମା ସନ୍ତୋଷରେ ମଗ୍ନ ହୋଇଯାଏ ଓ ତାହାର ଆତ୍ମା ଶୁଦ୍ଧ ଦିବ୍ୟ ଚେତନା ପ୍ରାପ୍ତ ହୁଏ ଏହା ହେଉଛି ସ୍ଥିତପ୍ରଜ୍ଞର ଏକ ଲକ୍ଷଣ ।

ଦ୍ୱିତୀୟରେ ଯେଉଁ ବ୍ୟକ୍ତି କୌଣସି ଦୁଃଖ ଆସିଲେ ବିଚଳିତ ହୁଏ ନାହିଁ କିମ୍ବା ଯେତେ ସୁଖ ଆସିଲେ ସେ ଉଦ୍‌ବିଗ୍ନମନା ହୁଏ ନାହିଁ । ଭୟ ଓ କ୍ରୋଧରୁ ମୁକ୍ତ ରହିଥାଏ ଏହା ହେଉଛି ସ୍ଥିର ବୁଦ୍ଧିର ଆଉ ଏକ ଲକ୍ଷଣ ସେମାନେ ଶାଶ୍ୱତ ଭାବେ ଭଗବାନଙ୍କ ସେବାରତ ହୋଇ ବରାବର ଆନନ୍ଦ ଅନୁଭବ କରୁଥାନ୍ତି ।

ତୃତୀୟରେ, ଯେ ଶୁଭ ପ୍ରାପ୍ତିରେ ଆନନ୍ଦିତ ହୁଏ ନାହିଁ କି ଅଶୁଭ ପ୍ରାପ୍ତିରେ ଦୁଃଖିତ ହୁଏ ନାହିଁ, ସେ ଭଗବତ୍ ଚେତନାରେ ସ୍ଥିର ରହିଥାଏ ତାହାର କୌଣସି ପ୍ରକାରେ ମନରେ ଭେଦଭାବ ଭାବନା ନଥାଏ, ସେ ସ୍ଥିର ବୁଦ୍ଧି ସମ୍ପନ୍ନ ।

ଚତୁର୍ଥରେ, କଇଁଛ ଯେପରି ତାହାର ଅଙ୍ଗ ପ୍ରତ୍ୟଙ୍ଗକୁ ନିଜର ଆୟତ୍ତାଧୀନ ରଖିଥାଏ ସ୍ଥିର ବୁଦ୍ଧି ସମ୍ପନ୍ନ ବ୍ୟକ୍ତି ତାହାର ସମସ୍ତ ଇନ୍ଦ୍ରିୟମାନଙ୍କୁ ସଂଯମ ରଖି ସର୍ବଦା କୃଷ୍ଣ ଚେତନାରେ ମଜ୍ଜି ରହେ । ଇନ୍ଦ୍ରିୟ ସଂଯମ ହେଉଛି ଆଉ ଏକ ସ୍ୱଭାବ ।

ପଞ୍ଚମ, ପୁଣି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇଲେ ଇନ୍ଦ୍ରିୟଗୁଡିକୁ କିପରି ସଂଯମ କରିବାକୁ ହେବ । ଏହି ପ୍ରସଙ୍ଗରେ ବିଷୟ ଭୋଗ କାମନାକୁ ତ୍ୟାଗ କରିବ । ପ୍ରଥମେ ରସନାକୁ ସଂଯତ କଲେ, ଅନ୍ୟ ଇନ୍ଦ୍ରିୟଗୁଡିକକୁ ଚକ୍ଷୁ , କର୍ଣ୍ଣ, ନାସା ଇତ୍ୟାଦିକୁ ଦମନ କରିହେବ । ଅନୁଭବଦ୍ୱାରା ପରଂବ୍ରହ୍ମଙ୍କ ସାକ୍ଷାତ୍କାର ପରେ ରସନାର ବାସନାକୁ ସଂଯତ କରାଯାଇ ପାରିବ । ଇନ୍ଦ୍ରିୟ ଗୁଡିକ ବିଷୟ ଭୋଗ ଭୁଲିଯିବେ ।

କିନ୍ତୁ ଇନ୍ଦ୍ରିୟଗୁଡିକ ଏତେ ବଳବାନ ଥାଆନ୍ତି ଯେ ସେ ମନକୁ ହରଣ କରିନିଅନ୍ତି ।

ଷଷ୍ଠ, ଯେଉଁ ଲୋକଠାରେ କର୍ମ ଅକର୍ମ ନିରୂପଣ କରିବା ଜ୍ଞାନ ପୂର୍ଣ୍ଣ ମାତ୍ରାରେ ଥାଏ,ସେ ଇନ୍ଦ୍ରିୟମାନଙ୍କୁ ସଂଯତ କରିବାକୁ ସତ୍ ଚେଷ୍ଟା କରୁଥାଏ । କୃଷ୍ଣ ଚେତନାରେ ରହିଲେ ସ୍ୱତଃ ଭୌତିକ ବିଷୟ ଭୋଗ ପ୍ରତି ବିତୃଷ୍ଣା ଜନ୍ମେ । ଯେଉଁ ବ୍ୟକ୍ତି ତାର ଇନ୍ଦ୍ରିୟମାନଙ୍କୁ ସଂପୂର୍ଣ୍ଣ ରୂପେ ବଶୀଭୂତ କରିଛି ଏବଂ ତାର ମନ ବୁଦ୍ଧି ଭଗବାନଙ୍କଠାରେ ସ୍ଥିର କରିପାରିଛି



ଆରମ୍ଭରେ ଯେଉଁ ଲୋକ ଛୋଟ ଛୋଟ କଥାଗୁଡ଼ିକୁ ଯତ୍ନ ସହକାରେ ନକରିଛି, ତାହା ଭାଗ୍ୟରେ ବିରାଟ ସାଫଲ୍ୟ ଲେଖାନାହିଁ । -ଏଡ଼ୱିସ୍

ସେ ସ୍ଥିତ ପ୍ରଜ୍ଞ ଅଟନ୍ତି।

ଆହୁରି ସ୍ଥିର ବୁଦ୍ଧି ସଂପର୍କରେ କୁହାଯାଇଛି ଯେ, ବ୍ୟକ୍ତି ଇନ୍ଦ୍ରିୟ ଭୋଗ ବିଷୟବସ୍ତୁ ଚିନ୍ତା କରୁଥିବା ବେଳେ ସେଥିପ୍ରତି ଆସକ୍ତ ହୋଇପଡେ। ଆସକ୍ତରୁ କାମନାଜାତ ହୁଏ ଏବଂ କାମନାରୁ କ୍ରୋଧ ଜାତ ହୁଏ, କ୍ରୋଧରୁ ମୋହ; ମୋହରୁ ସ୍ମୃତି ବିଭ୍ରମ ହୁଏ। ସ୍ମୃତି ବିଭ୍ରମ ହେଲେ ବୁଦ୍ଧି ନାଶ ହୁଏ ବୁଦ୍ଧି ନଷ୍ଟ ହେଲେ ବ୍ୟକ୍ତି ପୁନର୍ବାର କାମନା ବାସନା ପ୍ରତି ଆକର୍ଷିତ ହୋଇପଡେ ଆମେ ବାରମ୍ବାର ଅଭ୍ୟାସ କଲେ ମଧ୍ୟ ଇନ୍ଦ୍ରିୟମାନଙ୍କୁ ସଂଯମ କରିବା ସହଜ ନୁହେଁ କିନ୍ତୁ ଭଗବାନଙ୍କ ଶରଣାପନ୍ନ ହେଲେ ଇନ୍ଦ୍ରିୟଗୁଡିକୁ ସଂଯମ କରିହେବ ଓ ଭଗବାନଙ୍କ କୃପା ଲାଭ କରିହେବ। ଯେ ଯେପରି ଦିବ୍ୟ ଚେତନାରେ ରହେ ସେ ଆଉ ଭୌତିକ ଜନିତ ତ୍ରିତାପରେ ପଡେ ନାହିଁ। ଏ ପ୍ରକାର ଆନନ୍ଦ ଦାୟକ ଅବସ୍ଥାରେ ଯେ ରହେ ତାର ବୁଦ୍ଧି ସ୍ଥିର ହୋଇଯାଏ। କିନ୍ତୁ ଗୋଟିଏ ମାତ୍ର ଇନ୍ଦ୍ରିୟ ଯଦି ମନକୁ ବିଷୟ ଆଡକୁ ଟାଣି ନିଏ ବ୍ୟକ୍ତିର ବୁଦ୍ଧି ନାଶ ହୋଇଯାଏ। ଯେପର୍ଯ୍ୟନ୍ତ ଇନ୍ଦ୍ରିୟଗୁଡିକ ଇନ୍ଦ୍ରିୟ ଭୋଗ୍ୟ ବିଷୟ ବସ୍ତୁରୁ ଦୂରେଇ ରହିଛନ୍ତି ସେ ବ୍ୟକ୍ତି ନିଶ୍ଚିତ ଭାବେ ସ୍ଥିତପ୍ରଜ୍ଞ ଅଟେ। ଯେତେ କାମନା ବାସନା ଉଦିତ ହେଲେ ମଧ୍ୟ ବ୍ୟକ୍ତି ସେଥିରେ ବିଚଳିତ ହୁଏ ନାହିଁ, ସେ ଶାନ୍ତି ପାଏ। କାମନା ବାସନାକୁ ତ୍ୟାଗ କରି ଯେ ନିଷ୍କାମ ଜୀବନ ଯାପନ କରୁଛି , ସେ କେବଳ ଶାନ୍ତି ପ୍ରାପ୍ତ ହୁଏ, ଏହା ହେଉଛି ଦିବ୍ୟ ଜୀବନ। ଏହା ପ୍ରାପ୍ତ ହେଲେ ତାର ମୋକ୍ଷ ହୁଏ ଓ ସେ ବୈକୁଣ୍ଠରେ ପ୍ରବେଶ କରେ।

ଏହି ପ୍ରକାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ସ୍ଥିତପ୍ରଜ୍ଞ ବିଷୟରେ ବୁଝାଇ କହିଛନ୍ତି। ଯେ ଆତ୍ମଜ୍ଞାନ ଦ୍ୱାରା ସନ୍ତୁଷ୍ଟ ଓ ଯାହାର ପରମାନନ୍ଦ ଦ୍ୱାରା ଅନ୍ତର ପରିପୁଷ୍ଟ ସେ ହେଉଛି ପ୍ରକୃତରେ ସ୍ଥିତପ୍ରଜ୍ଞ।

ଦୂରଭାଷ-୯୪୩୭୩୫୯୪୩୧

# ପ୍ରଥମ ଆମେରିକୀୟ ମହିଳା ଜ୍ୟୋତିର୍ବିଜ୍ଞାନୀ ମ୍ୟାରିଆ ମିଚେଲ



**ବିଜୟ ଚନ୍ଦ୍ର ମହାପାତ୍ର**

ସାଧାରଣ ଅର୍ଥରେ ମେଘମୁକ୍ତ ରାତ୍ରି ଆକାଶର ଚନ୍ଦ୍ର,ତାରା, ଗ୍ରହ ନକ୍ଷତ୍ରମାନଙ୍କୁ ଅନୁଧ୍ୟାନ କରି ପରୀକ୍ଷା ନିରୀକ୍ଷା କରିବା ହେଉଛି ଜ୍ୟୋତିର୍ବିଜ୍ଞାନ। ଆକାଶରେ ଦେଖାଯାଉଥିବା ସୂର୍ଯ୍ୟ, ଚନ୍ଦ୍ର,ତାରା, ଗ୍ରହ,ନକ୍ଷତ୍ର, ଉଲ୍କା, ଧୂମକେତୁ ଇତ୍ୟାଦି ପ୍ରାକୃତିକ ବସ୍ତୁ ସବୁକୁ ଜ୍ୟୋତିଷ୍କ କୁହାଯାଏ। ଯେଉଁମାନେ ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧରେ ବା ଏସବୁ ଜ୍ୟୋତିଷ୍କମାନଙ୍କର ଗତିବିଧି ଅନୁଧ୍ୟାନ କରନ୍ତି, ସେମାନଙ୍କୁ କୁହାଯାଏ ଜ୍ୟୋତିର୍ବିଜ୍ଞାନୀ। ଆମ ଓଡ଼ିଶାର ସାମନ୍ତ ଚନ୍ଦ୍ରଶେଖର (ଅନ୍ୟନାମ ପଠାଣି ସାମନ୍ତ) ଥିଲେ ଜଣେ ବିଖ୍ୟାତ ଜ୍ୟୋତିର୍ବିଜ୍ଞାନୀ। ବହୁ ପ୍ରାଚୀନ କାଳରୁ ପୃଥିବୀର ବିଭିନ୍ନ ଅଞ୍ଚଳରେ ଜ୍ୟୋତିର୍ବିଜ୍ଞାନର ପର୍ଯ୍ୟବେକ୍ଷଣ ଓ ଗବେଷଣା ଚାଲୁ ରହିଛି। ରାତିରାତି ଉଜାଗର ରହି ଏଭଳି ପର୍ଯ୍ୟବେକ୍ଷଣ କରି ବିବରଣୀ ଟିପି ରଖିବା ଖୁବ୍ କଷ୍ଟକର କାର୍ଯ୍ୟ। ଯବକାଚ ଓ ଦୂରବୀକ୍ଷଣଯନ୍ତ୍ର ବା ଟେଲିସ୍କୋପ ଉଦ୍ଭାବନ ପରେ ଜ୍ୟୋତିର୍ବିଜ୍ଞାନର ପରିସର ଅଧିକ ବ୍ୟାପକ ହେଲା। ପ୍ରଥମେ ପୁରୁଷମାନେ ଏଭଳି କାର୍ଯ୍ୟ ସାଧନାରେ ଲିପ୍ତ ରହିଥିଲେ। କାଳକ୍ରମେ ମହିଳାମାନେ ମଧ୍ୟ ଏ ପରିସରକୁ ଆସିଲେ। ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥମ ମହିଳା ଜ୍ୟୋତିର୍ବିଜ୍ଞାନୀ ହେଲେ ମ୍ୟାରିଆ ମିଚେଲ।

୧୮୧୮ ମସିହା ଅଗଷ୍ଟ ୧ ତାରିଖଦିନ ମ୍ୟାରିଆ ମିଚେଲ ମାସାଚ୍ୟୁସେଟ୍ ରାଜ୍ୟର ନାନଟ୍ୟୁକେଟ୍ ଦ୍ୱୀପରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ୱିଲୟମ୍ ମିଚେଲ୍ ଥିଲେ ଜଣେ ଗଣିତ ଶିକ୍ଷକ ଓ ଜ୍ୟୋତିର୍ବିଜ୍ଞାନୀ। ତାଙ୍କର ପ୍ରୋତ୍ସାହନରେ ମ୍ୟାରିଆଙ୍କର ଗଣିତ, ପ୍ରାକୃତିକ ଓ ଜ୍ୟୋତିର୍ବିଜ୍ଞାନ ଶିକ୍ଷାପ୍ରତି ଆଗ୍ରହ ବଢ଼ିଲା। ରାତ୍ରି ଆକାଶର ଜ୍ୟୋତିଷ୍କମାନଙ୍କର ଗତିବିଧି ସମ୍ବନ୍ଧରେ ସେ ଅନୁଧ୍ୟାନ କରିବାକୁ ଲାଗିଲେ। ୧୮୪୭ମସିହା ଅକ୍ଟୋବର ୧ ତାରିଖ ରାତିରେ ଦୁଇ ଇଞ୍ଚ ଯବକାଚ ବିଶିଷ୍ଟ ଟେଲିସ୍କୋପ୍‌ରେ ଆକାଶ ପର୍ଯ୍ୟବେକ୍ଷଣ କରୁଥିବା ବେଳେ ଏକ ଧୂମକେତୁକୁ ଆବିଷ୍କାର କଲେ। ସେ ତାହାର ନାମ ଦେଲେ 1847-VI। ପରବର୍ତ୍ତୀ ସମୟରେ ତାହାଙ୍କ ସମ୍ମାନାର୍ଥେ ଏହାର ନାମ ‘ମିସ୍ ମିଚେଲସ୍ କମେଟ୍’ ରଖାଗଲା। ତାଙ୍କର ଏହି ମହାନ୍ ଆବିଷ୍କାର ପାଇଁ ଡେନ୍‌ମାର୍କର ରାଜା ଷଷ୍ଠ ଫ୍ରେଡ୍ରକ୍ ତାଙ୍କୁ ଏକ ସ୍ୱର୍ଣ୍ଣପଦକ ଦେଇ ସମ୍ମାନିତ କଲେ। ବାଳିକାମାନଙ୍କ ମଧ୍ୟରେ ଗଣିତ, ବିଜ୍ଞାନ ଓ ଜ୍ୟୋତିର୍ବିଜ୍ଞାନ ଶିକ୍ଷାର ପ୍ରସାର ପାଇଁ ସେ ବହୁକିଛି କାର୍ଯ୍ୟ କରିଥିଲେ। ୧୮୬୫ ମସିହାରୁ ୧୮୮୮ ମସିହା ପର୍ଯ୍ୟନ୍ତ ସେ ‘ଭଷାର କଲେଜ’ରେ ଜ୍ୟୋତିର୍ବିଜ୍ଞାନ ବିଭାଗର ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ୧୯୭୫ ମସିହାରେ ‘ଆମାରିକୀୟ ମହିଳା ବିକାଶ ପରିଷଦ’ର ସଭାପତି ରୂପେ ନିର୍ବାଚିତ ହୋଇଥିଲେ। ୧୮୮୯ମସିହା ଜୁନ୍‌ମାସ ୨୮ ତାରିଖଦିନ ମାସାଚ୍ୟୁସେଟ୍‌ର ଲିନଠାରେ ତାଙ୍କର ଦେହାନ୍ତ ହୋଇଥିଲା। ଅଗଷ୍ଟମାସ ଜନ୍ମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି।

**ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା**



ଆମର କଥା ଏବଂ କାର୍ଯ୍ୟ ମଧ୍ୟରେ ଯେତେବେଳେ ଦୂରତାଟା ଅତିମାତ୍ରାରେ ବଢ଼ିଯାଏ, ସେତେବେଳେ ହିଁ ଲୋକ ଆମକୁ ବିଦ୍ରୁପ କରିଥାନ୍ତି। - ଫିଲଡିଙ୍ଗ

# ନଈ ପଠା

ପୁଷ୍ପାଞ୍ଜଳି ପଣ୍ଡା



ନଈ ପଠା ଦିଶେ କି ସୁନ୍ଦର ଆହା
ହସୁଛି ଧରଣୀ ରାଣୀ
କାଶତଣ୍ଡୀ ଦେଖ ଚାମର ହଲାଇ
ଦେଉଛି ଶୁଭ୍ରତା ବୁଣି ।।

ନୀଳ ଜଳରାଶି କଳକଳ ନାଦେ
ମାଟି ପାଦ ଦିଏ ଧୋଇ
ଆକାଶ ଦିଶଇ ସ୍ୱଚ୍ଛ ନିରିମଳ
ମେଘକୁ ଦିଏ ଲୁଚାଇ ।।

ଜହ୍ନି କାକୁଡ଼ିର ହଳଦୀ ଫୁଲରେ
ତୋରା ଲାଗେ ବସୁନ୍ଧରା
ସଜବାଜ ହୁଏ ପୂଜାର ମଣ୍ଡପ
ବର୍ଷକର ପୂଜା ପରା ।।

ଗହଳ ଚହଳ ପୂଜା ଉପଚାର
ଚତୁର୍ଦ୍ଦିଗ ମହମହ
ଦୂର ହୋଇଯିବ ସବୁ ପରମାଦ
ଛୁଟିବ ଖୁସିର ସୁଅ ।।

ସରଗୁ ଓହ୍ଲାଇ ମା ଯେ ଆସିବେ
ଦୁର୍ଗତି ନାଶ ହୋଇବ
ପାର୍ବଣ ଋତୁରେ ପୂଜାର ମହକ
ଚାରିଆଡ଼େ ଖେଳିଯିବ ।।

ଷ୍ଟାଟିଷ୍ଟିକାଲ ଅଫିସର
କେନ୍ଦ୍ରାପଡ଼ା

# ଟୁଉକୁ ମୂଷି

ମହୀଜା ଦଳବେହେରା



ଟୁଉକୁ ମୂଷି ଲୋ ଟୁଉକୁ ମୂଷି
ଯିବା ନାଇଁ ଆଉ କେବେଲୋ ରୁଷି ।
ତୋର ମୋର ଯିବା ସଂଗାତ ବସି
କଟିଯିବ ଦିନ ହରଷେ ହସି ।।
ସାଙ୍ଗ ହୋଇ ଆମେ ଖେଳିବା ଖେଳ
ଖେଳ କୁଦରେ ଯେ ବଢ଼ଇ ବଳ ।
ସାଙ୍ଗ ହୋଇ ପୁଣି ପଢ଼ିବା ପାଠ
ଉଠିବା ସଅଳ ନ କରି ମଠ ।।
ପୂଜା ପାଇଁ ଫୁଲ ଆଣିବା ତୋଳି
ଚନ୍ଦନ ରଖିବା ଗିନାରେ ଗୋଳି ।
ଘର ଧୋଇ ଝୋଟି ପକାଇ ଦେବା ।
କରିବା ଆମେ ଯେ ସବୁରି ସେବା ।।
ଗୁରୁଜନେ ଆମେ ଜୁହାର ହେବା ।
ମଧୁର ବଚନ ସଦା କହିବା ।
ଯେତେ ଭଲ କାମ କରିବା ଆମେ
ଦେବା ନାଇଁ ଦୁଃଖ କାହାରି ମନେ ।।
ଚିନ୍ତା କଥା କାମ ଏକ ହୋଇବ
ତେବେ ସିନା ଚିତ୍ତ ସିଦ୍ଧ ରହିବ ।
ମନରେ କପଟ ରଖିବା ନାଇଁ
ଦୋଷୀକୁ ଯେ ଘୃଣା ଯେ କରିବା ନାଇଁ ।।
ଦୋଷକୁ ତ ସଦା କରିବା ଘୃଣା
ଭଲ ପିଲାରେ ଯେ ହୋଇବ ଗଣା ।
ଦୀନ ଦୁଃଖୀଙ୍କର ସେବା କରିବା
ସେଇ ପରା ପୂଜା ଆମେ ଜାଣିବା ।।
ଭଲ ପିଲା ବୋଲି କହିବେ ଲୋକେ
କରିବାନି ଗର୍ବ ତେବେବି ଟିକେ ।
ସଭିଏଁ ଯାହାକୁ କହନ୍ତି ଭଲ
ଠାକୁର ତାହାକୁ କରନ୍ତି ଗେଲ ।।
ଈଶ୍ୱର ଯାହାରେ ହୁଅନ୍ତି ଖୁସି
ତାହା ହାତରେ ପଡ଼େ ସରଗ ଶଶି ।
ପିଲାଟି ଦିନରୁ ତାଙ୍କୁ ପାଇବା
ମିଳିଗଲା ସବୁ ବୋଲି ଜାଣିବା ।।
ହେଲେ ଭଲ ପିଲା ତାଙ୍କୁ ପାଇବା
ଏଇ ଟିକ କଥା ମନେ ରଖିବା ।।

ସୀତା ନିବାସ, ରାଜାବଗିଚା, କଟକ
ମୋ-୯୪୩୭୦୬୨୦୦୩

# ଲୁହ

ବୈଜୟନ୍ତୀ ପଟ୍ଟନାୟକ



- 'ମନକୁ ଯାହା ଆସେ
ସବୁ ତମକୁ କହିଦେବାକୁ,
କମା ଫୁଲଷ୍ଟପ୍ ସହିତେ ।
ଡର ଲାଗେ - ତମେ କାଳେ ହସିବ,
ସମସ୍ତେ ହସିବେ ମୋ ଉପରେ !
ମୋ ଉପରେ କିଏ ହସିଲେ
ମୁଁ ଜମା ସହିପାରେନି !
ଆଗରୁ ମୁଁ କାନ୍ଦୁଥିଲି
ଭୂଇଁରେ ଗୋଡ଼ କଚାଡ଼ି,
ଲୁହ ସିଂଘାଣି ଏକାକରି,
କଣ୍ଠ ଫଟେଇ ଚିତ୍କାର କରି !
ଏବେ ବି ମୁଁ କାନ୍ଦେ -
ଭିତରେ ଭିତରେ-
ଲୁହ ସବୁ ଛାତିରେ
ଜମାଟ ବାନ୍ଧିଗଲେ
ରୁନ୍ଧି ରୁନ୍ଧି ଲାଗେ-
ମନ କଥା ନକହି ପାରିଲେ ବି
ରୁନ୍ଧି ରୁନ୍ଧି ଲାଗେ ନା !

ଭୁବନେଶ୍ୱର



ଆକାଶ ମେଘାଚ୍ଛନ୍ନ ଥିଲେ ଯେପରି ସୂର୍ଯ୍ୟ ଦେଖାଯାନ୍ତି ନାହିଁ ମନରେ ଅହଂଭାବ ଥିଲେ ଈଶ୍ୱର ସେହିପରି ଦୂରେଇ ଯାଇଥାନ୍ତି । - ଶ୍ରୀ ରାମକୃଷ୍ଣ ପରମହଂସ

# ଅଦିନ ବର୍ଷା

**ସମରଜିତ ପଟ୍ଟନାୟକ**



ଗୋଛା ଗୋଛା କଳା ଆଉ
ଘନ ନୀଳ ସିଲ୍‌କ ସୂତା ପରି
ପଳିତ ପତ୍ର ଉପରେ
କଣ ସବୁ ଅସ୍ପଷ୍ଟ କୋଳାହଳ କରି
ସେମାନେ ଖସି ପଡୁଥିଲେ।।୧

ମୁଁ ଯେବେ ବଞ୍ଚିଥିଲି
ମୋ ଆଖିର ଝରକା କାଚରେ
ମୁଣ୍ଡଡେରି ମୃତବତ୍ ପଡ଼ିଥିବା
ସେଇ ପତ୍ର ସବୁ
ଆଜି ପୁଣି ତୁମରି ସ୍ମୃତିରେ
ଭିଜି ଭିଜି
ଅସ୍ଥିର ହେଲେଣି।।୨

ହଜିଥିବା ଦିନଗୁଡ଼ିକର
ଭଙ୍ଗା କାନ୍ଥରେ
ତୁମେ ଦିନେ ଯେଉଁ
ଶିଉଳି ଲଗାଇଥିଲ
ସେ ସବୁରେ ହଠାତ୍ ଆଜି ପୁଣି
ରଙ୍ଗର ଜୁଆର ଆସିଲାଣି।।୩

କିନ୍ତୁ
ତୁମେ ତୁମର ସେ କେଶରାଶିକୁ
ଏ ବର୍ଷାଜଳରେ
ହଠାତ୍ ଧୋଇ ପକାଇଲ କାହିଁକି ?

# ବର୍ଷା ପଦଧ୍ୱନି...

**ଯମେଶ୍ୱର କହଲସିଂହ**



ରତ୍ନରଙ୍ଗ ମାଖି
ବରଷା ଆସିଛି
ପ୍ରକୃତିରମନ ଜାଣି
ମଙ୍ଗୁଳା ମାଟିର
ଦେହକୁ ଭିଜାଏ
ବରଷା ବାଡୁଅ ପାଣି -।୧।
ଲବଙ୍ଗ ଦ୍ୱୀପର
ସଗନ ଦେଖୁଛ
ଶିରାବଣେ ବିରହିଣୀ
ତନୁ ଲତିକାରେ
କମ୍ପନ ତୋଳେ
ମେଘର ପଣତକାନି
ନିଜ କୋଠରୀରେ
ଲୁହର ନଈରେ
ଭିଜୁଥାଏ ଏକାକିନୀ -।୨।
ମେଘପାହାଚରେ
ବରଷା ଓହ୍ଲାଇ
ମାଟି ସଙ୍ଗେ ହୁଏ ଗେଲ
ବଂଧ୍ୟା ବସୁମତୀ
ହୁଏ ରତ୍ନମତୀ
ପାହାଡ଼େ ଫୁଟଇ ଫୁଲ
ଧୂସର ଧରାର
ଧମନିରେ ଶୁଭେ
ବରଷାର ପଦ ଧ୍ୱନି -।୩।

**ଲୋକିପୁର, ଗଡ଼ମାଣତୀର**
**ଖୋର୍ଦ୍ଧା -୭୫୨୦୭୨**
**ମୋ- ୯୯୩୭୪୭୨୧୧୮**

# ନଳିତା ପତର ପିତା

**ଶ୍ରୀ ନିରଞ୍ଜନ ଖଟୁଆ**



ନଳିତା ପତର ପିତାଲୋ ବଉଳ
ଭେଜି ବାଇଗଣ ପିତା
କୋଠାଘର ଦେଖି ବାହାକରି ଦେଲେ
ପଢ଼େ ନାହିଁ ଆଖିପତା..........।।୦।।
ବାପାବୋଉ ମୋର  ପର କରିଦେଲେ
ହାତେ ହାତ ଛନ୍ଦି ଦେଇ
ସବାରୀରେ ମୋତେ ବିଦା କରିଦେଲେ
କାନ୍ଦୁ ଥାଏ କଇଁ କଇଁ
ସ୍ୱାମୀତ ମୋହର ପରଦେଶୀ ଆଲୋ
କିଏ ଶୁଣିବ ମୋ କଥା.........।।୧।।
ଶାଶୁକୁ ଦେଖିଲି କାନକୋଳି କଣ୍ଟା
ଶଶୁର ପକାନ୍ତି ଲୁଗା
ଅପେରା ନାଟକ ନୀତି ଚାଲୁଥାଏ
କାନ୍ଦୁଥାଏ ଏକାଏକା
ଝୁଲିଝୁଲି ଆସି ଦିଅର କୁହନ୍ତି
ଘରେ ମୁଁ ଜଗତ ଜିତା..........।।୨।।
ଖୁଣ୍ଟୁଣୀ ନଣନ୍ଦ ଖୁଣ୍ଟୁଣା ଦିଅନ୍ତି
ସକାଳୁ ସଞ୍ଜ ଯାଏ
କହଲୋ ବଉଳ କେତେ ମୁଁ ସହିବି
କପାଳକୁ ନିନ୍ଦୁଥାଏ
ବଚନ ତାଙ୍କର ରଡ଼ ନିଆଁ ଭଳି
ହଜିଯାଏ ମୋର ଚେତା ........।।୩।।

**ସା: କମରପଦା(ବାଲିସାହି)**
**ପୋ: ଯଶପଡା**
**ଜି: କଟକ**
**ମୋ: ୯୮୬୧୭୩୭୪୩୬**



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ। - ଗୀତା

ଡ଼ାକଟିକଟରୁ ଜ୍ଞାନ



# ମୁମ୍ବାଇ ସମାଚାର



ଡ. ଭବାନୀ ଶଙ୍କର ଦାଶ

ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଏ। ଖବରକାଗଜ ଏକ ଲୋକପ୍ରିୟ ଗଣମାଧ୍ୟମ ଭାବେ ଆଧୁନିକ ସଭ୍ୟତାକୁ ବିକଶିତ କରୁଛି। ବିଶ୍ୱର ଦୈନନ୍ଦିନ ଖବର, ସୂଚନା ପ୍ରଦାନ ସହିତ ଏହା ଜନମତକୁ ଲୋକାଭିମୁଖୀ କରିବା ଓ ନାଗରିକମାନଙ୍କୁ ଶିକ୍ଷିତ, ସଚେତନ କରିବା କ୍ଷେତ୍ରରେ ଏହା ଏକ ବଳିଷ୍ଠ ମାଧ୍ୟମ। ଦିନକୁଦିନ ଖବରକାଗଜର ଲୋକପ୍ରିୟତା ବଢ଼ିଚାଲିଛି।

ଭାରତର ପ୍ରଥମ ଚାଲୁରହିଥିବା ଖବରକାଗଜଟି ହେଉଛି "ମୁମ୍ବାଇ ସମାଚାର"। ଏହା ଏସିଆ ମହାଦେଶରେ ମଧ୍ୟ ପ୍ରଥମ ଅଟେ। ଜୁଲାଇ ୧, ୧୮୨୨ ମସିହାରେ ଏହା ମୁମ୍ବାଇରୁ ଗୁଜୁରାଟି ସମ୍ବାଦପତ୍ର ଭାବେ ପ୍ରକାଶିତ ହୋଇଥିଲା। ଏହାର ପ୍ରତିଷ୍ଠାତା ଥିଲେ ଜଣେ ପାର୍ଶୀ ଧର୍ମଯାଜକ ଓ ପଣ୍ଡିତ ଫ୍ରାଣ୍ଡୁଜି ମୁରାଜବାନ। ସେ ମଧ୍ୟ ଭାରତର ପ୍ରଥମ ମୁଦ୍ରଣକଳ ୧୮୧୨ ମସିହାରେ ଆରମ୍ଭ କରିଥିଲେ। ପ୍ରଥମେ ୧୪ ପୃଷ୍ଠାର ୧୦ x ୮ ଇଞ୍ଚ ର ଫର୍ମାଟରେ ଏହା ପ୍ରକାଶିତ ହେଉଥିଲା।

ପ୍ରଥମେ ଏହା ବ୍ୟବସାୟୀ ଗୋଷ୍ଠୀଙ୍କ ନିମନ୍ତେ ବ୍ୟବସାୟ ସମ୍ପର୍କୀୟ ସମ୍ବାଦ, ଜାହାଜ ସମୟ ସାରଣୀ, ବମ୍ବେ ବନ୍ଦର ର କାର୍ଯ୍ୟକ୍ରମ ଇତ୍ୟାଦି ପ୍ରକାଶ କରୁଥିଲା। ୧୮୩୨ ମସିହା ପର୍ଯ୍ୟନ୍ତ ଏହା ସାପ୍ତାହିକ ୧୮୫୫ ପର୍ଯ୍ୟନ୍ତ ଦ୍ୱିସାପ୍ତାହିକ ଓ ପରେ ଏହା ଦୈନିକ ଖବରକାଗଜରେ ମାନ୍ୟତା ପାଇଲା। ବିଶେଷ କରି ଜୈନ, ଦାଉଦି, ଖୋଜା, ହିନ୍ଦୁ, ପାର୍ଶୀ ଗୋଷ୍ଠୀଙ୍କ ଦ୍ୱାରା ଏହା ଲୋକପ୍ରୀୟ ହୋଇଥିଲା। ୧୯୩୦ ରେ ଏହା ୧୫୦୦୦ ଖଣ୍ଡ ପ୍ରକାଶିତ ହେଉଥିଲା। ଯାହାକି ବର୍ତ୍ତମାନ ୧୦ ଗୁଣ ବଢ଼ିଯାଇଛି। ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଏହା ଆଜିବି ଗୁଜୁରାଟି ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଲୋକଲୋଚନକୁ ଆଣୁଛି।

ଏହାର ୨୦୦ତମ ବାର୍ଷିକ ଉପଲକ୍ଷେ ଭାରତୀୟ ଡ଼ାକ ତରଫରୁ ୧୪.୬.୨୨ ରେ ଏକ ୫ଟଂକିଆ ସ୍ମରଣୀୟ ଡ଼ାକଟିକଟ ଉନ୍ମୋଚିତ ହୋଇଛି।

ଜେକେପୁର, ରାୟଗଡ଼ା,
୯୧୨୪୩୪୬୫୪୭(ମୋ)

# ରାଣୀ ଏଲିଜାବେଥ-୦୨



ବ୍ରିଟେନର ରାଣୀ ଏଲିଜାବେଥ (ଦ୍ୱିତୀୟ)ଙ୍କ ସ୍କଟଲାଣ୍ଡରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୬ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଚିକିତ୍ସାପାଇଁ ଲଣ୍ଡନ ଛାଡ଼ି ସ୍କଟଲାଣ୍ଡ ଯାଇଥିଲେ। ଦୀର୍ଘ ୭୦ ବର୍ଷ ଧରି ସେ ବ୍ରିଟେନ ଶାସନ ଦାୟିତ୍ୱରେ ରହିଥିଲେ।

୧୯୨୬ ଅପ୍ରେଲ ୨୧ରେ ଲଣ୍ଡନ ୧୭ ବ୍ରୁଟନ ଷ୍ଟ୍ରିଟ ସେ ଜନ୍ମ ଗ୍ରହଣ କରିଥିଲେ। ୧୯୪୭ ନଭେମ୍ବର ୨୦ରେ ସେ ଗ୍ରି ଯୁବରାଜ ଫିଲିଫ ମାଉଣ୍ଟବୟାଟେନଙ୍କୁ ବିବାହ କରିଥରଲେ। ତାଙ୍କର ଚରରିଟି ସନ୍ତାନ- ପ୍ରିନ୍ସ ଚାଲର୍ସ,ପ୍ରିନ୍ସେସ ଆନି, ପ୍ରିନ୍ସ ଆଣ୍ଡ୍ରି ଓ ପ୍ରିନ୍ସ ଏଡୱାର୍ଡ।

୨୦୨୧ ଅପ୍ରେଲ ମାସରେ ୯୯ ବର୍ଷରେ ଫିଲିପଙ୍କର ପରଲୋକ ଘଟିଥିଲା। ୧୮୫୨ ଫେବ୍ରୁାରୀ ୬ରେ ବାପାଙ୍କ ମୃତ୍ୟୁ ପରେ ସେ ରାଜ ସିଂହାସନ ଆରୋହଣ କରିଥିଲେ। ୧୯୫୩ ଜୁନ ୨ରେ ୱେଷ୍ଟମିନିଷ୍ଟର ଆବେରେ ସେ ଆନୁଷ୍ଠାନିକ ମୁକୁଟ ଗ୍ରହଣ କରିଥିଲେ। ତାଙ୍କ ଅଧିନରେ ୧୫ଜଣ ପ୍ରଧାନମନ୍ତ୍ରୀ କାମ କରିଛନ୍ତି।

୨୦୨୨ ଫେବୃଆରୀ ୬ରେ ମହାରଣୀ ତାଙ୍କ ଶାସନର ୭୦ ତମ ବାର୍ଷିକୀ ପାଳନ କରିଥିଲେ। ବ୍ରିଟେନ ଓ ଅନ୍ୟ ୧୪ଟି ରାଜତନ୍ତ୍ର ଏବଂ ୫୪ ସଦସ୍ୟ ବିଶିଷ୍ଟ ରାଜ୍ୟଗୋଷ୍ଠୀ ଦେଶର ମୁଖ୍ୟ ରହି ଆସିଥିବା ଏଲିଜାବେଥ ବିଶ୍ୱର ସର୍ବାଧିକ ସମ୍ମାନାସ୍ପଦ ବ୍ୟକ୍ତି ମାନ୍ୟତା ପାଇଥିଲେ।




ଉଦ୍‌ବେଗ ଓ ଭୟ ଏ ଦୁହିଁଙ୍କୁ ଯଦି ବିଦାୟ ଦେଇପାରିବେ ତେଣିକି ଜୀବନ ମଧୁମୟ ହୋଇଯିବ। - ବୋଦ୍ଧି

# ଖାଇବା ତେଲର ଉପକାରିତା



**ଅଧ୍ୟାପକ ଡ. ସୁନିଲ କୁମାର ବିଶୋୟୀ**



ରନ୍ଧନ କାର୍ଯ୍ୟରେ ତେଲର ବ୍ୟବହାର ଅତି ପ୍ରାଚୀନ। ଖ୍ରୀ.ପୂର୍ବ ୩୦୦୦ ବର୍ଷ ପୂର୍ବେ ଇଜିପଟର ଲୋକମାନେ ପ୍ରଥମେ ଖାଇବା ତେଲର ବ୍ୟବହାର କରିଥିଲେ। ଖ୍ରୀ.ପୂ ୫ମ ଶତାବ୍ଦୀରୁ ଗ୍ରୀକମାନେ ଅଲିଭ ତେଲ ବ୍ୟବହାର କରୁଛନ୍ତି।

ସୁସ୍ଥ ଓ ନିରୋଗ ରହିବା ପାଇଁ ସୁଷମ ଖାଦ୍ୟ ଜରୁରୀ। ଖାଦ୍ୟରେ ଥିବା ବିଭିନ୍ନ ଉପାଦାନ ଶରୀରକୁ ବିଭିନ୍ନ ପୋଷଣ ପ୍ରଦାନ କରେ। ସେହିପରି ଖାଇବା ତେଲ ଶରୀର ପାଇଁ ଗୁରୁତ୍ୱପୂର୍ଣ୍ଣ। ଶରୀରର ସ୍ନେହସାର ଆବଶ୍ୟକତାକୁ ଏହା ପୂରଣ କରେ। ବିଭିନ୍ନ ପ୍ରକାରର ଖାଇବା ତେଲ ଭିନ୍ନ ଭିନ୍ନ ଆବଶ୍ୟକତା ପୂରଣ କରିଥାଏ। ବିଶେଷକରି ଭାରତୀୟମାନେ ପାଶ୍ଚାତ୍ୟଦେଶ ତୁଳନାରେ ଖାଦ୍ୟରେ ଅଧିକ ତେଲ ବ୍ୟବହାର କରିଥାନ୍ତି। ଖାଇବାତେଲ ନିୟନ୍ତ୍ରିତ ନ ରହିଲେ ଶରୀରରେ ସମସ୍ୟା ଦେଖାଯାଏ। ସଠିକ୍ ଖାଇବା ତେଲ ସଠିକ୍ ପରିମାଣର ବ୍ୟବହାର ଆମକୁ ଅନେକ ରୋଗରୁ ରକ୍ଷା କରିପାରିବ ଓ ଶରୀରରେ ସମସ୍ୟା ଦେଖାଦେବ ନାହିଁ। ଏହିପରି କେତେକ ଖାଇବାତେଲ ବିଷୟରେ ଜାଣିବା ଆବଶ୍ୟକ।

**୧. ସୂର୍ଯ୍ୟମୁଖୀ ତେଲ** :- ଏହାର ବ୍ୟବହାର ବହୁଳ। ଏହା ହୃଦରୋଗ ଓ କର୍କଟ ଉପଶମକାରୀ ତଥା ସ୍ନାୟୁବିକ ଓ ରୋଗ ପ୍ରତିରୋଧକ ତଥା ଭିଟାମିନ-ଇର ଉତ୍ସ ଅଟେ।

**୨. କୁସ୍ତା ତେଲ** :- ଏହାକୁ ଆଜିକାଲି କୋଲେଷ୍ଟରଲ ହ୍ରାସ ପାଇଁ ବ୍ୟବହାର କରାଯାଉଛି।

**୩. ରାଶି ତେଲ** :- ଏହି ତେଲ ମଧୁମେହ ହ୍ରାସକାରୀ ତଥା ଏହା ମୁଖ ଓ ଦାନ୍ତକୁ ସୁରକ୍ଷା ଦିଏ।

**୪. ସୋୟାବିନ୍ ତେଲ** :- ଏହି ତେଲ ଭିଟାମିନ-ଇ ଓ ଓମେଗା-୩ ବା ଚର୍ବି ଅମ୍ଳର ଉତ୍ସ ତଥା କୋଲେଷ୍ଟରଲ ହ୍ରାସକାରୀ ଅଟେ।

**୫. ବାଦାମ ତେଲ** :- ଏହା ଭିଟାମିନ-ଇ ର ଉତ୍ସ ଓ ଶରୀରର ଏଲ ଜି ଏଲ ହ୍ରାସ କରିଥାଏ ଓ ଆଣ୍ଟିଅକସିଡ଼ାଣ୍ଟର ଉତ୍ସ ଅଟେ।

**୬. ସୋରିଷ ତେଲ** :- ଏହାର ବ୍ୟବହାର ବହୁଳ ଓ ଏହା ଖାଦ୍ୟ ହଜମ ଓ ରକ୍ତ ସଞ୍ଚାଳନରେ ସାହାଯ୍ୟ କରେ। ଜୀବାଣୁ, ଭୂତାଣୁ, ଥଣ୍ଡା, କାଶ, ଚର୍ମରୋଗକୁ ପ୍ରତିରୋଧ କରିଥାଏ।

**୭. ତାଳ ତେଲ** :- ଏଥିରେ ଭିଟାମିନ-ଇ କେରୋଟିନ୍ ଓ ଆଣ୍ଟିଅକସିଡ଼ାଣ୍ଟ ପ୍ରଚୁର ରହିଛି ଓ ବୟସ ଜନିତ ରୋଗ ହ୍ରାସ କାରୀ ଅଟେ।

**୮. ଅଡସୀ ତେଲ** :- ଏହା ଓମେଗା-୩ ଚର୍ବି ଅମ୍ଳର ଉତ୍ସ ଓ କୋଲାଇଟିସ୍ ଓ କ୍ରୋହନସ୍ ରୋଗ ହ୍ରାସକାରୀ।

**୯. ଅଲିଭ ତେଲ** :- ଏହା ହୃଦରୋଗ, ରକ୍ତଶର୍କରା, ଓଜନହ୍ରାସ, କ୍ୟାନସର, ଆର୍ଥାଇଟିସ୍ ରୋଗ ଦୂରକରେ ଓ ଚର୍ମ ଓ କେଶକୁ ଉଜ୍ଜ୍ୱଳ କରେ।

**୧୦. ତୁଳାମଞ୍ଜି ତେଲ** :- ଏହା ଏଲ.ଡି.ଏଲ. ଓ ହୃଦ ସମସ୍ୟା ହ୍ରାସକାରୀ।

**୧୧. କାନୋଲା ତେଲ** :- ଏହା ରକ୍ତଶର୍କରା, ରକ୍ତଚାପ, ପରିପୃକ୍ତ ଚର୍ବି ଅମ୍ଳ, ଅମ୍ଳ ପ୍ରବାହ ହ୍ରାସକାରୀ। ଏଥିରେ ଭିଟାମିନ-ଇ, କେ, ଓମେଗା-୩ ରହିଛି।

**୧୨. ନଡ଼ିଆ ତେଲ** :- ଏହା ଦକ୍ଷିଣ ଭାରତରେ ବହୁଳ ବ୍ୟବହାର ହୁଏ। ଏହା ରକ୍ତ ଶର୍କରା ହ୍ରାସକାରୀ, ଚର୍ମ ମସୃଣକାରୀ ଓ ଭିଟାମିନ-ଏ ଓ ଆଣ୍ଟି ଅକସିଡ଼ାଣ୍ଟର ଉତ୍ସ ଅଟେ।

**୧୩. ମାଛ ତେଲ** :- ଏଥିରେ ଓମେଗା-୩, ସ୍ନେହାମ୍ଳ ରହିଛି ଓ ହୃଦୟ ଓ ମାନସିକ ସ୍ୱାସ୍ଥ୍ୟକୁ ସୁସ୍ଥ ରଖେ।

ଏହି ଖାଇବାତେଲ ଆମର ଦୈନନ୍ଦିନ ବ୍ୟବହାର ଯୋଗ୍ୟ। କେବଳ ଗୋଟିଏ ତେଲ ସର୍ବଦା ବ୍ୟବହାର ନ କରି ପ୍ରତ୍ୟେକକୁ ବଦଳାଇ ବ୍ୟବହାର କଲେ ସୁସ୍ଥ ଶରୀର ଗଠନ ହୋଇପାରିବ ଓ ଏହାର ପରିମାଣକୁ ନିୟନ୍ତ୍ରଣ କରିବା ଜରୁରୀ।

**ଆର୍ଦଶ ସ୍ନାତକ ମହାବିଦ୍ୟାଳୟ, ରାୟଗଡ଼ା**

**ମୋ- ୭୯୭୮୦୮୫୪୫୫**




କୌଣସି କାମ ନକରିବା, ବିଶ୍ରାମ ନୁହେଁ, କାରଣ ଶୂନ୍ୟ ମନ ଅସ୍ଥିରତାର କାରଣ ହୋଇପାରେ। - କାଉପର

# ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସଫଳ ତାରକା ଶରତ କମଲ



ଆଶିଷ କୁମାର ରାୟ




ଇଂଲାଣ୍ଡର ବର୍ମିଙ୍ଗହାମ୍‌ରେ ଆୟୋଜିତ ୨୦୨୨ର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଆମ ଦେଶର ଖେଳାଳିମାନେ ୨୨ଟି ସ୍ୱର୍ଣ୍ଣ, ୧୬ଟି ରୌପ୍ୟ ଓ ୨୩ଟି ବ୍ରୋଞ୍ଜ ପଦକ ଜିଣିବା ଦିଗରେ ସମର୍ଥ ହୋଇଛନ୍ତି। ସେଥି ମଧ୍ୟରୁ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିଣି ସର୍ବାଧିକ ସଫଳତା ହାସଲ କରିଛନ୍ତି ଟେବୁଲ ଟେନିସ ତାରକା ଅଚନ୍ତା ଶରତ କମଲ। ଆଉ ଚାଳିଶ ବର୍ଷ ବୟସରେ ହିଁ ସେ ନିଜ କ୍ରୀଡ଼ା ଜୀବନର ସର୍ବଶ୍ରେଷ୍ଠ କୃତିତ୍ୱ ଲାଭ କରି ସମସ୍ତଙ୍କୁ ଚମତ୍କୃତ କରିଦେଇଛନ୍ତି। ଏଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ଟେବୁଲ ଟେନିସର ସିଂଗଲ୍‌ସର ସ୍ୱର୍ଣ୍ଣପଦକ ହାସଲ କରିବା ବ୍ୟତୀତ ପୁରୁଷ ଦଳଗତ ପ୍ରତିଯୋଗିତା ତଥା ମିକ୍ସଡ ଡବଲ୍ସରେ ମଧ୍ୟ ସ୍ୱର୍ଣ୍ଣପଦକ ଜିତିଛନ୍ତି। ଏତଦ୍‌ବ୍ୟତୀତ ପୁରୁଷ ଡବଲ୍ସରେ ତାଙ୍କୁ ମିଳିଛି ଏକ ରୌପ୍ୟପଦକ। ଯେଉଁ ବୟସରେ ଅଧିକାଂଶ ଖେଳାଳି କ୍ରୀଡ଼ାଜଗତରୁ ଅବସର ନେଇ ପ୍ରଶିକ୍ଷଣ ବା ଅନ୍ୟ କୌଣସି ବ୍ୟବସାୟରେ ମନୋନିବେଶ କରିଥାନ୍ତି ସେହି ବୟସରେ ଅଚନ୍ତା ଶରତ କମଲ ନିଜ କ୍ୟାରିୟରକୁ ଆଗକୁ ବଢ଼ାଇବା ସହିତ ଯୁବ ପ୍ରତିଦ୍ୱନ୍ଦୀମାନଙ୍କୁ ପଛରେ ପକାଇ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ତିନି ତିନିଟି ସ୍ୱର୍ଣ୍ଣପଦକ ଜିଣିବାର ଗୌରବ ଲାଭ କରିଛନ୍ତି।

ନିଶ୍ଚିତ ଭାବେ ଅଚନ୍ତା ଶରତ କମଲ ହେଉଛନ୍ତି ଆମ ଦେଶର ସର୍ବଶ୍ରେଷ୍ଠ ଟେବୁଲ ଟେନିସ ତାରକା। ବିଶ୍ୱ ସ୍ତରୀୟ ଟେବୁଲ ଟେନିସରେ ଚୀନ, କୋରିଆ, ଜାପାନ, ସ୍ୱିଡେନ ଆଦି ଦେଶର ଆଧିପତ୍ୟ ରହିଥିବା ବେଳେ ଶରତ କମଲଙ୍କ ଭଳି ଖେଳାଳିଙ୍କ ଯୋଗୁଁ ଏହି ଖେଳରେ ଭାରତକୁ କିଛିଟା ସମ୍ମାନଜନକ ସ୍ଥାନ ମିଳିପାରିଛି ବୋଲି ନିର୍ଦ୍ୱନ୍ଦରେ କୁହାଯାଇପାରେ। ବିଶେଷ କରି ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସେ ଜଣେ ପ୍ରମୁଖ ତାରକା ଭାବେ ପରିଚିତ ହୋଇଛନ୍ତି। ଏହି କ୍ରୀଡ଼ାରେ ତାଙ୍କୁ ମିଳିଛି ୭ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ। ୨୦୦୬ରେ ଅଷ୍ଟ୍ରେଲିଆର ମେଲବୋର୍ଣ୍ଣରେ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେହି ଦେଶ ଏବଂ ସିଙ୍ଗାପୁରର ଖେଳାଳିଙ୍କୁ ହରାଇ ଶରତ କମଲ ସିଂଗଲ୍ସ ତଥା ପୁରୁଷ ଦଳଗତ ପ୍ରତିଯୋଗିତାରେ ବିଜୟୀ ହୋଇ ଦୁଇଟି ସ୍ୱର୍ଣ୍ଣ ଜିତିବାରେ ସମର୍ଥ ହୋଇଥିଲେ। ଏହାପରେ ୨୦୧୦ର ଦିଲ୍ଲୀରେ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶୁଭଜିତ ସାହାଙ୍କ ସହିତ ମିଶି ସେ ଡବଲ୍ସର ସ୍ୱର୍ଣ୍ଣ ଜିଣିବା ସହିତ ସିଂଗଲ୍ସ ଓ ପୁରୁଷ ଦଳଗତ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଜିତିଥିଲେ। ୨୦୧୪ରେ ସ୍କଟଲାଣ୍ଡର ଗ୍ଲାସଗୋରେ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ତାଙ୍କୁ ମିଳିଥିଲା ଗୋଟିଏ ମାତ୍ର ରୌପ୍ୟପଦକ।

୨୦୧୮ରେ ଅଷ୍ଟ୍ରେଲିଆର ଗୋଲ୍‌ଡ କୋଷ୍ଟରେ ଆୟୋଜିତ ୨୧ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଚନ୍ତା ଶରତ କମଲଙ୍କ ଗଳାରେ ଶୋଭା ପାଇଥିଲା ପଦକର ଗୋଟିଏ ସେଟ୍, ଅର୍ଥାତ୍ ସେ ହାସଲ କରିଥିଲେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜପଦକ। ପୁରୁଷ ଦଳଗତ ସ୍ୱର୍ଣ୍ଣ ସହିତ ଡବଲ୍ସରେ ରୌପ୍ୟ ଓ ସିଂଗଲ୍ସରେ ବ୍ରୋଞ୍ଜ ପଦକ ମଧ୍ୟ ତାଙ୍କୁ ମିଳିଥିଲା। ଏଥର କିନ୍ତୁ ସେ ନିଜର ସମସ୍ତ ପୂର୍ବ କୃତିତ୍ୱକୁ



ଏତିକି ପ୍ରାର୍ଥନା କରୁଥାଅ ଯେ ମୃତ୍ୟୁ ପୂର୍ବରୁ ତୁମର ଦୁର୍ଗୁଣଗୁଡ଼ିକ ଯେପରି ମୃତ୍ୟୁ ହୋଇଯାଇଥିବ। - ଫ୍ରାଙ୍କ୍‌ଲିନ୍



ପଛରେ ପକାଇ ତିନିଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟପଦକ ଉପରେ ନିଜର ଅଧିକାର ସାବ୍ୟସ୍ତ କରିଛନ୍ତି । ଏଥର ତାଙ୍କୁ ପ୍ରଥମ ସ୍ୱର୍ଣ୍ଣପଦକଟି ମିଳିଥିଲା ଦଳଗତ ପତିଯୋଗିତାରେ । ଶରତ କମଲଙ୍କ ସହିତ ଜ୍ଞାନଶେଖରନ ସତ୍ୟନ, ହରମିତ୍ ଦେଶାଇ ଓ ସନିଲ୍ ସେଟ୍ଟୀଙ୍କୁ ନେଇ ଗଠିତ ଭାରତୀୟ ଦଳ ଚୂଡ଼ାନ୍ତ ମୁକାବିଲାରେ ସିଙ୍ଗାପୁରକୁ ପରାସ୍ତ କରିଦେଇଥିଲା । ଏହାପରେ ଏକକ ପ୍ରତିଯୋଗିତାର ଫାଇନାଲରେ ସେ ଇଂଲାଣ୍ଡର ଲିଆମ୍ ପିଚ୍‌ଫୋର୍ଡଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ହାସଲ କରିଥିଲେ । ଏହି ପିଚ୍‌ଫୋର୍ଡ ଓ ତାଙ୍କ ସାଥୀ ପଲ୍ ଡ୍ରିଙ୍କହଲ୍ ୨୦୧୮ ଭଳି ଏଥରର ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଟେବୁଲ ଟେନିସ ଡବଲ୍‌ସରେ ମଧ୍ୟ ଶରତ କମଲ ଓ ଜ୍ଞାନଶେଖରନ୍ ସତ୍ୟନଙ୍କୁ ପରାସ୍ତ କରିଦେଇଥିଲେ । ସୁତରାଂ ସିଂଗଲ୍‌ସରେ ଶରତଙ୍କ ଏହା ଥିଲା ଇଂଲିଶ ଖେଳାଳିଙ୍କ ବିରୁଦ୍ଧରେ ଏକ ପ୍ରତିଶୋଧମୂଳକ ବିଜୟ ସଦୃଶ । ଏତଦ୍‌ବ୍ୟତୀତ ଶରତ କମଲ ମିକ୍ସଡ ଡବଲ୍‌ସରେ ଶ୍ରୀଜା ଆକୁଲାଙ୍କୁ ସହିତ ଫାଇନାଲରେ ମାଲେସିଆର ପ୍ରତିଦ୍ୱନ୍ଦୀଙ୍କୁ ହରାଇ ଜିତିଥିଲେ ଆଉ ଏକ ସ୍ୱର୍ଣ୍ଣପଦକ ।

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏତେସବୁ ସଫଳତା ହାସଲ କରିଥିବା ଅଚନ୍ତା ଶରତ କମଲ ୧୨ ଜୁଲାଇ ୧୯୮୨ରେ ମାତା ଅନ୍ନପୂର୍ଣ୍ଣାଙ୍କ କୋଳମଣ୍ଡନ କରି ଜନ୍ମ ନେଇଥିଲେ । ତାଙ୍କ ପିତା ଶ୍ରୀନିବାସ ରାଓ ଏବଂ କକା ମୁରଲୀଧର ରାଓ ଉଭୟେ ଥିଲେ ଟେବୁଲ ଟେନିସ ଖେଳାଳି । ଶରତ ମଧ୍ୟ ମାତ୍ର ଚାରିବର୍ଷ ବୟସରୁ ଏହି ଖେଳ ଖେଳିବା ଆରମ୍ଭ କରିଥିଲେ । ୧୫ବର୍ଷରେ ସେ ହୋଇଥିଲେ ଜୁନିଅର ଚାମ୍ପିଆନ । ୨୦୦୨ର ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ପ୍ରଶିକ୍ଷଣ ଶିବିରରେ ତାଙ୍କୁ ସାମିଲ କରାଯାଇଥିଲା । ସେ ବର୍ଷ ଏହି କ୍ରୀଡ଼ା ପାଇଁ ତାଙ୍କର ଚୟନ ହୋଇନଥିଲେ ହେଁ ସେଠାରେ ମିଳିଥିବା ପ୍ରଶିକ୍ଷଣ ତାଙ୍କୁ ଆଗକୁ ବଢ଼ିବା ନିମନ୍ତେ ସାହାଯ୍ୟ କରିଥିଲା । ପରବର୍ଷ ଅର୍ଥାତ୍ ୨୦୦୩ରେ ସେ ଜାତୀୟ ଚାମ୍ପିଆନ ହୋଇ ନିଜ ଖେଳ ଜୀବନର ଏକ ନୂତନ ଅଧ୍ୟାୟ ଆରମ୍ଭ କଲେ । ସିଂଗଲ୍‌ସ ପ୍ରତିଯୋଗିତାରେ ନିଜ କ୍ୟାରିୟରରେ ୧୦ଥର ଜାତୀୟ ଟେବୁଲ ଟେନିସ ଚାମ୍ପିଆନ ହୋଇ ସେ କମଲେଶ ମେହେଟାଙ୍କ ରେକର୍ଡ ଭାଙ୍ଗିଥିଲେ ।

ଆନ୍ତର୍ଜାତିକ ସ୍ତରରେ ଶରତ କମଲଙ୍କୁ ପ୍ରଥମ ସଫଳତା ମିଳିଥିଲା ୨୦୦୪ରେ । ସେହିବର୍ଷ କୁଆଲାଲମ୍‌ପୁରରେ ଆୟୋଜିତ କମନ୍‌ୱେଲ୍‌ଥ ଟେବୁଲ ଟେନିସରେ ସେ ଚାମ୍ପିଆନ୍ ଆଖ୍ୟା ଅର୍ଜନ କରିଥିଲେ । ସେହିବର୍ଷ ସେ ଏଥେନ୍ସ ଅଲିମ୍ପିକ୍ ପାଇଁ ମଧ୍ୟ ଭାରତୀୟ ଦଳରେ ସାମିଲ ହୋଇଥିଲେ । ଏହାପରେ ୨୦୦୭ରେ ଉତ୍ତର କୋରିଆର ପ୍ୟୋଙ୍ଗୟାଙ୍ଗରେ ଆୟୋଜିତ ଟୁର୍ଣ୍ଣମେଣ୍ଟ, ୨୦୧୦ର ୟୁ.ଏସ. ଓପନ୍ ଟି.ଟି. ଚାମ୍ପିଆନଶିପ ତଥା ଇଜିପ୍ଟ ଓପନ୍ ସମେତ ଆଉ କେତୋଟି ପ୍ରତିଯୋଗିତାରେ ଟାଇଟେଲ୍ ଜିତିବା ହେଉଛି ତାଙ୍କ ଜୀବନର ଅନ୍ୟତମ ସଫଳତା । ବିଶ୍ୱର ସର୍ବଶ୍ରେଷ୍ଠ କ୍ରୀଡ଼ା ମହୋତ୍ସବ ଅଲିମ୍ପିକ୍‌ରେ ସେ ପଦକ ଜିତିନଥିଲେ ହେଁ ଚାରିଥର ଭାଗ ନେଇଛନ୍ତି । ଗତବର୍ଷ ଜାପାନର ରାଜଧାନୀ ଟୋକିଓରେ ଖେଳାଯାଇଥିବା ଅଲିମ୍ପିକ୍‌ରେ ତୃତୀୟ ରାଉଣ୍ଡକୁ ଯିବା ଏହି କ୍ରୀଡ଼ା ମହାକୁମ୍ଭରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ । ଏହି ରାଉଣ୍ଡରେ ସେ ବିଶ୍ୱ ଚାମ୍ପିଆନ ତଥା ଚୀନର ତାରକା ମା ଲଙ୍ଗ୍‌ଙ୍କ ଠାରୁ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ପରାସ୍ତ ହୋଇଥିଲେ । ନିଜର ସାମର୍ଥ୍ୟ ଅନୁସାରେ ପ୍ରଦର୍ଶନ କରି ବିଶ୍ୱ ମାନ୍ୟତା ତାଲିକାର ୩୦ନମ୍ବର ସ୍ଥାନରେ ପହଁଚି ପାରିଥିବା ଅଚନ୍ତା ଶରତ କମଲ ୨୦୦୪ରେ ଅର୍ଜୁନ ପୁରସ୍କାର ପାଇଥିବା ବେଳେ ୨୦୧୯ରେ ଭାରତ ସରକାରଙ୍କ ତରଫରୁ ପଦ୍ମଶ୍ରୀ ସମ୍ମାନ ମଧ୍ୟ ଲାଭ କରିଛନ୍ତି । ଆଉ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପ୍ରଦର୍ଶନ ଅନୁସାରେ ଏହିବର୍ଷ ତାଙ୍କର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଜିତିବାର ସମ୍ଭାବନା ରହିଛି । ସବୁଠାରୁ ବଡ଼ କଥା ହେଲା ପ୍ରାୟ ୨୦ବର୍ଷ ଧରି ବିଭିନ୍ନ ଆନ୍ତର୍ଜାତିକ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବା, ଯାହାକି ଯୁବ ଖେଳାଳିମାନଙ୍କ ପାଇଁ ନିଶ୍ଚିତ ଭାବେ ଏକ ପ୍ରେରଣା ।

ମୋ- ୯୪୩୭୬୨୭୫୧୪



ଏ ଜୀବନ ହେଉଛି ପୁଷ୍ପ ଓ ତା'ର ମଧ୍ୟରେ ଭରି ରହିଛି ବିବେକ ରୂପକ ମଧୁ । -ଭିକ୍ଟର ହ୍ୟୁଗ୍

# ବିଜ୍ଞାନ ବିଚିତ୍ର



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**ପ୍ଲାଷ୍ଟିକ ଓ ସାମୁଦ୍ରିକ ଜୀବ –** ଆଜି ସମଗ୍ର ବିଶ୍ୱରେ ପ୍ଲାଷ୍ଟିକର ବ୍ୟବହାରକୁ ଯଦି ନିୟନ୍ତ୍ରଣକୁ ନ ଅଣାଯାଏ ତେବେ ୨୦୬୦ ମସିହା ବେଳକୁ ବର୍ଷକୁ ୧୫୫ ରୁ



୨୬୫ ମିଲିଅନ ମେଟ୍ରିକ ଟନର ପ୍ଲାଷ୍ଟିକ ବର୍ଜ୍ୟ ବସ୍ତୁ ହୋଇ ନିକଟସ୍ଥ ଜଳ ଉତ୍ସରେ ନିକ୍ଷେପିତ ହେବ ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ମାଇକ୍ରୋପ୍ଲାଷ୍ଟିକରେ ରୂପାନ୍ତରୀତ ହୋଇ ସାମୁଦ୍ରିକ ଜୀବମାନଙ୍କ ଶରୀରରେ ଗଚ୍ଛିତ ହୋଇ କେବଳ ଯେ ସେମାନଙ୍କ ପାଇଁ ବିପଦ ସୃଷ୍ଟି କରିବ ତାହା ନୁହଁ ବରଂ ସେମାନଙ୍କୁ ଖାଦ୍ୟ ରୁପେ ବ୍ୟବହାର କରୁଥିବା ମନୁଷ୍ୟ ଜୀବନ ପ୍ରତି ମଧ୍ୟ ବିପଦଜନକ ହେବ। ଗବେଷଣାରୁ ଜଣାପଡିଛି ଯେ ଚୀନ, କାନାଡା, ଅଷ୍ଟ୍ରେଲିଆ, ଜାପାନ ଓ ଆମେରିକାରେ ସମୁଦ୍ର କଙ୍କଡା ଓ ଶାମୁକାକୁ ପ୍ରମୁଖ ଖାଦ୍ୟ ଭାବେ ବ୍ୟବହାର କରାଯାଏ। ତାପରକୁ ଅଛନ୍ତି ୟୁରୋପ,ଏସିଆ ଓ ଯୁକ୍ତରାଜ୍ୟ। ୨୦୧୪ ରୁ ୨୦୨୧ ମଧ୍ୟରେ ହଲଯର୍କ ମେଡିକାଲ ସ୍କୁଲ ଓ ୟୁନିଭର୍ସିଟି ଅଫ ହଲର ୫୦ରୁ ଅଧିକ ଗବେଷକ ସାମୁଦ୍ରିକ ପ୍ରାଣୀମାନଙ୍କ ଶରୀରରେ ମାଇକ୍ରୋପ୍ଲାଷ୍ଟିକର ସ୍ତରକୁ ମାପ କରି ଜାଣିଛନ୍ତି ଯେ ଏହି ଜୀବମାନଙ୍କ ଶରୀରର ପ୍ରତି ଗ୍ରାମ ପିଛା ଶାମୁକା କ୍ଷେତ୍ରରେ ୦-୧୦.୫, କଙ୍କଡାବିଛା ଓ ଚିଙ୍ଗୁଡି ଶରୀରରେ ୦.୧-୮.୬ ଓ ମାଛ କ୍ଷେତ୍ରରେ ୦-୨.୯ ମିଲିଗ୍ରାମର ମାଇକ୍ରୋପ୍ଲାଷ୍ଟିକ ଜମା ହୋଇ ରହୁଛି। ଏହି ବିଷାକ୍ତ ପଦାର୍ଥ ସେମାନଙ୍କ ଖାଦ୍ୟନଳୀରେ ଜମାଟ ବାନ୍ଧି ରହୁଥିବାରୁ ସେମାନେ କ୍ଷୁଧାହୀନତାର ଶୀକାର ହେବା ସହିତ ତାଙ୍କର ଶରୀର କ୍ଷୟ ହେବା ସହ ପ୍ରଜନନ କ୍ଷମତା ମଧ୍ୟ ହ୍ରାସ ପାଏ। ଏହି କାରଣରୁ କେତେକ ପ୍ରଜାତି ଲୋପ ପାଇଗଲେଣି। ଏଥିପାଇଁ ମନୁଷ୍ୟ ଓ ମାନବୀୟ କାର୍ଯ୍ୟକଳାପ ହିଁ ଦାୟୀ ଅଟେ। ଏଗୁଡିକ ମୁଖ୍ୟତଃ ପ୍ଲାଷ୍ଟିକଶିଳ୍ପ,ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ,ପ୍ରସାଧନିକ ସାମଗ୍ରିର ପ୍ରସ୍ତୁତି ପାଇଁ ବ୍ୟବହୃତ ଗୁଳା ବା ବିଡ୍ ରୁ ଆସିଥାଏ। ଖାଦ୍ୟ ଶୃଙ୍ଖଳାରେ ମନୁଷ୍ୟ ଏହି ପ୍ରାଣୀମାନଙ୍କ ଉପରେ ନିର୍ଭର କରୁଥିବା ହେତୁ ମନୁଷ୍ୟ ଶରୀରକୁ ମଧ୍ୟ ଏହି ପ୍ଲାଷ୍ଟିକ ଆସିବାକୁ ଲାଗିଲାଣି ଯାହା ଭବିଷ୍ୟତରେ କର୍କଟ ରୋଗର କାରଣ ସାଜିଲାଣି। ଏହା ଉପରେ ସମଗ୍ର ବିଶ୍ୱରେ ଗବେଷଣା ଆରମ୍ଭ ହେଲାଣି।

**୧୨୦°ସେଲସିଅସରେ ବି ଜୀବନ ସମ୍ଭବ –** ୟୁନିଭର୍ସିଟି ଅଫ ରୋଡ ଆଇଲାଣ୍ଡର ବୈଜ୍ଞାନିକ ଆର୍ଥର ସ୍ପିଭାକଙ୍କ ନେତୃତ୍ୱରେ ବିଶ୍ୱର ପ୍ରାୟ ୪୦ଟି ସ୍ଥାନରେ ଗବେଷଣା କରି ଅତି ଗଭୀର ପ୍ରଦେଶ ଯେଉଁଠାରେ ତାପମାତ୍ରା ୧୦୦ ଡିଗ୍ରୀ ଉପରେ ରହିଥାଏ ସେଠାରେ ବାସ କରୁଥିବା ପ୍ରାୟ ୪୦,୦୦୦ ପ୍ରଜାତିର ଏକକୋଷୀ ପ୍ରାଣୀଙ୍କୁ ଚିହ୍ନଟ କରିଛନ୍ତି। ନିକଟ ଅତୀତରେ ଜାପାନର ନାନକାଇଠାରେ ଥିବା ସମୁଦ୍ରରେ ଚିକ୍ୟୁ ନାମକ ଖୋଦେଇ ମେସିନରେ ୧୧୮୦ ମିଟର ଗଭୀର ଖନନ ପରେ ସେଠାକାର ତାପମାତ୍ରା ପ୍ରାୟ ୧୨୦°ସେଲସିଅସ ଥିବା ଜାଣିଲେ। ସେଠାକାର ଜୈବିକ ବାତାବରଣରୁ ଜଣାଗଲା ଯେ ସେଠାରେ ଜୀବଜଗତ ରହିଛି। ସମୁଦ୍ରତଳର ପଙ୍କିଳ ପରିବେଶ ଅଳ୍ପ ଶକ୍ତିର ଉପସ୍ଥିତି ଜୀବ ଜଗତ ତିଷ୍ଠିବା ପାଇଁ ଅନୁପଯୁକ୍ତ ଥିଲେ ମଧ୍ୟ କିପରି ଏହି ଏକକୋଷୀ ଜୀବମାନେ ବଂଚି ରହିଛନ୍ତି ତାହା ଗବେଷଣା ସାପେକ୍ଷ ଅଟେ।

**ବର୍ଷା ଦିନରେ ଶରୀରର ଯତ୍ନ –** ପ୍ରତ୍ୟେକ ମଣିଷ ବର୍ଷା ଋତୁକୁ ଭଲ ପାଏ ଓ ଆଦର କରେ। କାରଣ ଗ୍ରୀଷ୍ମ ଋତୁର ଉଷ୍ମ ବାତାବରଣ ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରିଦିଏ। କିନ୍ତୁ ବର୍ଷା ଦିନରେ ବାୟୁ ମଣ୍ଡଳୀୟ ଆର୍ଦ୍ରତା ,ଗୁଳୁଗୁଳି ଅନେକ ସ୍ୱାସ୍ଥ୍ୟ ସମସ୍ୟା ନେଇ ଆସିଥାଏ। ଆଲର୍ଜି ହେବାଚର୍ମ ରୁକ୍ଷ ହୋଇ ମୁହଁ ଓ ଦେହରେ ଦାଗ ସୃଷ୍ଟି ହେବା ମୁହଁରୁ ଶୁଖିଲା ଚୋପା ଛାଡିବା,କେଶ ଝଡିବା ,ପାଦସନ୍ଧି ଓ ନଖରେ ଫଙ୍ଗାଲ ଇନଫେକ୍ସନ ଦେଖାଦେବା, ଅତ୍ୟଧିକ ଝାଳ ବୋହି କିମ୍ବା ଡିହାଇଡ୍ରେସନ ଯୋଗୁଁ ଦେହରେ କଂଟା ଫୋଡି ହେଲା ଭଳି ଜଣା ପଡିବା ଏହି ଋତୁର କେତେକ ସାଧାରଣ ଉପସର୍ଗ। ଯଦି ଅତ୍ୟଧିକ ତାତି କିମ୍ବା ଆର୍ଦ୍ରତା ଓ ଗୁଳୁଗୁଳି ଯୋଗୁଁ ମୁହଁରେ ଆଲର୍ଜି କିମ୍ବା ସଂକ୍ରମଣ ଦେଖାଦିଏ ତେବେ ତାକୁ ବଢିବାକୁ ନ ଦେଇ କିଛି ହାଲୁକା ଫଙ୍ଗାଲ ପାଉଡର ଲଗାନ୍ତୁ, ଓଦା ଲୁଗା ବେଶୀ ସମୟ ପିନ୍ଧନ୍ତୁ ନାହିଁ। ଜୋତା ଓଦା ହୋଇଥିଲେ ତାକୁ ବଦଳାଇ ହାୱାଇ ଚପଲ ବା ଖୋଲା ଜୋତା ପିନ୍ଧନ୍ତୁ। ଶରୀରର ସୁନ୍ଦରତା ଦେଖିବା ପାଇଁ ନୁହଁ ବରଂ ଅନୁଭବ ପାଇଁ ଅଟେ। ବର୍ଷା ଦିନରେ ଜଳୀୟ ଆର୍ଦ୍ରତା ପାଇଁ ଚର୍ମ ଓ କେଶ ମୂଳରେ ଝାଳ,ତେଲିଆ ଅଂଶ ଜମା ହୋଇ ରୁକ୍ଷ ଦେଖା ଯାଏ । ଏଥିପାଇଁ ଗୋଟିଏ କପ୍ ପାଣିରେ ୪ ବୁନ୍ଦା ଗୋଲାପ ଜଳ ମିଶାଇ ଫ୍ରିଜ୍‌ରେ ରଖନ୍ତୁ ଏବଂ ତୁଳା ସାହାଯ୍ୟରେ ଦିନକୁ ୫-୬ ଥର ପୋଛି ଦିଅନ୍ତୁ। ଏପରି କରିବା ଦ୍ୱାରା ଚର୍ମର ରନ୍ଧ୍ର ସବୁ ଖୋଲି ଯାଇ ବାୟୁ ଆତଯାତ ପାଇଁ ବାଟ ଖୋଲେ ଓ ଚର୍ମକୁ ଥଣ୍ଡା କରେ। ଆଖିପତା ର ଅବସାଦ ଦୂର କରିବାକୁ ଥରେ ଥଣ୍ଡା ପାଣିରେ ପରେ ଉଷୁମ ପାଣିରେ ୨-୩ ଥର ଧୁଅନ୍ତୁ। ଯଦି ଉଷୁମ ପାଣିରେ ଚା ପତି ମିଶାଇ ଧୁଅନ୍ତି ତେବେ ଏହା ଅଧିକ ସୁଫଳ ଦେଇଥାଏ। ମୁହଁକୁ ମସୃଣ ଓ ସୁନ୍ଦର କରିବାକୁ ଚାହୁଁଥିଲେ ଗୋଟିଏ ପାତ୍ରରେ ୪ ଚାମଚ ଓଟ୍ ପାଉଡର , ଅଣ୍ଡାର ଧଳା ଅଂଶ,୧ ଚାମଚ ମହୁ ଓ ୧ ଚାମଚ ଦହି ମିଶାଇ ଏକ ପେଷ୍ଟ କରି ତାକୁ ମୁହଁରେ ମାସ୍କ ପରି ଲଗାଇ ରଖନ୍ତୁ। ଯଦି

ଅଣ୍ଡା ବ୍ୟବହାର ନ କରନ୍ତି ତେବେ ତା ବଦଳରେ କମଳା ରସ ଓ ଗୋଲାପ ଜଳର ମିଶ୍ରଣ ନେଇ ପାରନ୍ତି। ଅଧ ଘଂଟା ପରେ ମୁହଁକୁ ଖାଲି ପାଣିରେ ଧୋଇ ଦିଅନ୍ତୁ। ଚର୍ମକୁ ଓଦା ରଖିବାକୁ ପାଚିଲା ପପେୟା, କାକୁଡି, ତରଭୁଜ, ସପୁରୀ କିମ୍ବା ପାଚିଲା ଆମ୍ବର ବହଳା ଅଂଶକୁ ମୁହଁରେ ପ୍ୟାଚ ରୁପେ ଲଗାଇ ରଖି ପାରନ୍ତି। ବର୍ଷା ଦିନରେ କେଶକୁ ଉଜ୍ଜ୍ୱଳ ରଖିବାକୁ ଗୋଟିଏ ପାତ୍ରରେ କିଛି ଚାହା ଗୁଣ୍ଡ ନେଇ ଫୁଟାନ୍ତୁ ,ଥଣ୍ଡାକରନ୍ତୁ ଏବଂ ଗୋଟିଏ ଲେମ୍ବୁକୁ କାଟି ତାର ରସକୁ ମିଶାଇ ଗାଧୋଇବା ପୂର୍ବରୁ କେଶରେ ଲଗାନ୍ତୁ ଓ କିଛି ସମୟ ପରେ ଏକ ହାଲୁକା ସାମ୍ପୁ ଲଗାଇ ଧୁଅନ୍ତୁ। ଏହା ବଦଳରେ ଏକ କପ୍ ପାଣିରେ ୧ ଚାମଚ ଆପେଲ ସିଡାର ଭିନେଗାର ମିଶାଇ ଲଗାଇଲେ ବି ସୁଫଳ ମିଳେ। ଜୀବାଣୁ ଓ ଫଙ୍ଗାଲ ସଂକ୍ରମଣ ଯୋଗୁଁ ଏହି ଋତୁରେ କେଶ ଉପୁଡିବା ଦେଖାଯାଏ। ଏହା ନ ହେବାପାଇଁ କେଶକୁ ଯଥା ସମ୍ଭବ ଶୁଷ୍କ ରଖନ୍ତୁ। ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସର୍ବ ସାଧାରଣ ଟଏଲେଟ୍ ବ୍ୟବହାର କଲାବେଳେ ସାବଧାନ ରହନ୍ତୁ। ଦିନକୁ ୧୦-୧୨ ଗ୍ଲାସ ପାଣି ପିଅନ୍ତୁ। ନିଜ କେଶକୁ ସାମ୍ପୁ କରିବା ପୂର୍ବରୁ ଅଣ୍ଡାର ଧଳା ଅଂଶକୁ ଲଗାଇ ଅଧ ଘଂଟା ରଖିଲେ ସୁଫଳ ମିଳିଥାଏ। ପାଦକୁ ସଂକ୍ରମଣମୁକ୍ତ ରଖିବାକୁ ଶୋଇବା ପୂର୍ବରୁ ଅଧା ବାଲଟି ଉଷୁମ ପାଣିରେ କିଛି ଲୁଣ ,ଏକ କପ୍ ଲେମ୍ବୁ ରସ ଓ ଚାହାରୁ ତିଆରି ତେଲ ମିଶ୍ରିତ କରି ତାମଧ୍ୟରେ ପାଦକୁ ଅଧଘଂଟା ପର୍ଯ୍ୟନ୍ତ ବୁଡାଇ ରଖନ୍ତୁ। ଏପରି କିଛି ଦିନ କଲେ ପାଦ ଯେ ମସୃଣ ହେବ ତା ନୁହଁ ବରଂ ଏହାକୁ ସଂକ୍ରମଣରୁ ବି ରକ୍ଷା କରା ଯାଇ ପାରିବ। ଶରୀରର ସନ୍ଧି ଅଂଶ ଗୁଡିକରେ ଝାଳ କିମ୍ବା ଜଳୀୟ ଅଂଶ ନ ଜମିବା ପାଇଁ ତାକୁ ତୁଳାରେ ପୋଛି ଆଂଟି ଫଙ୍ଗାଲ ପାଉଡର ଲଗାନ୍ତୁ। ଚିପା ସିନ୍‌ଥେଟିକ ଲୁଗା ଅପେକ୍ଷା ଖୋଲା କଟନ ଲୁଗା ବ୍ୟବହାର କରନ୍ତୁ। ଅନ୍ୟର ଲୁଗାପଟା ବ୍ୟବହାର କରନ୍ତୁ ନାହିଁ। ନଖକୁ କାଟି ଛୋଟ କରନ୍ତୁ। ଚଂଟି ଦରଜ ଓ କାଶରୁ ରକ୍ଷା ପାଇବାକୁ ଅଦା କିମ୍ବା ତୁଳସୀ ପତ୍ର ମିଶ୍ରିତ ଚା କିମ୍ବା ଗରମ ପାଣି ପିଅନ୍ତୁ।

**ନଡିଆ ତେଲର ଉପକାରିତା –** ଅନେକ ଦୃଷ୍ଟିରୁ ନଡିଆ ତେଲକୁ ଈଶ୍ୱରଙ୍କ ଏକ ଅମୋଘ ବରଦାନ ବୋଲି ବିବେଚନା କରାଯାଏ। ଶୁଷ୍କ ,ନଷ୍ଟ ହୋଇ ଯାଇଥିବା କେଶକୁ ପୁନର୍ଜୀବନ ଦେବା,ଜୀବାଣୁ ବୃଦ୍ଧିକୁ ପ୍ରତିହତ କରିବା, ଶରୀରର ମେଦକୁ କମ୍ କରିବା, ଦାନ୍ତରୁ ମଇଳା ସଫାକରି ଶୁଭ୍ରପଣ ଦେବା ଏବଂ ମୁହଁ ରେ ଲାଗିଥିବା ମେକଅପ୍ କୁ ସହଜରେ ଛଡାଇବା ଭଳି ଅନେକ କାର୍ଯ୍ୟ ଏହି ତେଲ ଦ୍ୱାରା ସାଧିତ ହୋଇଥାଏ। ଏହା ହେଉଛି ଏକ ପ୍ରାକୃତିକ ସନସ୍କ୍ରିନ ଯାହା ସୂର୍ଯ୍ୟ କିରଣରୁ ଆସୁଥିବା ଅତି ବାଇଗଣି ରଶ୍ମିରୁ ସୁରକ୍ଷା ଦେଇଥାଏ। ଏହି ତେଲ ଚିକିଟା ହୋଇ ନ ଥିବାରୁ ଚର୍ମର ରନ୍ଧ୍ର ସବୁକୁ ବନ୍ଦ କରେ ନାହିଁ। ନଡିଆର ପ୍ରତ୍ୟେକ ଅଂଶ ଆମ ପାଇଁ ହୋଇଥାଏ। ନଡିଆ ଏକ ଖାଦ୍ୟ ଭାବରେ ଭରପୂର ଭିଟାମିନ ଓ ଖଣିଜ ଲବଣ ଯୋଗାଇଥାଏ। ତାର ତେଲକୁ କେବଳ ରାନ୍ଧିବା ନୁହଁ ବରଂ ବିଶେଷ କରି ଖରାଦିନରେ ମୁହଁରେ ଲଗାଇଲେ ଜଳୀୟ ଅଂଶକୁ ଆକର୍ଷିତ କରି ଏହା



ମୁହଁକୁ ଆର୍ଦ୍ର ରଖିବା ସହ ମସୃଣ କରେ। ନଡିଆ ତେଲରେ ମହଜୁଦ ଥିବା ଲରିକ ଏସିଡ,ଭିଟାମିନ-ଇ ଏବଂ ଆମିନୋ ଏସିଡ୍ ଚର୍ମକୁ ସତେଜ ଓ ସୁସ୍ଥ ରଖେ। ଲରିକ ଏସିଡ ଚର୍ମକୁ ଜୀବାଣୁମୁକ୍ତ ରଖିବା ସହିତ ଜ୍ୱଳନକୁ ହ୍ରାସ କରେ ଓ ବ୍ରଣ ହେବାକୁ ଦିଏ ନାହିଁ। ଏହାକୁ ଏକଜିମା ଭଳି ଚର୍ମକୁ ରୁକ୍ଷ କରୁଥିବା ସ୍ଥାନରେ ଲଗାଇଲେ ଚର୍ମ ଫାଟେ ନାହିଁ ଓ ମସୃଣ ରହେ। ଯଦି ଆପଣଙ୍କ ଓଠ ଫାଟୁଥାଏ ତେବେ ଲଗାତାର କିଛି ଦିନ ପାଇଁ ଏହାକୁ ଓଠରେ ଲଗାନ୍ତୁ। ଏଥିରେ ଥିବା ଭିଟାମିନ ଓ ଖଣିଜ ଲବଣ କେଶ ମୂଳକୁ ସୁସ୍ଥ ରଖି ଗହଳ କେଶ ବୃଦ୍ଧିରେ ସହାୟକ ହୁଏ। ପୁରୁଷମାନେ ରାସାୟନିକ ପଦାର୍ଥ ମିଶ୍ରିତ ସେଭିଙ୍ଗ କ୍ରିମ ବଦଳରେ ନଡିଆତେଲକୁ ଗାଲରେ ଲଗାଇ କିଛି ସମୟ ପରେ ସେଭିଙ୍ଗ ହୁଅନ୍ତୁ। ଦେଖିବେ କେତେ ମସୃଣ ଓ ସହଜସାଧ୍ୟ ଲାଗିବ। ଏତଦ ବ୍ୟତୀତ ଏଠାରେ ଆଉ ଆଫ୍ଟର ସେଭ ଲଗାଇବା ଦରକାର ପଡେ ନାହିଁ।

**ଲିଚ୍ ଥେରାପୀ ବା ଜୋକ ଚିକିତ୍ସା –** ଅନେକ ରୋଗରେ ଯେତେବେଳେ ଡାକ୍ତରୀ ଚିକିତ୍ସା କାମରେ ଆସେ ନାହିଁ ତେବେ ଲୋକେ ପୁଣି ସେହି ପାରମ୍ପରିକ ପ୍ରଣାଳୀ ଆଡକୁ ମୁହାନ୍ତି। ଲିଚ ବା ଜୋକ ଚିକିତ୍ସା ସେଥିରୁ ଗୋଟିଏ ଅଟେ। ଚୀନ ଦେଶରେ ଏହି ପ୍ରଣାଳୀ ବିଶେଷ ଆଦୃତି ଲାଭ କରିଥିଲା କିନ୍ତୁ ଏବେ ଭାରତରେ ବି ତାର ପ୍ରଚଳନ ଆରମ୍ଭ ହେଲାଣି। ବିଶେଷ କରି ଚର୍ମ,ରକ୍ତ ଜନିତ ରୋଗ, ସୋରିଆସିସ୍ , ଥ୍ରୋମ୍ବୋଟିକ୍ ପାଇଲ୍ସ,ଥ୍ରୋମ୍ବୋ-ଆଞ୍ଜାଇଟିସ୍-ଓବଲିଟେରାନ୍ସ ବା ଟିଏଓ ଓ ଘାଆ ହୋଇ ପଚି ଯାଇଥିବା ସ୍ଥାନକୁ ଠିକ କରିବା ପାଇଁ ଏହି ପ୍ରଣାଳୀ ଅତି ଉପାଦେୟ। ଏହାର ଉପାୟ ହେଲା ପ୍ରଭାବିତ ସ୍ଥାନରୁ ସାମାନ୍ୟ କିଛି ଦୂରରେ ଜୋକଟିକୁ ଛାଡିଦେଲେ ଏହା ଗତି କରି ଠିକ୍ ପ୍ରଭାବିତ ସ୍ଥାନରେ ମୁହଁ ପୋତି ରକ୍ତ ଶୋଷିବା ଆରମ୍ଭ କରେ। ଫଳରେ ଦୂଷିତ ବା ପଚା ରକ୍ତକୁ ସେ ଶୋଷି ବାହାର କରି ନେବାରୁ ସେହି ସ୍ଥାନରେ ସୁସ୍ଥ ରକ୍ତ ପ୍ରବାହିତ ଆରମ୍ଭ କରେ ଓ ସଂକ୍ରମଣର ସମ୍ଭାବନା କମିଯାଏ। ପ୍ରକ୍ରିୟାଟି ପୁରା ହେଲାପରେ ଜୋକ ମୁହଁ ପାଖରେ ହଳଦୀଟିକେ ଦେଇଦେଲେ ସେ ସେହି ସ୍ଥାନରୁ ବାହାରି ଆସେ ଏବଂ କିଛି ସମୟ ପରେ ସେହି ଦୂଷିତ ରକ୍ତକୁ ବାନ୍ତି କରି ପକାଏ ତେଣୁ ତାକୁ ପୁନଃ ବ୍ୟବହାର କରାଯାଇପାରେ। ଏହାର ଅନ୍ୟ ଏକ ଲାଭ ହେଲା ଜୋକଟି ପ୍ରଭାବିତ ସ୍ଥାନରେ



ଏକ ପ୍ରୋଟିଓଲିଟିକ୍ ଏଞ୍ଜାଇମସ ମିଶ୍ରିତ ଲାଳକୁ ଛାଡିଦିଏ ଯାହା କ୍ଷତ ସ୍ଥାନକ ସଂକ୍ରମଣରୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଶୁଖିବାରେ ସାହାଯ୍ୟ କରେ। ଜୋକମାନେ ବିଷାକ୍ତ କିମ୍ବ ଅବିଷାକ୍ତ ହୋଇ ପାରନ୍ତି। କିନ୍ତୁ ଭାରତରେ ମିଳୁଥିବା ଜୋକମାନେ ବିଷଧର ନୁହଁନ୍ତି। ଏହି ଚିକିତ୍ସାର ଅନ୍ୟ ଏକ ସୁଫଳ ହେଲା ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ଏବଂ ଏହା ଅଧିକ ବ୍ୟୟ ସାପେକ୍ଷ ବି ନୁହଁ। ବର୍ଜର ରୋଗରେ ରୋଗୀ ଶରୀରର ଛୋଟ ଛୋଟ ରକ୍ତନଳୀ ଗୁଡିକ ରୁଦ୍ଧ ହୋଇ ସେହି ସ୍ଥାନଟି ଫୁଲିଯାଏ ଓ ପରେ ସଂକ୍ରମଣ ଯୋଗୁଁ ପଚିଯାଏ ତେଣୁ ସ୍ଥଳ ବିଶେଷରେ ସେହି ଅଙ୍ଗକୁ କାଟିବାକୁ ପଡିଥାଏ କିନ୍ତୁ ଜୋକ ଚିକିତ୍ସାରେ ଏପରି ରୋଗୀଙ୍କୁ ଭଲକରାଯାଇପାରେ। ଏହି ଜନ୍ତୁଟି ଅତ୍ୟନ୍ତ ବୁଦ୍ଧିମାନ ଓ ଏହାର ସ୍ନାୟୁତନ୍ତ୍ର ବି ଅତି ଉନ୍ନତ ଅଟେ। ଏହି ଚିକିତ୍ସା ପାଇଁ ଅଧିକ ଗବେଷଣା ଆବଶ୍ୟକ ବୋଲି ଅନେକଙ୍କ ମତ।

**ସାର୍କ ସଂପର୍କରେ କିଛି ଜାଣିବା କଥା –** ଏହି ଜୀବକଥା ମନକୁ ଆସିଲେ ଏକ ନିର୍ଦ୍ଦୟ,ମନୁଷ୍ୟ ମାଂସଭକ୍ଷୀ ବିରାଟ ଭୟଙ୍କର ସମୁଦ୍ର ବକ୍ଷର ଆତଙ୍କୀ ଜୀବର ଚିତ୍ରଟିଏ ମନକୁ ଚାଲିଆସେ। କିନ୍ତୁ ଶୁଣିଲେ ଆଶ୍ଚର୍ଯ୍ୟ ହେବେ ଯେ ୩୫୦ ପ୍ରକାର ସାର୍କଙ୍କ ମଧ୍ୟରୁ କେବଳ ୨୦ଟି ପ୍ରଜାତିର ସାର୍କ ହିଂସ୍ର ଅଟନ୍ତି ଓ ଯେଉଁମାନେ ମନୁଷ୍ୟକୁ ଆକ୍ରମଣ କରିଥାନ୍ତି। ଏମାନଙ୍କୁ ଟାଇଗର ସାର୍କ ,ଗ୍ରେଟ ହ୍ୱାଇଟ୍ ସାର୍କ ଏବଂ ବୁଲ ସାର୍କ ନରଭୋଜୀ ଅଟନ୍ତି। ସାର୍କ ର ଦାନ୍ତସବୁ ବର୍ଷର ଅଧିକାଂଶ ସମୟରେ ଝଡିଥାଏ ଓ ଏହା ସମୁଦ୍ର ବକ୍ଷରେ ପଡିଲାମାତ୍ରେ ବାଲିଦ୍ୱାରା ଘୋଡେଇ ହୋଇଯାଏ। ଏହାର ଦାନ୍ତ ଗୁଡିକ ଧାରୁଆ ଓ ତୀକ୍ଷଣ ହୋଇଥିଲେହେଁ ଶୀକାରକୁ କାଟିବାରେ କିମ୍ବା ଚୋବାଇବାରେ ଏହକୁ ବ୍ୟବହାର କରିବା ପରିବର୍ତ୍ତେ ସେ ଶୀକାରକୁ ଗଡି ଗଡି କାଟିବାରେ ଏହାକୁ ବ୍ୟବହାର କରିଥାଏ। ସେ ମାଂସ ଖଣ୍ଡକୁ ବଡ ବଡ ଖଣ୍ଡରେ ଗିଳିଥାଏ। ସାର୍କ ର ଲିଭରରେ ପ୍ରଚୁର ପରିମାଣରେ ତୈଳାଂଶ ଥିବାରୁ ତାହା ତାକୁ ଭାସମାନ ଅବସ୍ଥାରେ ରହିବାରେ ସହାୟତା କରେ। ସାର୍କର ଆଖି ସମ୍ମୁଖରେ ଟାପେଟମ୍ ଲୁସିଡମ୍ ନାମରେ ଥିବା ଏକ ପରଦା ତାକୁ କାଦୁଆ ଓ ଗୋଳିଆ ପାଣିରେ ବି ଶୀକାରକୁ ଦେଖିବାରେ ସହାୟକ ହୋଇଥାଏ। ଏହାର ଅନ୍ତଃକର୍ଣ ଏତେ ସମ୍ବେଦନଶୀଳ ଯେ ଏହା ଜଳ ଭିତରେ ୮୦୦ ଫୁଟ ଦୂରତାରୁ ଆସୁଥିବା ଶବ୍ଦକୁ ମଧ୍ୟ ଅତି ଭଲଭାବେ ଶୁଣିପାରେ। ଆମେ ସିନା ସାର୍କକୁ ଆମର ଶତୃଭାବେ ଗଣନା କରୁ କିନ୍ତୁ ପ୍ରକୃତରେ ମନୁଷ୍ୟ ହିଁ ହେଉଛି ସାର୍କର ଭୟଙ୍କର ଶତୃ ଯିଏ ତାର ସ୍ଥିତିକୁ ବିପନ୍ନ କରି ପକାଉଛି । ଶୁଣିଲେ ଆଶ୍ଚର୍ଯ୍ୟ ହେବେ ଯେ ବର୍ଷକୁ ମନୁଷ୍ୟଦ୍ୱାରା ପ୍ରାୟ ୭୩ ମିଲିଅନ୍ ସାର୍କଙ୍କୁ ନିର୍ଦ୍ଦୟ ଭାବରେ ହତ୍ୟା କରାଯାଉଛି।

**ଏକ ଆଶ୍ଚର୍ଯ୍ୟଜନକ ଯନ୍ତ୍ର –** ଅନୁମାନ କରନ୍ତୁ ଏକ ଯନ୍ତ୍ରକୁ ଯିଏ ୩ ଦିନ ମଧ୍ୟରେ ଦୁଇ ଡଲାର୍ ମୂଲ୍ୟ ବିନିମୟରେ ଖାଲି ପାଣିରୁ ୨୦ ଡଲାର ମୂଲ୍ୟର ମଦ ତିଆରି କରିପାରିବ। ଏଥିରେ ଏକ ଫର୍ମେଂଟେସନ ଚେମ୍ବର ରହିଛି ଯାହା ଭିତରେ ପାଣି ,ଅଙ୍ଗୁର ରସ ,ଇଷ୍ଟ ଓ ଫିନିସିଙ୍ଗ ପାଉଡର ନାମକ ଏକ ଗୁଣ୍ଡ ମିଶାଇ ରଖିଦିଆଯାଏ। ଏହି ପ୍ରକ୍ରିୟାର ବିଭିନ୍ନ ସୋପାନକୁ ନିୟନ୍ତ୍ରଣରେ ରଖିବାକୁ କେତେକ ବୈଦ୍ୟୁତିକ ସେନ୍ସର , ଟ୍ରାନ୍ସଡ୍ୟୁସର ,ହିଟର ଓ ପମ୍ପ୍ ରହିଛି। ଏହାର ପରିଚାଳନାକୁ ଜାଣିବାକୁ ବ୍ଲୁଟୁଥ୍ ଦ୍ୱାରା ପରିଚାଳିତ ଏକ ଆପ୍ ବ୍ୟବହାର କରାଯାଏ। ନିଜର ସ୍ୱାଦ ଅନୁଯାୟୀ ମଦ ତିଆରି କରିବାକୁ ଏହି ଆପ୍ କ'ଣ କ'ଣ ଉପାଦାନ କେତେ ମାତ୍ରାରେ ମିଶାଇବେ ତାର ସୂଚନା ବି ଦିଏ। ଫିନିସିଙ୍ଗ ପାଉଡରରେ ଓକ୍ ଏବଂ ଅନ୍ୟ ଗୁଣ୍ଡସବୁ ମିଶିଛି ଯାହାଦ୍ୱାରା ଏହାକୁ ସୁସ୍ୱାଦୁ କରାଯାଇ ପାରିବ। ୨୪ ଘଂଟା ପରେ ପରେ ଏହି ଆପ୍ ଟି ମଦ୍ୟ ତିଆରିର ସୂଚନା ଦେବା ଆରମ୍ଭ କରେ। ୩ ଦିନ ବା ୭୨ ଘଂଟା ମଧ୍ୟରେ ଏହି ପ୍ରକ୍ରିୟାଟି ସଂପୂର୍ଣ ହୋଇ ମଦଟି ବ୍ୟବହାର ଯୋଗ୍ୟ ଅବସ୍ଥାକୁ ଚାଲିଆସେ ବୋଲି ୱାସିଙ୍ଗଟନ୍ ପୋଷ୍ଟର ଏକ ରିପୋର୍ଟ ପ୍ରକାଶ ପାଇଛି।

**ଆସନ୍ତୁ ପଶୁପକ୍ଷୀଙ୍କ ସାଙ୍ଗରେ ଦୁଃଖସୁଖ ହେବା –** ବିଭିନ୍ନ କାର୍ଟୁନ କିମ୍ବା ଶିଶୁ ଚଳଚିତ୍ରରେ ପଶୁପକ୍ଷୀମାନେ ମଣିଷ ଭଳି ମନୁଷ୍ୟ ଭାଷାରେ କଥା ହେଉଥିବା ଆମେ ଦେଖୁ। ସେ ସମୟରେ ଆମ ମନ ଭିତରକୁ ଆସେ ବାସ୍ତବରେ ଯଦି ଏମିତି ହୁଅନ୍ତା କେତେ ଭଲ ହୁଅନ୍ତା ଅତି କମରେ ଆମର ପୋଷା ଜୀବଜନ୍ତୁଙ୍କ ସାଙ୍ଗରେ ତ ଆମେ କଥା ହୋଇ ପାରନ୍ତୁ। ଏହାକୁ ସାକାର କରିବା ପାଇଁ ଚେଷ୍ଟା କରିଛନ୍ତି ସ୍କଟିସ୍ ବୈଜ୍ଞାନିକ ଆୟାନ୍ ଦଙ୍କାନ୍। କାନାଡାର ଗୁଏଲ'ଫ ୟୁନିଭର୍ସିଟିରେ ବିଭିନ୍ନ ଜୀବଜନ୍ତୁଙ୍କୁ ନେଇ ପ୍ରଶ୍ନ ମାଧ୍ୟମରେ ସେମାନଙ୍କ ପ୍ରତିକ୍ରିୟା ଜାଣିବାକୁ ସେମାନେ ଚେଷ୍ଟା କରିଥିଲେ। ଏହି ପରୀକ୍ଷଣରେ ସେମାନେ ବିଭିନ୍ନ ପ୍ରଜାତିର ପଶୁଙ୍କ ଆଗରେ ପ୍ରଶ୍ନ ପଚାରି କିଛି ଚଏସ୍ ଛାଡୁଥିଲେ। ଦେଖାଗଲା ଯେ ଅନେକ ଚଏସ୍ ଥିଲେ ମଧ୍ୟ ସେହି ପ୍ରଶ୍ନଟିକୁ ବାରମ୍ବାର କିଛି ଅନ୍ତରାଳରେ ପଚାରିଲେ ସୁଦ୍ଧା ସେହି ସମାନ ଉତ୍ତର ତାଙ୍କଠୁଁ ମିଳୁଥିଲା। ଅର୍ଥାତ ସେହି ଜନ୍ତୁମାନେ ତାହା ଚାହୁଁଥିଲେ ବୋଲି ପରୋକ୍ଷରେ ସ୍ୱୀକାର କରୁଥିଲେ। ଡଙ୍କାନଙ୍କ ମତରେ ସେମାନେ ଏହିପରି ଅନେକ ପ୍ରଣାଳୀ ବାହାର କରିଛନ୍ତି ଯଦ୍ୱାରା ନିଜେ ପୋଷିଥିବା ଜୀବଜନ୍ତୁଙ୍କ ସାଙ୍ଗରେ ଭାବ ବିନିମୟ କରିହେବ।



ଉଚ୍ଚଚିନ୍ତା ରୂପକ ଖାଦ୍ୟ ଯୋଗାଇଲେ, ତୁମ ମନ ଆଶାତୀତ ଭାବରେ ଉନ୍ନତ ହୋଇଯିବ। – ଡସ୍‌ରାଇଲ୍

# ସମ୍ବାଦ ବିଚିତ୍ରା

୧. ସର୍ଭିକାଲ କ୍ୟାନସର ବା ଜରାୟୁ କର୍କଟ ପାଇଁ ଦେଶକୁ ମିଳିବ ପ୍ରଥମ ସ୍ୱଦେଶୀ ଟିକା। ସେରମ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଏହି ଟିକା ପ୍ରସ୍ତୁତ କରାଯାଇଛି।

୨. ଶକ୍ତିଶାଳୀହେବ ଭାରତୀୟ ନୌସେନା। ସ୍ୱଦେଶୀ କାରିଗରୀରେ ନିର୍ମିତ ଦେଶର ସର୍ବବୃହତ ମହାଶକ୍ତିଶାଳୀଯୁଦ୍ଧଜାହାଜ ଆଇଏନ୍ଏସ୍ ବିକ୍ରାନ୍ତ ଭାରତୀୟ ନୌସେନାରେ ସାମିଲ ହୋଇଛି।

୩. ବାୟୁସେନା ପକ୍ଷରୁ ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର କୁଆଖାଇ ନଦୀଶଯ୍ୟାରେ ଏବଂ ୧୮ ତାରିଖରେ ପୁରୀ ରାଜଭବନ ଉପରେ ସୂର୍ଯ୍ୟକିରଣ ଶୋ ଅନୁଷ୍ଠିତ ହେବ ।

୪. ଗୁରୁଦିବସ ଅବସରରେ ଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ପୁରସ୍କାର ପ୍ରଦାନ ସମାରୋହରେ ଦେଶର ୪୫ ଜଣ କୃତୀ ଶିକ୍ଷକଙ୍କୁ ସମ୍ମାନିତ କରି ଶ୍ରୀମତୀ ମୁର୍ମୁ।

୫. ଅପଗ୍ରେଡ୍ ହେବ କେନ୍ଦ୍ରୀୟ ଓ ନବୋଦୟ ବିଦ୍ୟାଳୟ। ଦେଶରେ ଥିବା ୧୪,୫୦୦ରୁ ଊର୍ଦ୍ଧ୍ୱ କେନ୍ଦ୍ରୀୟ ଓ ନବୋଦୟ ବିଦ୍ୟାଳୟଗୁଡ଼ିକର ଉନ୍ନତି କରଣ କରାଯିବ।

୬. ଭାରତ ଓ ଚୀନ୍ ମଧ୍ୟରେ ଷୋଡ଼ଶ କର୍ପସ କମାଣ୍ଡୋସ୍ତରୀୟ ବୈଠକ ପରେ ଉଭୟ ପକ୍ଷ ଗୋଗ୍ରୋ ହଟ୍ ସ୍ପ୍ରିଙ୍ଗ୍ ୧୧-୧୫ ଜୋନ୍‌ରୁ ସୈନ୍ୟ ପ୍ରତ୍ୟାହାର କରିଥିବା ସୂଚନା ମିଳିଛି ।

୭. କେନ୍ଦୁଝର ମେଡିକାଲ କଲେଜ କୁ ମିଳିଲା ୫ଷ୍ଟାର ରେଟିଙ୍ଗଏ ଏବଂ ଖୁବ୍ ଶୀଘ୍ର ନାମ ଲେଖା ପାଇଁ ଅନୁମତି ମିଳିବ। ୧୬ଟି କୋଠା କାମ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ ୮୦ ଜଣ ପ୍ରଫେସର୍ ସହକାରୀ ପ୍ରଫେସର ନିଯୁକ୍ତ ହେବେ ।

୮. କର୍ଣ୍ଣାଟକରେ ପ୍ରତ୍ୟେକ ସ୍କୁଲ ଓ ପ୍ରି-ୟୁନିଭରସିଟି କଲେଜରେ ବାଧ୍ୟତାମୂଳକ ହେଲା ଜାତୀୟ ସଙ୍ଗୀତ ଗାନ। ଏନେଇ ରାଜ୍ୟ ସରକାର ଦେଲେ ନିର୍ଦ୍ଦେଶ।

୯. ଋଷର ରାଷ୍ଟ୍ରପତି ପୁଟିନଙ୍କୁ ଘାରିଲା ଦେଶର ଜନସଂଖ୍ୟା ଚିନ୍ତା। ଜନସଂଖ୍ୟା ବଢ଼ାଇବାକୁ ଆରମ୍ଭ କଲେ 'ମଦର ହିରୋଇନ୍' ଯୋଜନା। ୧୦ ପିଲା ଜନ୍ମ କଲେ ମିଳିବ ୧୩ ଲକ୍ଷ ଟଙ୍କାର ପୁରସ୍କାର।

୧୦.ସବୁଠୁ ପ୍ରଦୂଷିତ ପ୍ରଥମ ୧୦ଟି ନଗରୀ ହେଉଛି : ଦିଲ୍ଲୀ, କୋଲକତା, କାନୋ (ନାଇଜେରିଆ), ଲିମା(ପେରୁ), ଢାକା(ବାଙ୍ଗଲାଦେଶ), ଜାକର୍ତ୍ତା(ଇଣ୍ଡୋନେସିଆ), ଲାଗୋସ (ନାଇଜେରିଆ), କରାଚୀ (ପାକିସ୍ତାନ), ବେଜିଂ(ଚୀନ) ଓ ଆକ୍ରା(ଘାନା)।

୧୧.ଅଗଷ୍ଟ ୧ ସୁଦ୍ଧା ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଭଣ୍ଡାରରେ ୫୪୫.୯୭ ଲକ୍ଷ ଟନ୍ ଚାଉଳ ଓ ଗହମ ରହିଛି। ଶେଷ ଥର ଲାଗି ୨୦୧୭ରେ ଶସ୍ୟ ପରିମାଣ ଏଭଳି ନିମ୍ନ ସ୍ତରକୁ ଖସିଥିଲା।

୧୨.୨୦୨୩ ସୁଦ୍ଧା ବିଶ୍ୱର ଦ୍ୱିତୀୟ ସର୍ବବୃହତ ଅର୍ଥନୀତି ହେବାର କ୍ଷମତା ରଖିଛି ଭାରତ। ଏମିତିକି ୨୦୬୦ ସୁଦ୍ଧା ଚୀନକୁ ଟପି ବିଶ୍ୱର ସର୍ବବୃହତ ଅର୍ଥନୀତି ହୋଇପାରିବ ଭାରତ।

୧୩.ପପୁଲାର ମିଡିଆ ପ୍ଲେୟାର ସଫ୍ଟୱେୟାର ଓ ଷ୍ଟ୍ରିମିଂ ମିଡିଆ ପ୍ଲାଟଫର୍ମ ଭିଏଲସି ଭାରତରେ କାମ କରିବା ବନ୍ଦ କରିଦେଇଛି।

୧୪. ଅଧ୍ୟୟନ ଅନୁସାରେ, ଅତ୍ୟଧିକ ମାତ୍ରାରେ ଡାଏଟ୍ ସୋଡ଼ା ପିଇବା ଦ୍ୱାରା 'ଡାଇବେଟିକ୍ ରେଟିନୋପାଥି' ନାମକ ସ୍ଥିତି ଉପୁଜି ଥାଏ, ଯାହା ଆଖି ପାଇଁ କ୍ଷତିକାରକ।

୧୫.ବାରମ୍ବାର ଆଲୋଚନା ସତ୍ତ୍ୱେ ଲଦାଖରୁ ଚୀନ ସେନା ହଟୁନଥିବାରୁ ଭାରତ ପକ୍ଷରୁ ନିଜ ସେନାକୁ ବିଭିନ୍ନ ପ୍ରକାରର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କରାଯାଇଛି।

୧୬. ଭାରତର ପ୍ରତିବାଦ ସତ୍ତ୍ୱେ ଚାଇନାରୁ ଗୁପ୍ତଚର ଜାହାଜ କୁହାଯାଉଥିବା ୟୁଆଙ୍ଗ ୱାଙ୍ଗ ୫ ମଙ୍ଗଳବାର ଶ୍ରୀଲଙ୍କାର ହମ୍ବନତୋଟା ବନ୍ଦରରେ ପହଞ୍ଚିଛି।

୧୭. ଫ୍ରେମ୍‌ୱାର୍କ (ଏନ୍‌ସିଏଫ୍) ତଥା ଜାତୀୟ ପାଠ୍ୟକ୍ରମର ରୂପରେଖ ପାଇଁ ଆରମ୍ଭ ହୋଇଥିବା ଓଡ଼ିଆ ସମେତ ୨୩ଟି ଭାଷାରେ ହେଉଥିବା ଅନଲାଇନ ସର୍ଭେରେ ଅଂଶଗ୍ରହଣ କରି ନିଜ ମତାମତ ଦେଇପାରିବେ।

୧୮. ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ (ଏଏଆଇ) ଙ୍କ ଅଧୀନରେ ରହିଛି ୧୩୬ ବନ୍ଦର। ସେଥି ମଧ୍ୟରୁ ୧୦୯ଟି ଏବେ କାର୍ଯ୍ୟକ୍ଷମ ।

୧୯. ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୨୨ ପୁଲିସ ଅଧିକାରୀଙ୍କୁ ପୁଲିସ ପଦକ ପ୍ରଦାନକଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

୨୦. ପୃଥିବୀ ପୃଷ୍ଠରୁ ୧ ଲକ୍ଷ ଫୁଟ୍ ଅଧିକ ଉଚ୍ଚରେ ଉଡିଲା ତ୍ରିରଙ୍ଗା। ସ୍ପେସ୍ ଷ୍ଟେସନରୁ ମଧ୍ୟ ଦିଶିଲା ଭାରତର ରାଷ୍ଟ୍ରୀୟ ଧ୍ୱଜା।

୨୧. ଭାରତ ୨୦୪୭ରେ ସ୍ୱାଧୀନତାର ୧୦୦ବର୍ଷ ପୂରଣ କରିବ। ଏହି ସମୟ ସୁଦ୍ଧା ଆମ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ଦେଶବାସୀ ସଂକଳ୍ପ ନିଅନ୍ତୁ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆହ୍ୱାନ ଦେଇଛନ୍ତି।

୨୨. ଖୁବଶୀଘ୍ର ଆଇ.ସି.ଆ.ର. ଲାଗୁ କରିବାକୁ ଯାଉଛି ନୂଆ ଯୋଜନା, ଏଣିକି ବଢ଼ିବ କୃଷକଙ୍କ ଆୟ ଆଉ କମିବ ଦେଶର ଖାଇବା ତେଲ ଆମଦାନୀ।

୨୩. ସ୍ୱାଧୀନତା ଦିବସ ୨୦୨୨ ଉପଲକ୍ଷେ ୧୦୮୨ ପୁଲିସ କର୍ମୀଙ୍କୁ ମିଳିଲା ପଦକ। ଓଡ଼ିଶାର ୨ ପୁଲିସ କର୍ମୀଙ୍କୁ ସାହସିକତା ପାଇଁ ମିଳିଲା ପୁଲିସ ପଦକ।

୨୪. ଜାମ୍ମୁ କାଶ୍ମୀର ରାଜ୍ୟର ରାସି ଜିଲ୍ଲାରେ ଥିବା ଚେନାବ ନଦୀ ଉପରେ ପୃଥିବୀର ସର୍ବୋଚ୍ଚ ରେଲୱେ ବ୍ରିଜ୍ ଶନିବାରେ ଉଦଘାଟିତ ହୋଇଛି। ଏହି ବ୍ରିଜ୍‌ର ନାମ ରଖାଯାଇଛି ଗୋଲଡେନ ଜଏଣ୍ଟ।

୨୫. ପଞ୍ଜାବ ୱାନ ଏମଏଲଏ ୱାନ ପେନସନ୍ ବିଲକୁ ରାଜ୍ୟପାଳଙ୍କ ମଞ୍ଜୁରି ମିଳିଯାଇଛି।

୨୬. ଷ୍ଟାର୍ଟଅପ କ୍ଷେତ୍ରରେ ଭାରତରେ ବର୍ତ୍ତମାନ ସମୟରେ ୭୫,୦୦୦ ଷ୍ଟାର୍ଟଅପ ରହିଛି। ଡିପାର୍ଟମେଣ୍ଟ ଫର ପ୍ରୋମୋସନ ଅଫ ଇଣ୍ଡଷ୍ଟ୍ରି ଆଣ୍ଡ ଟ୍ରେଡ୍ (ଡି.ପି.ଆଇ.ଆଇ.ଟି)ଦେଶରେ ୭୫ ହଜାରରୁ ଅଧିକ ଷ୍ଟାର୍ଟଅପ ରେକର୍ଡ କରିଛି।

୨୭. ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଜଗଦୀପ ଧନଖଡ଼ ଦେଶର ଚତୁର୍ଦ୍ଦଶ ଉପରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି।

୨୮. ଭାରତୀୟ ରିଜର୍ଭ ବ୍ୟାଙ୍କ 'ଲେଟର ଅଫ୍ କମ୍ଫଟ'କୁ ନିଷିଦ୍ଧ ଘୋଷଣା କରିଛନ୍ତି। ରେଟିଂ ଦେବା ବେଳେ ତାହାକୁ ବିଚାରକୁ ନଦେବା ଲାଗି ରିଜର୍ଭ ବ୍ୟାଙ୍କ ସମସ୍ତ ରେଟିଂ ଏଜେନ୍ସିକୁ କହିଛି।



ଉପରକୁ ଉଠିବା ପାଇଁ ଯେଉଁ ଲୋକ ଉଦ୍ୟମ କରିବ, ସେ ପଡ଼ିବା ପାଇଁ ମଧ୍ୟ ମନକୁ ପ୍ରସ୍ତୁତ କରି ରଖିବା ଉଚିତ୍। -ସ୍କୋଲେଟ୍

# ସାଧାରଣ ଜ୍ଞାନ

## (1) ABBREVIATION

1. ADB Asian Development Bank
2. ATM Automated Teller Machine
3. BSR Basic Statistical Returns
4. CA Chartered Accountant
5. CC Cash Credit
6. CITU Centre Of Indian Trade Unions
7. CRR Cash Reserve Ratio
8. EPF Employees Provident Fund
9. EXIM Export Import Bank of India
10. FAO Food and Agriculture Organization

## (୨) ପୁସ୍ତକ ଓ ଲେଖକ

୧. ଗୋ ମହାତ୍ମା – ଗୋପବନ୍ଧୁ ଦାସ
୨. ଗାଁ ମଜଲିସ୍ – ଡ. ହରେକୃଷ୍ଣ ମହତାବ
୩. ନରକିନ୍ନର୍ – ଶାନ୍ତନୁ କୁମାର ଆଚାର୍ଯ୍ୟ
୪. ଅମୃତର ସନ୍ତାନ – ଗୋପୀନାଥ ମହାନ୍ତି
୫. କା – କାହ୍ନୁଚରଣ ମହାନ୍ତି
6. . Birsa Munda – Janjatiya Nayak - Prof. Alok Chakrawal
7. Divorce and Democracy: A History of Personal Law in Post-Independence India - Saumya Saxena
8. Lion Of The Skies: Hardit Singh Malik- Stephen Barker
9. Dilip Kumar: In the Shadow of a Legend - Faisal Farooqui
10. Dangerous Earth - Marine biologist Ellen Prager

## (୩) ଦେହାନ୍ତ

| ନାମ | ପରିଚୟ | ବୟସ |
|---|---|---|
| ୧. ଏଲିଜାବେଥ୍ -୨ୟ | ବ୍ରିଟେନ ମହାରାଣୀ | ୯୬ ବର୍ଷ |
| ୨. ସାଇରସ ମିସ୍ତ୍ରୀ | ଟାଟାଗ୍ରୁପର ପୂର୍ବତନ ଅଧ୍ୟକ୍ଷ | ୫୪ବର୍ଷ |
| ୩. ରାକେଶ ଝୁନଝୁନୱାଲା | ଭାରତୀୟ ଷ୍ଟକ ଟ୍ରେଡର | ୬୨ ବର୍ଷ |
| ୪. ଜେ.ଏସ .ଗ୍ରେୱାଲ | ଭାରତୀୟ ଐତିହାସିକ | ୯୫ବର୍ଷ |
| ୫. ଅଂଶୁ ଜୈନ | ଡଚ୍ ବ୍ୟାଙ୍କର ପୂର୍ବତନ ସହ ସିଇଓ | ୫୯ବର୍ଷ |

## (୪) ପୁରସ୍କାର

୧. ଫେମିନା ମିସ ଇଣ୍ଡିଆ ,୨୦୨୨ – ସିନି ସେଟ୍ଟୀ
୨. ୟୁନେସ୍କୋ ଇଣ୍ଟର ନ୍ୟାସନାଲ ଲିଟେରାସୀ ପୁରସ୍କାର ,୨୦୨୨– କିସ
୩. ଗୋଲ୍ଡ ଆଚିଭମେଣ୍ଟ ପୁରସ୍କାର,୨୦୨୨ – ବିଜୟ ଅମୃତରାଜ
୪. ବାଳ ସାହିତ୍ୟ ପୁରସ୍କାର,୨୦୨୨ – ଡ.ନରେନ୍ଦ୍ର ଦାଶ
୫. ଯୁବସାହିତ୍ୟ ପୁରସ୍କାର,୨୦୨୨ – ଦିଲ୍ଲୀପ ବେହେରା

## (୫) ରାଜ୍ୟ

୧. ରାଜ୍ୟର ନାମ – ମଣିପୁର
୨. ରାଜ୍ୟପାଳ – ଲା ଗଣେଷନ୍ ଆୟାର
୩. ମୁଖ୍ୟମନ୍ତ୍ରୀ – ଏନ ବିରେନ୍ ସିଂହ
୪. ଗଠନ –୨୧ ଜାନୁଆରୀ ୧୯୭୨
୫. କ୍ଷେତ୍ରଫଳ – ୨୨,୩୨୭ ବର୍ଗ.କିମି
୬. ରାଜଧାନୀ – ଇମ୍ଫାଲ
୭. ଲୋକସଭା ସଭ୍ୟ ସଂଖ୍ୟା – ୨
୮. ରାଜ୍ୟସଭା ସଭ୍ୟ ସଂଖ୍ୟା – ୧
୯. ବିଧାନ ସଭା ସଭ୍ୟସଂଖ୍ୟା – ୬୦
୧୦.ବିଧାନ ପରିଷଦ – ୦୦
୧୧.ମୁଖ୍ୟ ଭାଷା – ମେଇଟେଲିୟନ୍(ମଣିପୁର)
୧୨. ଜନସଂଖ୍ୟା ସମୁଦାୟ–୨,୭୨୧,୭୫୬(୨୦୧୧)
ପୁରୁଷ – ୧୩୬୯୭୬୪
ମହିଳା – ୧୩୫୧୯୯୨
୧୩.ଜନସଂଖ୍ୟା ବୃଦ୍ଧିହାର – ୧୮.୬୫%
୧୪.ଜନସଂଖ୍ୟା ଘନତ୍ୱ – ୧୨୨/ବର୍ଗ କି.ମି
୧୫.ଶିଶୁ ଲିଙ୍ଗ ଅନୁପାତ – ୯୮୭ଝିଅ ୧୦୦୦ ପୁଅ
୧୬. ଲିଙ୍ଗ ଅନୁପାତ – ୯୩୪ମହିଳା ୧୦୦୦ ପୁରୁଷରେ
୧୭. ସାକ୍ଷରତା ହାର – ୭୯.୮୫%
ପୁରୁଷ– ୮୬.୪୯%
ମହିଳା–୭୩.୧୭ %
୧୮. ଜିଲ୍ଲା – ୯
୧୯. ଗ୍ରାମ – ୨,୧୯୯
୨୦.ସହର – ୩୩
୨୧.ଜଙ୍ଗଲ ଜମି – ୪,୧୭୧ବର୍ଗ କି.ମି.
୨୨.ପର୍ଯ୍ୟଟନ ସ୍ଥଳୀ – ଶ୍ରୀ ଗୋବିନ୍ଦଜୀ ମନ୍ଦିର, ୱାର କେମେଟ୍ରୀସ୍, ସହିଦ୍ ମିନାର, ନୁପି ଲାନ୍, ମେମୋରିଆନ କମ୍ପ୍ଲେକ୍ସ, ଖୋଘାମପଟ୍ ଓରିଚିଦାରିୟମ, ଲୋକଟକ ହ୍ରଦ, କେଇବୁଲ ଲାମଜାଓ ଜାତୀୟ ପାର୍କ, ବିଷ୍ଣୁ ମନ୍ଦିର, ମୋରେହ, ସିରୋୟଗ୍ରା. ସିରୋୟ ପର୍ବତ, ଦିଜୁକୋ ଭ୍ୟାଲି, କାଇନା ଟୁରିଷ୍ଟ ହୋମ,।

## (୬) ନିଯୁକ୍ତି

୧. ନ୍ୟାୟମୂର୍ତ୍ତି ଉଦୟ ଉମେଶ ଲଳିତ – ୪୯ତମ ମୁଖ୍ୟ ବିଚାରପତି,ସୁପ୍ରିମ କୋର୍ଟ
୨. ପିୟୁଶ ଗୋୟଲ,ଆଇଏଏସ – ସିଇଓ,ନ୍ୟାସନାଲ ଇଣ୍ଟେଲିଜେନସ୍ ଗ୍ରୀଡ୍
୩. ରାକେଶ ବର୍ମା – ରାଷ୍ଟ୍ରପତିଙ୍କ ସଚିବ,
୪. ଉପରାଷ୍ଟ୍ରପତି – ମାନ୍ୟବର ଜଗଦୀପ ଧନଖଡ
୫. ହିମାଂଶୁ ପାଠକ – ମହାନିର୍ଦ୍ଦେଶକ,ଭାରତୀୟ କୃଷି ଅନୁସଂଧାନ ପରିଷଦ

## (୭)ଲୋକପ୍ରିୟ ବ୍ୟକ୍ତିତ୍ୱ ଏବଂ ଉପାଧି

୧.ଗୋପବନ୍ଧୁ ଦାସ – ଉତ୍କଳ ମଣୀ
୨.ମଧୁସୂଦନ ଦାସ – ଉତ୍କଳ ଗୌରବ
୩.ସୁଭାଷ ଚନ୍ଦ୍ର ଘୋଷ – ନେତାଜୀ
୪.ଡ.ହରେକୃଷ୍ଣ ମହତାବ – ଉତ୍କଳ କେଶରୀ
୫.କୃଷ୍ଣ ପ୍ରସାଦ ବସୁ – କବି ମଞ୍ଜୁଳ



ଉଦ୍ଦେଶ୍ୟ ବା ଲକ୍ଷ୍ୟ ବିଷୟରେ ଯଦି ନିଃସନ୍ଦେହ ହୋଇଯାଇ ପାରିଲ, ଅଧାକାର୍ଯ୍ୟ ହୋଇଗଲା ବୋଲି ଜାଣ । – ୟଙ୍ଗ୍

## (୮) ଓଡ଼ିଶା

୧. ଇଣ୍ଡୋନେସିଆର ଭୂମିପୁତ୍ର କାହାକୁ କହନ୍ତି ?
(କ) ଗୋପବନ୍ଧୁ ଦାସ (ଖ) ମଧୁସୂଦନ ଦାସ
(ଗ)ହରେକୃଷ୍ଣ ମହତାବ (ଘ) ବିଜୁ ପଟ୍ଟନାୟକ

୨. କାହାକୁ ଓଡ଼ିଶାର ବିପ୍ଳବୀ କବି କୁହାଯାଏ ?
(କ) ଗୋପବନ୍ଧୁ ଚୌଧୁରୀ (ଖ) ଲକ୍ଷ୍ମଣ ନାୟକ
(ଗ)ରବି ସିଂ (ଘ) ରକ୍ଷ୍ମି ଖୁଣ୍ଟିଆ

୩. ସାରଳା ଦାସଙ୍କୁ କି ଉପାଧି ଦିଆଯାଇଛି ?
(କ)ଆଦିକବି (ଖ) ଅତିବଡୀ (ଗ) ଭକ୍ତକବି (ଘ) ବାଣୀକଣ୍ଠ

୪. 'ବିଷୁବ ପୁରସ୍କାର' କେଉଁ ସଂସ୍ଥା ଦେଇଥାଏ ?
(କ)ଗଙ୍ଗାଧର ରଥ ଫାଉଣ୍ଡେସନ (ଖ)ପ୍ରଜାତନ୍ତ୍ର ପ୍ରଚାର ସମିତି
(ଗ)ଗଙ୍ଗାଧର ସାହିତ୍ୟ ସଂସଦ (ଘ) ସମ୍ବାଦ ସାହିତ୍ୟଘର

୫. ଅଶୋକ ସାହୁ କେଉଁ ଖେଳ ସହ ସଂପୃକ୍ତ ?
(କ)କ୍ରିକେଟ (ଖ) ଫୁଟବଲ
(ଗ) ବାସ୍କେଟବଲ (ଘ)ଭଲିବଲ

୬. ସତ୍ୟବାଦୀ ପଞ୍ଚସଖାମାନଙ୍କ ମଧ୍ୟରୁ ନିମ୍ନରୁ କିଏ ନୁହନ୍ତି ?
(କ)ନୀଳକଣ୍ଠ ଦାସ (ଖ)ହରିହରଦାସ
(ଗ)ଗୋପବନ୍ଧୁ ଦାସ (ଘ)ବଳରାମ ଦାସ

୭. ପୁରାତନ ପଞ୍ଚସଖା ମଧ୍ୟରୁ କିଏ ନାହାଁନ୍ତି ?
(କ) ଅଚ୍ୟୁତାନନ୍ଦ ଦାସ (ଖ) ଅନନ୍ତ ଦାସ
(ଗ) ଜଗନ୍ନାଥ ଦାସ (ଘ) ଗୋଦାବରୀଶ ମିଶ୍ର

୮. ପ୍ରଥମ ଓଡ଼ିଆ ମହିଳା ଏଭରେଷ୍ଟ ଯାତ୍ରୀ କିଏ ?
(କ)କଳ୍ପନା ଦାସ (ଖ) ଜ୍ୟୋତ୍ସ୍ନା ଦେବୀ
(ଗ) ସୁଧିରା ଦାସ (ଘ) ଶୈଳବାଳା ଦାସ

୯. ଗୋପାଳପୁର ବନ୍ଦର କେଉଁ ଜିଲ୍ଲାରେ ଅଛି ?
(କ) ବାଲେଶ୍ୱର (ଖ)ଗଞ୍ଜାମ (ଗ) ଭଦ୍ରକ (ଘ) ପୁରୀ

୧୦. ଦେଓମାଳି ପର୍ବତର ଶୃଙ୍ଗ କେଉଁ ଜିଲ୍ଲାରେ ଅବସ୍ଥିତ ?
(କ)କଟକ (ଖ)ଫୁଲବାଣୀ
(ଗ) କୋରାପୁଟ (ଖ)ଗଞ୍ଜାମ

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. କେଉଁଟି ଅଲଗା ଅଟେ
୧୭, ୨୭, ୨୯, ୩୭,
(କ) ୧୭ (ଖ) ୨୭ (ଗ) ୨୯(ଘ) ୩୭

୨. AG : IO :: EK :
(କ) LR (ଖ) MS (ଗ) PV (ଘ) SY



୩. ଘଣ୍ଟା : ସମୟ : : ଥର୍ମୋମିଟର : ................ ?
(କ) ଗରମ (ଖ) ବିକିରଣ (ଗ) ଶକ୍ତି (ଘ) ତାପମାତ୍ରା

୪. ଡାକ୍ତର ରୋଗୀ ସହ ସଂପୃକ୍ତ ଅଟେ। ତେବେ ଓକିଲ କାହା ସହ ସଂପୃକ୍ତ ଅଟେ ?
(କ) ଗ୍ରାହକ (ଖ) ଦୋଷୀ (ଗ) ମାଜିଷ୍ଟ୍ରେଟ (ଘ)ମହକିଲ

୫. ପ୍ରଶ୍ନବାଚକ ଚିହ୍ନଟି କେତେ ?
୨, ୩, ୬, ......... ?
(କ) ୨ (ଖ) ୩ (ଗ)୪ (ଘ)୯

୬. ଜଣେ ସ୍ତ୍ରୀଲୋକ ଜଣେ ପୁରୁଷ ଲୋକକୁ ଦେଖାଇ କହିଲେ,ସେ ମୋ ମାଆଙ୍କର ମାଆଙ୍କର ଏକ ମାତ୍ର ପୁଅ। ତେବେ ସ୍ତ୍ରୀ ଲୋକଟିର ପୁରୁଷ ଲୋକଟି ସହ ସଂପର୍କ କ'ଣ ?
(କ)ମାଆ (ଖ) ଭାଣିଜୀ (ଗ)ମାଇ (ଘ) ଭଉଣୀ

୭. କେଉଁଟି ଅଲଗା ଅଟେ ?
(କ)ଅଦା (ଖ) ପିଆଜ (ଗ) ଧନିଆ (ଘ)ଆଳୁ

୮. କେଉଁ ଭେନ ଚିତ୍ରଟି ନିମ୍ନଲିଖିତ ଗ୍ରୁପ ପାଇଁ ଠିକ ହେବ ?
ସ୍କୁଲ, ବାଳକ, ବାଳିକା
(କ)  (ଖ)  (ଗ)  (ଘ) 

୯. 'ଜଣେଲୋକ ଉତ୍ତର ପଶ୍ଚିମ ଦିଗକୁ ମୁହଁ କରିଠିଆ ହୋଇଅଛି । ସେ ଦକ୍ଷିଣାବର୍ତ୍ତୀଭାବେ ୯୦° ବୁଲିଲା ଏବଂ ତାପରେ ବାମାବର୍ତ୍ତୀଭାବେ ୧୩୫° ବୁଲିଲା। ବର୍ତ୍ତମାନ ସେ କେଉଁଦିଗକୁ ମୁହଁକରି ଠିଆହୋଇଛି ?
(କ) ପୂର୍ବ(ଖ)ପଶ୍ଚିମ(ଗ) ଉତ୍ତର (ଘ) ଦକ୍ଷିଣ

୧୦. ଶୂନ୍ୟସ୍ଥାନ ପୂରଣ କର ?
a_b_ba_b_ _ ba
(କ) bbaab (ଖ) bbabb
(ଗ) aabab (ଘ) aabba

**ଉତ୍ତର**

**୧.(ଘ)ବିଜୁ ପଟ୍ଟନାୟକ, ୨.(ଗ) ରବି ସିଂ, ୩.(କ)ଆଦିକବ, ୪.(ଖ)ପ୍ରଜାତନ୍ତ୍ର ପ୍ରଚାର ସମିତ, ୫.(ଗ)ବାସ୍କେଟବଲ, ୬.(ଘ)ବଳରାମ ଦାସ, ୭.(ଘ)ଗୋଦାବରୀଶ ମିଶ୍ର, ୮.(କ)କଳ୍ପନା ଦାସ, ୯.(ଖ) ଗଞ୍ଜାମ, ୧୦. (ଗ) କୋରାପୁଟ**

**୧.(ଖ) ୨୭, ୨.(ଖ) MS, ୩.(ଘ) ତାପମାତ୍ରା ୪.(ଘ)ମହକିଲ, ୫.(ଘ)୯, ୬.(ଖ) ଭାଣିଜୀ, ୭.(ଗ) ଧନିଆ, ୮.(କ), ୯.(ଖ)ପଶ୍ଚିମ, ୧୦.(ଖ)bbabb**



ଉନ୍ନତିର ଦୁଇଟି ହସ୍ତ ଅଛି, ଡାହାଣ ହାତର ନାମ ଉଦ୍ୟମ ଓ ବାମ ହାତର ନାମ ସଂଯମ । – ଜନ୍‌ସନ୍

## (୧୦) ଇତିହାସ

୧. ଭାରତର ନାଇଟିଙ୍ଗେଲ୍ କାହାକୁ କୁହାଯାଏ ?
(କ) ସରୋଜିନୀ ନାଇଡୁ (ଖ) ଲତା ମଙ୍ଗେସକର
(ଗ) ଆରତୀ ସେନ (ଘ) ସରସ୍ୱତୀ ଦେବୀ

୨. ଲୌହମାନବ କାହାକୁ କୁହାଯାଏ ?
(କ) ମହାତ୍ମାଗାନ୍ଧୀ (ଖ) ସର୍ଦ୍ଦାର ପଟେଲ
(ଗ) ଜବାହାରଲାଲ ନେହେରୁ (ଘ) ଜଗଜ୍ଜୀବନ ରାମ

୩. ହରପ୍ପା ଏବେ କେଉଁ ଦେଶରେ ଅଛି ?
(କ) ଚୀନ (ଖ) ପାକିସ୍ତାନ
(ଗ) ଆଫଗାନୀସ୍ତାନ (ଘ) ଜାପାନ

୪. ସମ୍ରାଟ ଅଶୋକଙ୍କ ରାଜଧାନୀର ନାମ କ'ଣ ଥିଲା ?
(କ) ପାଟଳୀ ପୁତ୍ର (ଖ)ମଗଧ (ଗ) ଅଯୋଧ୍ୟା (ଘ) ମଥୁରା

୫. ଚିରସ୍ଥାୟୀ ବନ୍ଦୋବସ୍ତ କିଏ ପ୍ରଚଳନ କରିଥିଲେ ?
(କ) ମାଇକେଲ୍ ଜ୍ୟାକ (ଖ) ଲର୍ଡୱାରେନ୍ ହେଷ୍ଟିଂସ୍
(ଗ) ଆକବର (ଘ) ଶାହାଜାହାନ

୬. କେଉଁ ଶାସକକାଳକୁ ସୁବର୍ଣ୍ଣ ଯୁଗ ବୋଲି କୁହାଯାଏ ?
(କ) ଶେରସାହ (ଖ) ବାବର (ଗ) ପେରିକ୍ଲସ୍ (ଘ) ବେଣ୍ଟିକ୍

୭. ମୋଗଲ ସାମ୍ରାଜ୍ୟର ଶେଷ ସମ୍ରାଟ କିଏ ?
(କ) ବାହାଦୂର ଶାହ (ଖ) ଆଉରଙ୍ଗ ଜେବ୍
(ଗ) ଶାହାଜାହାନ (ଘ) ଜାଫର ଅଲ୍ଲୀ ଖାନ୍

୮. କେତେବର୍ଷ ବୟସରେ ଆକବର ସିଂହାସନ ଆରୋହଣ କରିଥିଲେ ?
(କ)୧୮ବର୍ଷ (ଖ) ୧୪ବର୍ଷ (ଗ) ୨୦ବର୍ଷ (ଘ) ୧୭ବର୍ଷ

୯. ରୋମାନ୍ ସଭ୍ୟତା କେଉଁ ନଦୀ କୂଳରେ ଗଢ଼ି ଉଠିଥିଲା ?
(କ) ଗଙ୍ଗା (ଖ) ଟାଇବର
(ଗ) ସରଯୂ (ଘ) ବ୍ରହ୍ମପୁତ୍ର

୧୦. ମୌର୍ଯ୍ୟ ବଂଶର ପ୍ରତିଷ୍ଠାତାଙ୍କର ନାମ କଅଣ ?
(କ) ସମୁଦ୍ରଗୁପ୍ତ (ଖ) ଚନ୍ଦ୍ରଗୁପ୍ତ ମୌର୍ଯ୍ୟ
(ଗ) ଚୋଡଗଙ୍ଗ ଦେବ (ଖ) ଅଶୋକ

## (୧୧) ବାଣିଜ୍ୟ

୧. ସରକାରଙ୍କର ଇଣ୍ଡିଆନ୍ ଅଏଲ କର୍ପୋରେସନ ତିଆରି କରିଥିବା ନୂତନ ସୂର୍ଯ୍ୟ ଚୁଲାର ନାମ କଅଣ ରଖିଛନ୍ତି ?
(କ)ସୋଲାର ଚୁଲା (ଖ) ସୂର୍ଯ୍ୟ (ଗ) ନୂତନ ସୂର୍ଯ୍ୟ (ଘ) ସୂର୍ଯ୍ୟ ନୂତନ

୨. ସୂର୍ଯ୍ୟନୂତନର ମୂଳ ମଡେଲ ଚୁଲାର ଦାମ କେତେ ଟଙ୍କା ?
(କ) ୧୧୦୦୦(ଖ)୧୧୫୦୦ (ଗ)୧୨,୦୦୦(ଘ)୧୩୦୦୦

୩. ଓଲା ଇଲେକ୍ଟ୍ରିକ୍ କାରକୁ ଥରେ ଚାର୍ଜ କଲେ କେତେ କି.ମି. ଯାଇପାରିବ ?
(କ) ୨୦୦କି.ମି (ଖ)୩୦୦କି.ମି (ଗ)୪୦୦କି.ମି (ଘ) ୫୦୦କି.ମି

୪. ଭାରତର ୱାରେନ୍ ବଫେଟ୍ ଭାବରେ ପରିଚିତ ରାକେଜ ଝୁନ୍‌ଝୁନ୍ ୱାଲା ଯିଏ ୪୨୫୦୦ କୋଟି ଟଙ୍କା ସଂପତ୍ତିର ମାଲିକ -୧୯୮୫ ମସିହାରେ ସେ କେତେ ଟଙ୍କାରୁ ଷ୍ଟକ୍ ବଜାରରେ ନିବେଶ ଆରମ୍ଭ କରିଥିଲେ ?
(କ)୪୦୦୦ଟଙ୍କା (ଖ)୫୦୦୦ଟଙ୍କା
(ଗ)୨୦୦୦ଟଙ୍କା (ଘ) ୬୦୦୦ଟଙ୍କା

୫. ଚଳିତ ଆର୍ଥିକ ବର୍ଷର ତ୍ରୟମାସିକରେ କମ୍ପାନୀ ଟିକସ ସଂଗ୍ରହରେ କେତେ ପ୍ରତିଶତ ବୃଦ୍ଧି ପାଇଛି ?
(କ)୩୪% (ଖ) ୩୫% (ଗ) ୩୬% (ଘ) ୩୮%

୬. ଜନସନ୍ ବେବି ପାଉଡର ସାରା ବିଶ୍ୱରେ ବିକ୍ରୀ ବନ୍ଦ ହେବ। ଏହା କେତେ ମସିହା ଠାରୁ ବିକ୍ରୀ ହେଉଛି ?
(କ) ୧୮୦୦ (ଖ) ୧୮୫୦ (ଗ) ୧୮୯୪ (ଘ)୧୯୦୦

୭. ଅଗଷ୍ଟ ୧୭ ତାରିଖରୁ ଅମୁଲ ୧କି. ପ୍ୟାକେଟ୍ ଓ ମଦର ଡାଇରୀ ୧ଲି.ପ୍ୟାକେଟ ଉପରେ କେତେ ଟଙ୍କା ବୃଦ୍ଧି କରାଗଲା ?
(କ) ୨ ଟଙ୍କା (ଖ) ୧ ଟଙ୍କା (ଗ) ୩ ଟଙ୍କା (ଘ)୪ ଟଙ୍କା

୮. ବିଜୁଳି ଦେୟ ପ୍ରଦାନରେ ବିଳମ୍ବ ଯୋଗୁ କେତୋଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ରାଜ୍ୟ ସ୍ପର୍ଟ ପାୱାର ଏକ୍ସଚେଞ୍ଜ ସହ ବିଜୁଳି କିଣାବିକା କରି ପାରିବେ ନାହିଁ ?
(କ) ୧୦ଟି (ଖ) ୧୨ଟି (ଗ) ୧୩ଟି (ଘ) ୧୪ଟି

୯. ପାରାସିଟାମଲ୍ ଡୋଲୋ ୬୫୦ ଖାଇବା ପାଇଁ କମ୍ପାନୀ ଡାକ୍ତରମାନଙ୍କୁ କେତେ କୋଟି ଟଙ୍କା ଦେଇଛି ?
(କ)୫୦୦ କୋଟି (ଖ) ୬୦୦ କୋଟି
(ଗ) ୯୦୦କୋଟି (ଘ)୧୦୦୦କୋଟି

୧୦.୫ଜି ସ୍ପେକ୍ଟ୍ରମ ନିଲାମର ପ୍ରଥମ କିସ୍ତିରେ କେତେ କୋଟି ଟଙ୍କା ପ୍ରଦାନ କଲେ ଟେଲିକମ୍ କମ୍ପାନୀ ?
(କ)୧୫,୮୭୫ (ଖ)୧୬,୮୭୫(ଗ)୧୭,୮୭୫ (ଘ)୧୮,୮୭୫

**ଉତ୍ତର**

**୧.(କ)ସରୋଜିନୀ ନାଇଡୁ, ୨.(ଖ)ସର୍ଦ୍ଦାର ପଟେଲ, ୩.(ଖ)ପାକିସ୍ତାନ, ୪.(କ)ପାଟଳୀ ପୁତ୍ର, ୫.(ଖ)ଲର୍ଡୱାରେନ୍ ହେଷ୍ଟିଂସ୍, ୬.(ଗ)ପେରିକ୍ଲସ୍, ୭.(କ)ବାହାଦୂର ଶାହ, ୮.(ଖ)୧୪ବର୍ଷ, ୯.(ଖ)ଟାଇବର, ୧୦.(ଖ)ଚନ୍ଦ୍ରଗୁପ୍ତ ମୌର୍ଯ୍ୟ**

**୧.(ଘ)ସୂର୍ଯ୍ୟନୂତନ, ୨.(ଗ)ଟ.୧୨,୦୦୦, ୩.(ଘ)୫୦୦କି.ମି., ୪.(ଖ)ଟ.୫୦୦୦, ୫.(କ)୩୪%, ୬.(ଗ)୧୮୯୪ ରୁ , ୭.(ଖ)୧ ଟଙ୍କା, ୮.(ଖ)୧୨ଟି, ୯.(ଘ)୧୦୦୦କୋଟି, ୧୦.(ଗ)୧୭,୮୭୫**



କୌଣସି ବିଜ୍ଞ ଲୋକ କେବେ ହେଲେ ସବୁଦିନ ପାଇଁ ଯୌବନର ଅଧିକାରୀ ହେବାକୁ ଚାହେଁ ନାହିଁ । - ସୁଇଫଟ୍

## (୧୨) ଅର୍ଥନୀତି

୧. ଆର.ବି.ଆଇ.ର ଡେପୁଟି ଗଭର୍ଣ୍ଣର କେତେ ମସିହା ସୁଦ୍ଧା ଭାରତ ଦ୍ୱିତୀୟ ସର୍ବବୃହତ୍ ଅର୍ଥନୀତି ହେବାର କ୍ଷମତା ରଖିପାରିବ ବୋଲି କହିଛନ୍ତି ?
(କ) ୨୦୨୧ (ଖ)୨୦୨୫ (ଗ)୨୦୩୦ (ଘ)୨୦୩୧

୨. ସି.ଏ.ଜି. ଙ୍କ ରିପୋର୍ଟ ଅନୁସାରେ ଓଡ଼ିଶାର କେତୋଟି ଦାତ୍ୟବ ସଂସ୍ଥା ୨୦୧୪ ରୁ ୨୦୧୮ ପର୍ଯ୍ୟନ୍ତ ଆୟକର ଛାଡ ସୁବିଧା ପାଇଁ ଦାବି କରିଥିଲେ ?
(କ) ୯୩୧୦ (ଖ)୮୦୦୦ (ଗ)୯୩୦୪ (ଘ)୯୦୦୦

୩. କେନ୍ଦ୍ର ମନ୍ତ୍ରୀମଣ୍ଡଳ କମ୍ ଅବଧିରେ କୃଷି ଋଣ ପରିଶୋଧ ପାଇଁ ବିଶେଷ କରି ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପ ଅବଧିର ଋଣ ସୁଧରେ କେତେ ପ୍ରତିଶତ ଛାଡ଼ କରାଯିବ ବୋଲି ଘୋଷଣା କରିଛନ୍ତି ?
(କ) ୪.୫% (ଖ) ୩.୫% (ଗ) ୨.୫% (ଘ) ୧.୫%

୪. ଜୁଲାଇ ମାସରେ ଦେଶର ଖୁଚୁରା ମୁଦ୍ରାସ୍ଫିତି ହାର କେତେ ପ୍ରତିଶତକୁ ହ୍ରାସ ପାଇଛି ?
(କ) ୬.୨% (ଖ) ୬.୭୧% (ଗ) ୬.୧୨% (ଘ) ୬.୬୫%

୫. କୋଇଲା ମନ୍ତ୍ରାଳୟ ତଥ୍ୟ ଅନୁସାରେ କୋଇଲାର ମୋଟ ଉତ୍ପାଦନ ଗତବର୍ଷ ତୁଳନାରେ କେତେ ପ୍ରତିଶତ ବୃଦ୍ଧି ପାଇଛି ?
(କ) ୧୧% (ଖ) ୧୦% (ଗ) ୧୨% (ଘ) ୧୩%

୬. ସରକାର ଡିଜେଲ ରପ୍ତାନୀ ଉପରେ ହେଉଥିବା ଲିଟରପିଛା ଲାଭ ଟିକସକୁ ୫ଟଙ୍କାରୁ କେତେ ଟଙ୍କା ବୃଦ୍ଧି କରିଛନ୍ତି ?
(କ) ୬ ଟଙ୍କା (ଖ) ୭ ଟଙ୍କା (ଗ) ୮ଟଙ୍କା (ଘ) ୯ଟଙ୍କା

୭. ଇଟି ଅନ୍‌ଲାଇନର ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ ଏକ ଘରୋଇ ସ୍କୁଲରେ ଗୋଟିଏ ସନ୍ତାନକୁ ୩ବର୍ଷରୁ ୧୭ବର୍ଷ ପର୍ଯ୍ୟନ୍ତ ପାଠ ପଢାଇବା ପାଇଁ କେତେ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିବ ?
(କ) ୨୫ (ଖ) ୩୦ (ଗ) ୩୫ (ଘ) ୪୦

୮. ଦେଶର ଶ୍ରମ ଶକ୍ତି ଦିନକୁ ଦିନ ଶ୍ରମ ବଜାରରେ ୪୦ରୁ ୫୦ବର୍ଷ ପର୍ଯ୍ୟନ୍ତ ହାର ୪୨% ଥିଲାବେଳେ ଏବେ କେତେ ଶତକଡାକୁ ବୃଦ୍ଧି ପାଇଛି ?
(କ) ୫୭% (ଖ) ୫୬% (ଗ) ୫୫% (ଘ) ୫୪%

୯. ଆବାସିକ ସ୍ଥଳକୁ ବ୍ୟବସାୟିକ ଭଡା ଦେଇଥିଲେ ଜୁଲାଇ ୧୮ ତାରିଖରୁ ଠାରୁ ଘରଭଡାରେ କେତେ ପ୍ରତିଶତ ଜିଏସଟି ଦେବାକୁ ପଡିବ ?
(କ) ୧୨ (ଖ) ୧୮ (ଗ) ୨୪ (ଘ) ୮

୧୦. ଗତ ଆର୍ଥିକ ବର୍ଷରେ ମାର୍ଚ୍ଚ ୩୧. ୨୦୨୨ ସୁଦ୍ଧା ଭାରତର ବିଦେଶୀ ଋଣ ୬୨୦.୭ମିଲିୟନ୍ ଡଲାର। ତେବେ ୨୦୨୧ ମାର୍ଚ୍ଚ ଶେଷରେ ଥିବା ଋଣଠାରୁ କେତେ ପ୍ରତିଷତ ଅଧିକ ?
(କ) ୭.୬ (ଖ) ୮.୬ (ଗ) ୮.୨ (ଘ) ୯.୨

## (୧୩) କ୍ରୀଡ଼ା

୧. ଏହି ଅଗଷ୍ଟ ମାସରେ କେଉଁଠାରେ ଆୟୋଜିତ ହୋଇଥିବା ଡାଇମଣ୍ଡ ଲିଗ୍ ଆଥଲେଟିକ୍ସ ମିଟ୍‌ରେ ନୀରଜ ଚୋପ୍ରା ସ୍ୱର୍ଣ୍ଣପଦକ ଜିତିଛନ୍ତି ?
(କ) ଦୋହା (ଖ) ଷ୍ଟକହୋମ (ଗ) ଲୁସାନେ (ଘ) ବର୍ମିଙ୍ଗହାମ

୨. ୨୦୨୨ର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଷ୍ଟ୍ରେଲିଆ ଦଳ କେତୋଟି ସ୍ୱର୍ଣ୍ଣପଦକ ଜିତି ପ୍ରଥମ ସ୍ଥାନ ହାସଲ କରିଛି ?
(କ) ୫୭ଟି (ଖ) ୬୨ଟି (ଗ) ୬୫ଟି (ଘ) ୬୭ଟି

୩. ବର୍ମିଙ୍ଗହାମ୍‌ରେ ଆୟୋଜିତ ୨୦୨୨ର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତକୁ କେତୋଟି ସ୍ୱର୍ଣ୍ଣପଦକ ମିଳିଛି ?
(କ) ୨୦ଟି (ଖ) ୨୨ଟି (ଗ) ୨୪ଟି (ଘ) ୨୬ଟି

୪. ୨୦୨୨ର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପାଇଁ ସର୍ବାଧିକ ୩ଟି ସ୍ୱର୍ଣ୍ଣପଦକ ଜିତିଥିବା ଟେବୁଲ ଟେନିସ ଖେଳାଳିଙ୍କ ନାମ କ'ଣ ?
(କ) ମୋନିକା ବାତ୍ରା (ଖ) ଜ୍ଞାନଶେଖରନ୍ ସତ୍ୟନ୍
(ଗ) ଶ୍ରୀଜା ଆକୁଲା (ଘ) ଅଚନ୍ତା ଶରତ କମଲ

୫. ୨୦୨୨ର ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଟ୍ରିପଲ୍ ଜମ୍ପରେ ସ୍ୱର୍ଣ୍ଣପଦକ ଜିତିଥିବା ଭାରତୀୟ ଆଥଲେଟ୍‌ଙ୍କ ନାମ କ'ଣ ?
(କ) ଏଲଡୋସ୍ ପଲ୍ (ଖ) ଅବଦୁଲ୍ଲା ଆବୁବାକର୍
(ଗ) ମୁରଲୀ ଶ୍ରୀଶଙ୍କର (ଘ) ତେଜସ୍ୱୀନ୍ ଶଙ୍କର

୬. ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପୁରୁଷ ବ୍ୟାଡମିଣ୍ଟନର ସିଂଗଲ୍ସରେ ସ୍ୱର୍ଣ୍ଣପଦକ କିଏ ଜିତିଛନ୍ତି ?
(କ) କିଡାମ୍ବି ଶ୍ରୀକାନ୍ତ (ଖ) ଲୋହ୍ କିଆନ୍ ୟୁ
(ଗ) ଲକ୍ଷ୍ୟ ସେନ୍ (ଘ) ଡି ସେ ୟୋଙ୍ଗ

୭. ଏଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ଏହି ପ୍ରତିଯୋଗିତାର ଇତିହାସରେ ପ୍ରଥମଥର ପାଇଁ କେଉଁ ଖେଳରେ ସ୍ୱର୍ଣ୍ଣପଦକ ଜିତିଛି ?
(କ) ଜୁଡୋ (ଖ) ସ୍କ୍ୱାଶ୍ (ଗ) ସନ୍ତରଣ (ଘ) ଲନ୍‌ବଲ

୮. ୨୦୨୨ର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏମାନଙ୍କ ମଧ୍ୟରୁ ଭାରତର କେଉଁ ମହିଳା ବକ୍ସର ଜଣକ ପଦକ ଜିତିପାରି ନାହାନ୍ତି ?
(କ) ନୀତୁ ଘାଂଘାସ୍ (ଖ) ଲଭ୍‌ଲୀନା ବରଗୋହାଇଁ
(ଗ) ନିଖତ୍ ଜରୀନ୍ (ଘ) ଜସ୍ମିନ୍ ଲାମ୍ବୋରିଆ

୯. ଚେନ୍ନାଇରେ ଆୟୋଜିତ ୪୪ତମ ବିଶ୍ୱ ଚେସ୍ ଅଲିମ୍ପିଆଡ଼ର ପୁରୁଷ ବା ଓପନ୍ ବିଭାଗରେ କେଉଁ ଦେଶ ସ୍ୱର୍ଣ୍ଣପଦକ ହାସଲ କରିଛି ?
(କ) ନରୱେ (ଖ) ଆର୍ମେନିଆ (ଗ) ଭାରତ (ଘ) ଉଜ୍‌ବେକିସ୍ତାନ

୧୦. ଚେନ୍ନାଇଠାରେ ବିଶ୍ୱ ୪୪ତମ ଚେସ୍ ଅଲିମ୍ପିଆଡର ମହିଳା ବିଭାଗରେ କେଉଁ ଦେଶ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି ?
(କ) ୟୁକ୍ରେନ୍ (ଖ) ଜର୍ଜିଆ (ଗ) ଭାରତ (ଘ) ଜର୍ମାନୀ

**ଉତ୍ତର**

**୧.(ଘ)୨୦୩୧ ମସିହା ସୁଦ୍ଧା, ୨.(ଗ)୯୩୦୪, ୩.(ଘ)୧.୫%, ୪.(ଖ)୬.୭୧%, ୫.(କ)୧୧% , ୬.(ଖ)୭ ଟଙ୍କା, ୭.(ଖ) ୩୦, ୮.(କ)୫୭%, ୯.(ଖ) ୧୮, ୧୦.(ଗ)୮.୨**

**୧.(ଗ)ଲୁସାନେ, ୨.(ଘ)୬୭ଟି, ୩.(ଖ)୨୨ଟି, ୪.(ଘ)ଅଚନ୍ତା ଶରତ କମଲ୍, ୫.(କ)ଏଲଡୋସ୍ ପଲ୍, ୬.(ଗ)ଲକ୍ଷ୍ୟ ସେନ, ୭.(ଘ)ଲନ୍‌ବଲ୍, ୮.(ଖ)ଲଭ୍‌ଲୀନା ବରଗୋହାଇଁ, ୯.(ଘ)ଉଜ୍‌ବେକିସ୍ତାନ, ୧୦.(କ) ୟୁକ୍ରେନ୍**

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ସେପ୍ଟେମ୍ବର ମାସର କେତେ ତାରିଖ ଦିନ ଆମ ଦେଶରେ ହିନ୍ଦୀ ଦିବସ ପାଳିତ ହୁଏ ?

(କ) ସେପ୍ଟେମ୍ବର ୮ (ଖ) ସେପ୍ଟେମ୍ବର ୧୦

(ଗ) ସେପ୍ଟେମ୍ବର ୧୨ (ଘ) ସେପ୍ଟେମ୍ବର ୧୪

୨. ସଂସ୍କୃତରେ ଲିଖିତ 'କାଦମ୍ବରୀ' ଉପନ୍ୟାସର ରଚୟିତା କିଏ ?

(କ) ବିଶାଖାଦତ୍ତ (ଖ) କାଳିଦାସ (ଗ) ଶୂଦ୍ରକ (ଘ) ବାଣଭଟ୍ଟ

୩. ମହାକବି ହୋମରଙ୍କ ଦ୍ୱାରା ରଚିତ ବିଶ୍ୱପ୍ରସିଦ୍ଧ 'ଇଲିୟାଡ଼' ଏବଂ 'ଓଡ଼େସୀ' କାବ୍ୟ ଦୁଇଟି କେଉଁ ଭାଷାରେ ଲେଖାଯାଇଥିଲା ?

(କ) ଟ୍ୟୁଟୋନିକ୍ (ଖ) ଲାଟିନ୍ (ଗ) ଗ୍ରୀକ୍ (ଘ) ସ୍ଲାଭିକ୍

୪. ଓଡ଼ିଆ ଭାଷା ନିମନ୍ତେ ବର୍ଷ ୨୦୨୨ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମିର ବାଲ ସାହିତ୍ୟ ପୁରସ୍କାର କିଏ ପାଇବେ ?

(କ) ଦିଗରାଜ ବ୍ରହ୍ମା (ଖ) ରାମଚନ୍ଦ୍ର ନାୟକ

(ଗ) ବୀରେନ୍ଦ୍ର ମହାନ୍ତି (ଘ) ନରେନ୍ଦ୍ର ପ୍ରସାଦ ଦାସ

୫. ନିମ୍ନଲିଖିତ ବ୍ୟକ୍ତିମାନଙ୍କ ମଧ୍ୟରୁ କିଏ 'କୱାଲୀ' ଏବଂ 'ଖେୟାଲ୍' ଗାୟନ ଶୈଳୀ ସୃଷ୍ଟି କରିଥିଲେ ?

(କ) ଅମୀର ଖୁସ୍‌ରୋ (ଖ) ଖ୍ୱାଜା ଅବଦୁର୍ ସମଦ

(ଗ) ତାନ୍‌ସେନ୍ (ଘ) ଅବଦୁର୍ ରହୀମ୍ ଖାନେଖାନା

୬. ମୁମ୍ବାଇ ନିକଟସ୍ଥ କେଉଁ ଦ୍ୱୀପରେ ନିର୍ମିତ ଗୁମ୍ଫା ମନ୍ଦିରର ମୂର୍ତ୍ତିକଳା ଅତ୍ୟନ୍ତ ମନୋରମ ଅଟେ ?

(କ) ଅଜନ୍ତା (ଖ) ଏଲୋରା (ଗ) ଡାମନ୍ (ଘ) ଏଲିଫାଣ୍ଟା

୭. ସୁନ୍ଦର ଚିତ୍ରକଳା ପାଇଁ ପ୍ରସିଦ୍ଧ ରାଜରାଜେଶ୍ୱର ମନ୍ଦିର ତାମିଲନାଡୁ ରାଜ୍ୟର କେଉଁ ସ୍ଥାନରେ ଅବସ୍ଥିତ ?

(କ) ତିରୁଚିରାପଲ୍ଲୀ (ଖ) ସୁଚୀନ୍ଦ୍ରମ (ଗ) ତାଞ୍ଜାବୁର୍ (ଘ) ମଦୁରାଇ

୮. ଏବେ ଦୂରଦର୍ଶନରେ ପ୍ରସାରିତ ହେଉଥିବା କେଉଁ ଧାରାବାହିକରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ସମଗ୍ର ଗାଥା ବର୍ଣ୍ଣିତ ହେଉଛି ?

(କ) ପୋରସ୍ (ଖ) ସ୍ୱରାଜ (ଗ) ଆଜାଦୀ (ଘ) ଶହୀଦ

୯. କଟକ ସହରର କେଉଁ ସ୍ଥାନରେ ଥିବା ଦୁର୍ଗାପୂଜା ମଣ୍ଡପରେ ପ୍ରଥମେ ଚାନ୍ଦି ମେଢ଼ ନିର୍ମିତ ହୋଇଥିଲା ?

(କ) ଚୌଧୁରୀ ବଜାର (ଖ) ଶେଖ୍ ବଜାର

(ଗ) ଚାଉଳିଆଗଞ୍ଜ (ଘ) ଅଲିଶା ବଜାର

୧୦. ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ବିଷ୍ଣୁଙ୍କର କେଉଁ ଅବତାରଙ୍କ ଜନ୍ମଦିନ ପାଳିତ ହୋଇଥାଏ ?

(କ) ନୃସିଂହ (ଖ) ବାମନ (ଗ) ବରାହ (ଘ) ବଳରାମ

## (୧୫) ଭୂଗୋଳ

୧. ସମୁଦ୍ର ଗଭୀରତା ହାରାହାରି କେତେ ?

(କ) ୩.୫ କିମି (ଖ)୪.୫କିମି

(ଗ) ୬.୫ କିମି (ଘ) ୭କିମି

୨. ସମୁଦ୍ରର ଦୂରତ୍ୱ ମାପିବା ପାଇଁ କେଉଁ ଏକକ ବ୍ୟବହାର କରାଯାଏ ?

(କ) ମିଟର (ଖ) ଫୁଟ (ଗ) ଫାଦମ (ଘ)ଫର୍ଲଙ୍ଗ

୩. ସୁଏଜ କେନାଲ କେବେ ଖୋଲା ଯାଇଥିଲା ?

(କ) ୧୮୭୨ (ଖ)୧୮୮୮ (ଗ)୧୮୬୯ (ଘ) ୧୮୫୦

୪. ସବୁଠାରୁ ବଡ଼ ହୋଇ ମଧ୍ୟ ଆନ୍ତର୍ଜାତିକ ମାନ୍ୟତା ପାଇଁ ନଥିବା ସାଗରର ନାମ କ'ଣ ?

(କ) ଦକ୍ଷିଣ ଚୀନ ସାଗର (ଖ) ମାଳୟ ସାଗର

(ଗ) ପ୍ରଶାନ୍ତ ମହାସାଗର (ଘ) ଭାରତ ମହାସାଗର

୫. କାସ୍ପିଆନ୍ ହ୍ରଦର ଜଳର ସ୍ୱାଦ କିପରି ?

(କ)ଲୁଣିଆ (ଖ) ମଧୁର (ଗ) କ୍ଷାରିଆ (ଘ) ଅଳ୍ପ ମଧୁର

୬. ବାଇକାଲ ହ୍ରଦର ଜଳର ସ୍ୱାଦ କିପରି ?

(କ)ଲୁଣିଆ (ଖ) ମଧୁର (ଗ) ଅଳ୍ପ ଲୁଣିଆ (ଘ)କ୍ଷାରିଆ

୭. ବାଇକେଲ ହ୍ରଦ କେଉଁ ଦେଶରେ ଅବସ୍ଥିତ ?

(କ)ଆମେରିକା (ଖ) ଋଷିଆ

(ଗ)ଭାରତ (ଘ) ବର୍ମା

୮. ଆନଜେଲ୍ ଜଳ ପ୍ରପାତ କେଉଁ ଦେଶରେ ଅବସ୍ଥିତ ?

(କ)ଆମେରିକା (ଖ) ଜାପାନ (ଗ) ଭେନ୍ ଜୁଏଲା(ଘ) ବ୍ରାଜିଲ

୯. ରିବନ୍ ଜଳ ପ୍ରପାତ କେଉଁ ଦେଶରେ ଅବସ୍ଥିତ ?

(କ)କାଲିଫର୍ଣ୍ଣିଆ (ଖ) ଚୀନ୍ (ଗ)ପେରୁ (ଘ)ବର୍ମା

୧୦. ସବୁଠାରୁ ଓସାରିଆ ପ୍ରଣାଳୀ କିଏ ?

(କ)ପ୍ରାକ୍ ପ୍ରଣାଳୀ (ଖ)ମାଲାକା ପ୍ରଣାଳୀ

(ଗ)ଜର୍ଟାସ୍କି ପ୍ରଣାଳୀ (ଖ)ଡାଉସ୍ ପ୍ରଣାଳୀ

**ଉତ୍ତର**

**୧.(ଘ)ସେପ୍ଟେମ୍ବର ୧୪, ୨.(ଘ) ବାଣଭଟ୍ଟ, ୩.(ଗ) ଗ୍ରୀକ୍, ୪.(ଘ)ନରେନ୍ଦ୍ର ପ୍ରସାଦ ଦାସ, ୫.(କ) ଅମୀର ଖୁସ୍‌ରୋ, ୬.(ଘ)ଏଲିଫେଣ୍ଟା, ୭.(ଗ)ତାଞ୍ଜାବୁର୍, ୮.(ଖ) ସ୍ୱରାଜ, ୯.(କ)ଚୌଧୁରୀ ବଜାର, ୧୦.(ଖ) ବାମନ**

**୧.(କ)୩.୫ କିମି, ୨.(ଗ)ଫାଦମ, ୩.(ଗ)୧୮୬୯, ୪.(ଖ)ମାଳୟ ସାଗର, ୫.(କ)ଲୁଣିଆ, ୬. (ଖ)ମଧୁର, ୭.(ଖ)ଋଷିଆ, ୮.(ଗ)ଭେନ୍‌ଜୁଏଲା, ୯.(କ)କାଲିଫର୍ଣ୍ଣିଆ, ୧୦.(ଖ)ଡାଉସ୍ ପ୍ରଣାଳୀ**



କାଠ ଓ ଜ୍ଞାନ ଉଭୟକୁ କେବେହେଲେ ବ୍ୟବହାର କରନାହିଁ , ସେଗୁଡ଼ିକ ପୋଖତ ବା ପାକଳ ନହେବା ପର୍ଯ୍ୟନ୍ତ । - ହୋରେସ୍

## (୧୬) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ଜନରାଜ୍ୟ ଦିବସ କେବେ ପାଳନ କରାଯାଏ ?

(କ)ଜାନୁଆରୀ ୨୬ (ଖ)ଅଗଷ୍ଟ ୧୫

(ଗ)ସେପ୍ଟେମ୍ବର ୫ (ଘ)ଅଗଷ୍ଟ ୯

୨. ପଞ୍ଚାୟତରାଜ ଦିବସ କେବେ ପାଳନ କରାଯାଏ ?

(କ) ଅପ୍ରେଲ ୧ (ଖ)ମାର୍ଚ୍ଚ ୫ (ଗ) ମାର୍ଚ୍ଚ ୧ (ଘ)ଅପ୍ରେଲ ୫

୩. କ୍ରାନ୍ତି ଦିବସ କେବେ ପାଳନ କରାଯାଏ ?

(କ) ଅଗଷ୍ଟ ୯(ଖ)ମାର୍ଚ୍ଚ ୫ (ଗ) ଅଗଷ୍ଟ ୧୫(ଘ)ଜାନୁଆରୀ ୨୬

୪. ସ୍ୱାୟତ୍ତଶାସନ ଦିବସ କେବେ ପାଳନ କରାଯାଏ ?

(କ) ଅଗଷ୍ଟ ୯(ଖ)ମାର୍ଚ୍ଚ ୫(ଗ) ଅଗଷ୍ଟ୩୧ (ଘ)ଜାନୁଆରୀ ୨୬

୫. ଗାନ୍ଧୀଜୟନ୍ତୀ କେବେ ପାଳନ କରାଯାଏ ?

(କ)ମାର୍ଚ୍ଚ ୫ (ଖ)ଅଗଷ୍ଟ ୩୧(ଗ) ଅକ୍ଟୋବର ୨ (ଘ) ଅଗଷ୍ଟ୨

୬. ଉତ୍କଳ ଦିବସ କେବେ ପାଳନ କରାଯାଏ ?

(କ)ଅପ୍ରେଲ୧(ଖ) ଅଗଷ୍ଟ ୯ (ଗ)ମାର୍ଚ୍ଚ ୫ (ଘ)ସେପ୍ଟେମ୍ବର ୫

୭. ସର୍ବପଲ୍ଲୀ ରାଧାକ୍ରିଷ୍ଣାନଙ୍କ ଜନ୍ମ ଦିବସ କେବେ ପାଳନ କରାଯାଏ ?

(କ)ଅପ୍ରେଲ୧(ଖ)ସେପ୍ଟେମ୍ବର ୫ (ଗ) ଅଗଷ୍ଟ ୯ (ଘ)ମାର୍ଚ୍ଚ ୫

୮. ବିଶ୍ୱମାନବ ଦିବସ କେବେ ପାଳନ କରାଯାଏ ?

(କ)ଡିସେମ୍ବର ୧୨ (ଖ)ଜୁନ୍ ୬

(ଗ)ଅକ୍ଟୋବର୧୪ (ଘ)ଡିସେମ୍ବର ୧୫

୯. ଜାତୀୟ ସଂହତି ଦିବସ କେବେ ପାଳନ କରାଯାଏ ?

(କ)ଅକ୍ଟୋବର ୨୦ (ଖ)ଜୁନ୍ ୬

(ଗ)ଅକ୍ଟୋବର୧୪ (ଘ)ଡିସେମ୍ବର ୧୫

୧୦.ଜାତିସଂଘ ଦିବସ କେବେ ପାଳନ କରାଯାଏ ?

(କ)ଅଗଷ୍ଟ୧୦ (ଖ)ଅକ୍ଟୋବର ୨୪

(ଗ)ଡିସେମ୍ବର ୨୦ (ଘ)ଜାନୁଆରୀ ୨

## (୧୭) କମ୍ପ୍ୟୁଟର ଶିକ୍ଷା

୧. କେଉଁ ଯନ୍ତ୍ରକୁ ପ୍ରଥମ କମ୍ପ୍ୟୁଟର ବୋଲି କୁହାଯାଇଥାଏ ?

(କ)ଷ୍ଟେପଡ୍ ରେକନର (ଖ)ବିଶ୍ଳେଷଣ କଳ

(ଗ)ସ୍ଲାଇଡ୍ ରୁଲ୍ (ଘ)ଛିଦ୍ରିତ କାର୍ଡ଼ ଯନ୍ତ୍ର

୨. ୧୮୯୦ ମସିହାରେ ଆମେରିକାରେ କେଉଁ ଯନ୍ତ୍ର ବ୍ୟବହାର କରାଯାଇ ଜନଗଣନା କାର୍ଯ୍ୟ ନିର୍ଦ୍ଧାରିତ ସମୟର ଏକ ତୃତୀୟାଂଶ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇ ପାରିଥିଲା ?

(କ)ବିଶ୍ଳେଷଣ କଳ (ଖ)ଷ୍ଟେପଡ୍ ରେକନର

(ଗ)ଏନିଆକ୍ କମ୍ପ୍ୟୁଟର (ଘ)ଛିଦ୍ରିତ କାର୍ଡ଼ ଯନ୍ତ୍ର

୩. ପୃଥିବୀର ପ୍ରଥମ ବିଦ୍ୟୁତ୍ ଯାନ୍ତ୍ରିକ କମ୍ପ୍ୟୁଟରଟି କ'ଣ ?

(କ)ଅବକଳ ବିଶ୍ଳେଷକ (ଖ)ଏନିଆକ(ଗ)ମାର୍କ-୧ (ଘ) ଏଡ୍‌ଭାକ

୪. ୧୯୫୧ ମସିହାରେ ବ୍ୟବସାୟିକ ଭାବରେ ମିଳୁଥିବାପ୍ରଥମ ବୃହତ ଇଲୋକଟ୍ରନିକ କମ୍ପ୍ୟୁଟରଟିର ନାମ କ'ଣ ଥିଲା ?

(କ)ଆଇ.ବି.ଏମ୍.-୬୫୦ (ଖ)ଆଇ.ବି.ଏମ୍.-୭୦୧

(ଗ)ୟୁନିଭାକ୍-୧ (ଘ)ଏଡ୍‌ଭାକ

୫. ମ୍ୟାଗ୍ନେଟିକ୍ ଟେପ୍ କେବେ ଉଦ୍ଭାବିତ ହୋଇଥିଲା ?

(କ)୧୯୪୩ (ଖ) ୧୯୪୬ (ଗ)୧୯୫୧ (ଘ)୧୯୫୮

୬. କେଉଁ ମସିହାରେ ମାଇକ୍ରୋଚିପ୍ ଉଦ୍ଭାବିତ ହୋଇଥିଲା ?

(କ) ୧୯୪୬ (ଖ)୧୯୫୨ (ଗ)୧୯୫୯ (ଘ)୧୯୭୨

୭. ସର୍ବପ୍ରଥମେ ଭିଡ଼ିଓ ଗେମ୍‌ସ କେବେ ପ୍ରଚଳିତ ହୋଇଥିଲା ?

(କ) ୧୯୬୨ (ଖ) ୧୯୬୫ (ଗ) ୧୯୬୮ (ଘ)୧୯୭୨

୮. ତୃତୀୟ ପିଢ଼ିର ପ୍ରଥମ କମ୍ପ୍ୟୁଟରଟି କ'ଣ ?

(କ)ଆଇ.ବି.ଏମ୍.-୩୬୦ (ଖ)ଆଇ.ବି.ଏମ୍.-୧୬୮୦

(ଗ)ସି.ଡି.ସି.-୬୬୦୦ (ଘ)ବି.ଡି.ସି.-୧୧

୯. ଯେଉଁ କମ୍ପ୍ୟୁଟର ମନିଟରରେ ରଙ୍ଗିନ ଛବି ଆସେ ନାହିଁ, ସେ ପ୍ରକାର ମନିଟରକୁ କ'ଣ କହନ୍ତି ?

(କ) କଳା-ଧଳା ମନିଟର (ଖ)ମନୋକ୍ରୋମ ମନିଟର

(ଗ)ଅଣରଙ୍ଗୀନ ମନିଟର (ଘ)ପରଦା

୧୦.ପୃଥିବୀର ପ୍ରଥମ କମ୍ପ୍ୟୁଟର ପ୍ରୋଗ୍ରାମର୍ କିଏ ?

(କ)ଆନାର ଟୁରିଂ (ଖ)ଆଡ଼ା ଲଭ୍‌ଲେସ

(ଗ)ହର୍‌ମ୍ୟାନ୍ ହୋଲେରିଥ୍ (ଖ)ସିମର କ୍ରେ

### ଉତ୍ତର

**୧.(କ)ଜାନୁଆରୀ ୨୬, ୨.(ଖ)ମାର୍ଚ୍ଚ ୫, ୩.(କ) ଅଗଷ୍ଟ ୯, ୪.(ଗ)ଅଗଷ୍ଟ ୩୧, ୫.(ଗ)ଅକ୍ଟୋବର ୨, ୬.(କ)ଅପ୍ରେଲ ୧, ୭.(ଖ)ସେପ୍ଟେମ୍ବର ୫, ୮.(ଗ)ଅକ୍ଟୋବର ୧୪, ୯.(କ)ଅକ୍ଟୋବର ୨୦, ୧୦.(ଖ)ଅକ୍ଟୋବର ୨୪**

**୧.(ଖ)ବିଶ୍ଳେଷଣ କଳ, ୨.ଛିଦ୍ରିତା କାର୍ଡ଼ ଯନ୍ତ୍ର, ୩.(କ)ଅବକଳ ବିଶ୍ଳେଷକ, ୪.(ଗ)ୟୁନିଭାକ୍-୧, ୫.(ଖ)୧୯୪୬, ୬.(ଗ)୧୯୫୯, ୭.(ଘ)୧୯୭୨, ୮.(କ)ଆଇ.ବି.ଏମ୍.-୩୬୦, ୯.(ଖ)ମନୋକ୍ରୋମ ମନିଟର, ୧୦. (ଖ)ଆଡ଼ା ଲଭ୍‌ଲେସ**



କୃଷିରୁ ଯେଉଁ ସଂପଦ ମିଳେ , ତାହା ହିଁ ଜାତିର ପ୍ରକୃତ ସଂପଦ। - ଜନ୍‌ସନ୍

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. ଜ୍ୟାମିତିର ଜନକରୂପେ କେଉଁ ଗଣିତଜ୍ଞ ପରିଚିତ ?
(କ)ଅହମ୍ସ (ଖ)ଥେଲସ୍ (ଗ)ୟୁକ୍ଲିଡ୍ (ଘ) ପାଇଥାଗୋରାସ୍

୨. ୟୁକ୍ଲିଡ୍ ରଚନା କରିଥିବା କେଉଁ ପୁସ୍ତକ ତାଙ୍କୁ ଚିରଦିନ ଲାଗି ଅମର କରି ରଖିଛି ?
(କ)ରିଣ୍ଡ ପାପିରସ (ଖ)ଦ ସାଣ୍ଡ ରେକନର୍
(ଗ)ଏଲିମେଣ୍ଟସ୍ (ଘ)ସ୍ୱାଇଗଲ୍ସ

୩. ଦୁଇଟି ବିନ୍ଦୁ ମଧ୍ୟ ଦେଇ ଅତି ବେଶୀରେ କେତୋଟି ସରଳରେଖା ଅଙ୍କନ ସମ୍ଭବ ?
(କ) ଗୋଟିଏ (ଖ)ଦୁଇଟି
(ଗ) ଅସଂଖ୍ୟ (ଘ)ଆଦୌ ସମ୍ଭବ ନୁହେଁ

୪. ଏକ ବୃତ୍ତର ବ୍ୟାସାର୍ଦ୍ଧ 'r' ର ସମପରିମିତ ଚାପ ବୃତ୍ତର କେନ୍ଦ୍ରରେ କେଉଁ ପରିମାଣର କୋଣ ଉତ୍ପନ୍ନ କରିଥାଏ ?
(କ) $1^o$ (ଖ)$1^c$ (ଗ) $r^0$ (ଘ) $r^c$

୫. ଗୋଟିଏ ଏକଟଙ୍କିଆ ମୁଦ୍ରାର ଚତୁଃପାର୍ଶ୍ୱରେ ପରସ୍ପରକୁ ସ୍ପର୍ଶକରି କେତୋଟିଟଙ୍କିଆ ମୁଦ୍ରା ରଖାଯାଇପାରିବ ?
(କ)୨ଟି (ଖ)୪ଟି (ଗ) ୬ଟି (ଘ) ୮ଟି

୬. ପୃଥିବୀର ପ୍ରଥମ ବିଦ୍ୟୁତ ଯାନ୍ତ୍ରିକ କମ୍ପ୍ୟୁଟରଟି କ'ଣ ?
(କ) ଅବକଳ ବିଶ୍ଳେଷକ (ଖ) ଏନିଆକ୍ (
ଗ) ମାର୍କ-୧ (ଘ)ଏଡ୍ଭାକ

୭. r ଏକକ ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତରେ ଅନ୍ତର୍ଲିଖିତ ବର୍ଗକ୍ଷେତ୍ରର କ୍ଷେତ୍ରଫଳ କେତେ ?
(କ) $r^2$ (ଖ) $2r^2$ (ଗ) $3r^2$ (ଘ) $r^5$

୮. ଏକ ରେଡିଆନ ମାନେ କେତେ ?
(କ) ୧° (ଖ) ୩୦°
(ଗ) ୫୭.୩° (ଘ)୬୦°

୯ କେତେ ମିନିଟକୁ ଏକ ଡିଗ୍ରୀ କୁହାଯାଏ ?
(କ) ୧ମିନିଟ (ଖ) ୩୦ମିନିଟ
ଗ) ୫୭.ମିନିଟ (ଘ)୬୦ମିନିଟ

୧୦. ଏକ ସେକେଣ୍ଡରେ ଏକ ମିନିଟ ହୁଏ ?
(କ) ୬୦ (ଖ) ୩୦
(ଗ) ୫୦ (ଘ)୪୦

## (୧୯) ସାଧାରଣ ବିଜ୍ଞାନ

୧. ଯାନବାହାନର ବେଗ ନିରୂପଣରେ କେଉଁ ଉପକରଣ ଲାଗିଥାଏ ?
(କ) ଓଡ଼ୋମିଟର (ଖ)ସ୍ପିଡୋମିଟର
(ଗ) ଟାକୋମିଟର (ଘ)କ୍ରୋନୋମିଟର

୨. ସମୁଦ୍ରର ଗଭୀରତା କେଉଁ ଉପକରଣରେ ମାପ କରାଯାଇଥାଏ ?
(କ)ଫାଦୋମିଟର (ଖ)ଅଲ୍‌ଟିମିଟର
(ଗ)ହିପ୍‌ସୋମିଟର (ଘ)କ୍ରନୋମିଟର

୩. ମୁକ୍ତଭାବରେ ଖସୁଥିବା ବସ୍ତୁଟି ଉପରେ କାର୍ଯ୍ୟକାରୀ ମାଧ୍ୟାକର୍ଷଣ ଶକ୍ତି ବସ୍ତୁର ନିମ୍ନଲିଖିତ କେଉଁ କାରକ ଉପରେ ନିର୍ଭର କରିଥାଏ ?
(କ)ବସ୍ତୁର ସାନ୍ଦ୍ରତା (ଖ)ବସ୍ତୁର ବସ୍ତୁତ୍ୱ
(ଗ)ବସ୍ତୁର ବ୍ୟାସାର୍ଦ୍ଧ (ଘ) କୌଣସିଟି ନୁହେଁ

୪. କୌଣସି ବସ୍ତୁର ଓଜନ-
(କ)ବସ୍ତୁର ଜଡ଼ତା ସହ ସମାନ (ଖ)ବସ୍ତୁର ବସ୍ତୁତ୍ୱ ସହ ସମାନ
(ଗ) ବସ୍ତୁର ଥିବା କଣିକାର ମାତ୍ରା ସହ ସମାନ
(ଘ)ବସ୍ତୁ ଉପରେ କ୍ରିୟାଶୀଳ ମାଧ୍ୟାକର୍ଷଣ ବଳ ସହ ସମାନ

୫. ଦ୍ରୁତଗାମୀ ଟ୍ରେନ୍ ପାଖରେ ଠିଆହେଲେ ରେଳ ଧାରଣା ମଧ୍ୟକୁ ପଡ଼ିଯିବାର ଭୟ ଥାଏ । ଏହାର କାରଣ କ'ଣ ?
(କ)ବାୟୁର ଶାନ୍ୟତା (ଖ) ବାୟୁର ପାର୍ଶ୍ୱଚାପ
(ଗ) ବର୍ଣ୍ଣୁଲିଙ୍କ ପ୍ରମେୟ (ଘ) ଷ୍ଟୋକ୍‌ଙ୍କ ନିୟମ

୬. ଶୀତଦିନେ ପୋଷାକରୁ ସହଜରେ ମଇଳା ଛାଡ଼େନାହିଁ । କାରଣ-
(କ)ଶୀତଦିନେ ପୋଷାକ ସଙ୍କୁଚିତ ହୋଇଯାଏ
(ଖ)ଶୀତଦିନେ ଜଳର ପୃଷ୍ଠତାନ ଅଧିକ ହୋଇଯାଏ
(ଗ)ଶୀତଦିନେ ଜଳର ଶାନ୍ୟତା ବୃଦ୍ଧି ପାଏ
(ଘ)ଶୀତଦିନେ ଜଳର ସାନ୍ଦ୍ରତା ବୃଦ୍ଧି ପାଏ

୭. ନଳ ମଧ୍ୟରେ ପ୍ରବାହିତ ଜଳର ବେଗ ନିରୂପଣପାଇଁ କେଉଁ ଉପକରଣ ବ୍ୟବହୃତ ହୋଇଥାଏ ?
(କ)ଭିସ୍କୋମିଟର (ଖ) ସ୍ପିଡୋମିଟର
(ଗ)ଭେଞ୍ଚୁରିମିଟରି (ଘ)ଏନିମୋମିଟର

୮. ସାଧାରଣ ବାୟୁମଣ୍ଡଳୀୟ ତାପମାତ୍ରା (20°c) ରେ ବାୟୁରେ ଧ୍ୱନିର ବେଗ କେତେ ?
(କ)୩୩୨ମି./ସେକେଣ୍ଡ (ଖ) ୩୪୩.୪ମି./ସେ.
(ଗ)୩୬୭ ମି./ସେ. (ଘ) ୩୮୮ ମି./ସେ.

୯. ନିମ୍ନଲିଖିତ କେଉଁ ମାଧ୍ୟମରେ ଧ୍ୱନିର ବେଗ ସର୍ବାଧିକ ?
(କ) କଠିନ (ଖ) ତରଳ (ଗ) ବାଷ୍ପ (ଘ) ଶୂନ୍ୟ

୧୦.ନିମ୍ନଲିଖିତ କେଉଁ କଠିନରେ ଶବ୍ଦର ବେଗ ସର୍ବାଧିକ ?
(କ)ତମ୍ବା (ଖ) ଇସ୍ପାତ
(ଗ)କାଠ (ଖ) ଆଲୁମିନିୟମ

**ଉତ୍ତର**

**୧.(ଗ)ୟୁକ୍ଲିଡ୍, ୨.(ଗ)ଏଲିମେଣ୍ଟସ, ୩.(କ)ଗୋଟିଏ, ୪.(ଖ)$1^c$, ୫.(ଗ)୬ଟି, ୬.(କ)ଅବକଳ ବିଶ୍ଳେଷକ, ୭.(ଖ)$2r^2$, ୮.(ଗ)୫୭.୩°' ୯.(ଘ)୬୦ମିନିଟ, ୧୦.(କ)୬୦**

**୧.(ଖ)ସ୍ପିଡୋମିଟର, ୨.(କ)ଫାଦୋମିଟର, ୩.(ଘ)କୌଣସିଟି ନୁହେଁ, ୪.(ଘ)ବସ୍ତୁ ଉପରେ କ୍ରିୟାଶୀଳ ମାଧ୍ୟାକର୍ଷଣ ବଳ ସହ ସମାନ, ୫.(ଗ)ବର୍ଣ୍ଣୁଲିଙ୍କ ପ୍ରମେୟ, ୬.(ଖ)ଶୀତଦିନେ ଜଳର ପୃଷ୍ଠତାନ ଅଧିକ ହୋଇଯାଏ, ୭(ଗ)ଭେଞ୍ଚୁରିମିଟର, ୮.(ଖ) ୩୪୩.୪ମି./ସେ. , ୯.(କ)କଠିନ , ୧୦.(ଖ) ଇସ୍ପାତ**



କୃତଜ୍ଞତା ରୂପକ ଋଣକୁ ଶୁଝିବା , ଶକ୍ତିର ବାହାରେ ବୋଲି ଉଦାରମନା ଲୋକ ହିଁ ଧରି ନେଇଥାଏ । - ଫ୍ରାଙ୍କ୍‌ଲିନ୍

## (୨୦) ଜିଲ୍ଲା

୧. ଜିଲ୍ଲାର ନାମ - ବାଲେଶ୍ୱର
୨. ଗଠନ - ୧ ଏପ୍ରିଲ୍ ୧୯୩୬
୩. କ୍ଷେତ୍ରଫଳ - ୩୮୦୬ ବର୍ଗ କି.ମି
୪. ଜନସଂଖ୍ୟା - ୨୩୧୭୪୧୯
(କ) ପୁରୁଷ - ୧୧୮୪୩୭୧
(ଖ) ମହିଳା - ୧୧୩୩୦୪୮
୫. ଉପଖଣ୍ଡ - ୦୨(ବାଲେଶ୍ୱର, ନିଳଗିରି)
୬. ତହସିଲ - ୧୨ (ଭୋଗରାଇ, ବାଲେଶ୍ୱର, ସିମୁଳିଆ, ଖଇରା, ସୋରୋ, ବାହାନଗା, ରେମୁଣା, ବାଲିଆପାଳ, ଜଳେଶ୍ୱର, ବସ୍ତା, ନୀଳଗିରି, ଔପଦା)
୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍) -୧୨ (ଭୋଗରାଇ, ବାଲେଶ୍ୱର, ସିମୁଳିଆ, ଖଇରା, ସୋରୋ, ବାହାନଗା, ରେମୁଣା, ବାଲିଆପାଳ, ଜଳେଶ୍ୱର, ବସ୍ତା, ନୀଳଗିରି, ଔପଦା)
୮. ଗ୍ରାମ ପଞ୍ଚାୟତ - ୨୮୯
୯. ଗ୍ରାମ - ୨୯୩୨
୧୦. ଥାନା - ୨୩
୧୧. ପୌରସଂସ୍ଥା(ମ୍ୟୁନିସିପାଲିଟି) - ୦୧(ବାଲେଶ୍ୱର)
୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି)-୦୩ (ଜଳେଶ୍ୱର, ନିଳଗିରି, ସୋର)
୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୩୫. ଜଳେଶ୍ୱର, ୩୬.ଭୋଗରାଇ, ୩୭. ବସ୍ତା, ୩୮. ବାଲେଶ୍ୱର, ୩୯. ରେମୁଣା ୪୦. ନିଳଗିରି, ୪୧. ସୋର, ୪୨. ଶିମୁଳିଆ
୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ)- ୨୭୪୪୩୨(୯୪୧)
୧୫. ସାକ୍ଷରତା ହାର - ୮୦.୬୬%
୧୬.ପୁରୁଷ ସାକ୍ଷରତା ହାର - ୮୮.୦୬%
୧୭. ମହିଳା ସାକ୍ଷରତା ହାର - ୭୨.୯୫%
୧୮.ଜନସଂଖ୍ୟା ବୃଦ୍ଧି ହାର - ୧୪.୪୭%
୧୯.ଜନସଂଖ୍ୟା ଘନତ୍ୱ - ୬୦୯ / ବର୍ଗ କି.ମି
୨୦.୧୦୦୦ପୁରୁଷରେ ମହିଳା ସଂଖ୍ୟା- ୯୫୭
୨୧.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୮୫
୨୨. ନିଆଁଲିଭା କେନ୍ଦ୍ର -୯
୨୩.ଲୋକସଭା ଆସନ ସଂଖ୍ୟା - ୧
୨୪ ଜଙ୍ଗଲ ଜମି - ୨୭୧୬.୮୨ବର୍ଗ କି.ମି
୨୫.ହାରାହାରି ତାପମାତ୍ରା-ସର୍ବନିମ୍ନ ୧୦.୬° - ସର୍ବୋଚ୍ଚ ୪୩ °
୨୬. ସାଧାରଣ ବୃଷ୍ଟିପାତ - ୧୫୯୨.୦ମି.ମି.
୨୭. ମୋଟର ଯାନ ପଞ୍ଜିକୃତ କୋଡ୍ - ଓ.ଡି.- ୦୧
୨୮.ପର୍ଯ୍ୟଟନସ୍ଥଳୀ - ଅଯୋଧ୍ୟା,ବଳରାମଗଡ଼ି, ବନ୍ଧନପୁର, ଭୁଶଣ୍ଡେଶ୍ୱର, ଚନ୍ଦନେଶ୍ୱର, ଚଣ୍ଡୀପୁର, ଇଞ୍ଚୁଡ଼ି, କୁପାରୀ, ଲଙ୍ଗଳେଶ୍ୱର, ଲକ୍ଷ୍ମଣନାଥ,

## ସେପ୍ଟେମ୍ବର ୨୦୨୨ | ଅକ୍ଟୋବର୨୦୨୨

### ପର୍ବପର୍ବାଣୀ

ତା୧. ନୂଆଁଖାଇ, ଋଷି ପଞ୍ଚମୀ
ତା୨. ଷଷ୍ଠୀ ଓଷା, ସୋମନାଥ ବ୍ରତାରମ୍ଭ ଲଳିତା ସପ୍ତମୀ, କୁକୁଟି ବ୍ରତ
ତା୪. ରାଧାଷ୍ଟମୀ ବ୍ରତ ଖୁଦୁରୁକୁଣୀ ଓଷା ଶେଷ
ତା୫. ଗୁରୁ ଦିବସ
ତା୬. ଶ୍ରୀବିଷ୍ଣୁ ପାର୍ଶ୍ୱପରିବର୍ତ୍ତନ ଏକାଦଶୀ, ଶରଣ ଆରମ୍ଭ
ତା୭. ସୁନିଆଁ, ବାମନ ଜନ୍ମ
ତା୯. ଶିବ ଓ ଦୁର୍ଗା ପାର୍ଶ୍ୱପରିବର୍ତ୍ତନସ୍ତୋବ ଶ୍ରୀ ମନ୍ଦିରେ ଅନନ୍ତ ବ୍ରତ, ବେଢା ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ ପୂଜା
ତା୧୦. ଇନ୍ଦ୍ର ପୂର୍ଣ୍ଣିମା, ଜହ୍ନିଓଷାରମ୍ଭ ଶରଣ ଶେଷ, ଭାଗବତ ଜନ୍ମ
ତା୧୧. ଅପରପକ୍ଷ ପିତୃତର୍ପଣ ଆରମ୍ଭ
ତା୧୪. ଅଶ୍ୱ ପଞ୍ଚମୀ
ତା୧୫. ଗଜ ଷଷ୍ଠୀ
ତା୧୬. ମାସାନ୍ତ
ତା୧୭. କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା ଦେବ୍ୟୁତ୍ଥାପନ ସହସ୍ରା କୁମ୍ଭାଭିଷେକ ମୂଳାଷ୍ଟମୀ, ଦ୍ୱିତୀବାହନ ଓଷା
ତା୧୯.ମାତୃ ନବମୀ
ତା୨୧.ଇନ୍ଦିରା ଏକାଦଶୀ
ତା୨୪.ସ୍ୱାମୀ ଚିଦାନନ୍ଦ ଜୟନ୍ତୀ ଶିବ ଚତୁର୍ଦ୍ଦଶୀ ଉପବାସ, ବେଢା
ତା୨୫. ମହାଳୟା ଅମାବାସ୍ୟା
ତା୨୬. ଶାରଦୀୟ ନବରାତ୍ର ପୂଜାରମ୍ଭ
ତା୨୭. ପଞ୍ଚମ୍ୟାଦିକଳ୍ପାରମ୍ଭ, ନତଃ ପଞ୍ଚମୀ

ତା୧- ତପଷଷ୍ଠୀ, ପୀଠେ ଷଷ୍ଠ୍ୟାଦିକଳ୍ପାରମ୍ଭ ପୀଠ ଦେବୀଙ୍କ ମହାସପ୍ତମୀ ପୂଜା
ତା୨- ପୀଠଦେବୀଙ୍କ ମହାଷ୍ଟମୀ ମୃଣ୍ମୟୀ ଦୁର୍ଗାଦେବୀଙ୍କ ମହାସପ୍ତମୀ ଭାଇଜିଉନ୍ତିଆ ଓଷା,ଫଳଥୁଆ
ତା୩- ମୃଣ୍ମୟୀ ଦୁର୍ଗାଦେବୀଙ୍କ ମହାଷ୍ଟମୀ ପୀଠଦେବୀଙ୍କ ମହାନବମୀ
ତା୪- ମୃଣ୍ମୟୀ ଦୁର୍ଗାଦେବୀଙ୍କ ମହାନବମୀ ଦଶହରା,ବିଜୟା ଦଶମୀ, ସୋମନାଥ ବ୍ରତ ଉଦ୍ୟାପନ ଶରଣ ଆରମ୍ଭ
ତା୫- ମୃଣ୍ମୟୀ ଦୁର୍ଗାଦେବୀଙ୍କ ଦଶହରା
ତା୬- ପାପାଙ୍କୁଶା ଏକାଦଶୀ ଭଷାଣୀ ଲକ୍ଷ୍ମୀନାରାୟଣ ବ୍ରତ, ଶ୍ରୀରାଧା ଦାମୋଦର,ବେଶାରମ୍ଭ
ତା୮- ଶରଣ ଶେଷ,ବେଢା
ତା୯- ଚନ୍ଦ୍ରୋପବାସ କୁମାରୋତ୍ସବ, ଗଜଲକ୍ଷ୍ମୀ ପୂଜା
ତା୧୦- କାର୍ତ୍ତିକ ବ୍ରତୋପବାସ ଆରମ୍ଭ
ତା୧୬- ମାସାନ୍ତ
ତା୧୭- ତୁଳା(ଗର୍ଭଣା) ସଂକ୍ରାନ୍ତି
ତା୨୧- ରମା ଏକାଦଶୀ
ତା୨୨- ଗୋବତ୍ସା ଦ୍ୱାଦଶୀ
ତା୨୩- ବେଢା ପୂଜା
ତା୨୪- ଦୀପାବଳୀ, ପୟାଶ୍ରାଦ୍ଧ, ଶ୍ୟାମାକାଳୀ ପୂଜା
ତା୨୫- ଖଣ୍ଡଗ୍ରାସ ସୂର୍ଯ୍ୟପରାଗ
ତା୨୬- ଗୋବର୍ଦ୍ଧନ ମହୋତ୍ସବ
ତା୨୮- ନାଗ ଚତୁର୍ଥୀ ବ୍ରତ
ତା୩୧- ଶରଣ ଆରମ୍ଭ

# ବିଭିନ୍ନ ଦିବସ ପାଳନ

## ସେପ୍ଟେମ୍ବର

ତା୦୨ - ବିଶ୍ୱ ନାରିକେଳ ଦିବସ
(୧ମ ଶନିବାର) ବିଶ୍ୱ ନଦୀ ଦିବସ
ତା୦୫ - ଗୁରୁ ଦିବସ (ଡକ୍ଟର ରାଧାକୃଷ୍ଣ ଜନ୍ମଦିନ)
ତା୦୭ - କ୍ଷମା ଦିବସ
ତା୦୮ - ବିଶ୍ୱ ସାକ୍ଷରତା ଦିବସ
ତା୧୦ - ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ
ତା୧୧ - ବିଶ୍ୱ ଭାତୃତ୍ୱ ଦିବସ
ତା୧୪ - ହିନ୍ଦୀ ଦିବସ
ବିଶ୍ୱ ପ୍ରଥମ ବାୟୁ ଦିବସ
ତା୧୫ - ଭାରତୀୟ ଇଞ୍ଜିନିୟର ଦିବସ
ତା୧୫ - ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ
ତା୧୬ - ବିଶ୍ୱ ଓଜନ ଦିବସ
ତା୧୮ - ଜାତୀୟ ହାସ୍ୟ ଦିବସ
ତା୨୧ - ଅନ୍ତର୍ଜାତୀୟ ଶାନ୍ତି ଦିବସ
ଆଲଜାଇମର ଦିବସ
ତା୨୨ - ରୋଜ୍ ଦିବସ
କ୍ୟାନସର ରୋଗୀ ଦିବସ
ତା୨୫ - ଅନ୍ତର୍ଜାତୀୟ ଫାର୍ମାସିଷ୍ଟ ଦିବସ
ସାମାଜିକ ନ୍ୟାୟ ଦିବସ
ତା୨୬ - ବିଶ୍ୱ ମୂକ ବଧିର ଦିବସ
ତା୨୭ - ବିଶ୍ୱ ପର୍ଯ୍ୟଟନ ଦିବସ
ତା୨୮ - ବିଶ୍ୱ ଜଳାତଙ୍କ ଦିବସ
ତା୨୮ - ଇରମ ଶହୀଦ ଦିବସ
ତା୨୯ - ବିଶ୍ୱ ହୃଦ୍‌ୟ ଦିବସ
ତା୩୦ - ବିଶ୍ୱ ସାହାଯ୍ୟ ଦିବସ
ଅନ୍ତର୍ଜାତୀୟ ଅନୁବାଦ ଦିବସ

## ଅକ୍ଟୋବର

ତା୦୧ - ବିଶ୍ୱ ପ୍ରୌଢ଼ ଦିବସ
ତା୦୨ - ଗାନ୍ଧି ଜୟନ୍ତୀ,
- ଅନ୍ତର୍ଜାତିକ ଅହିଂସା ଦିବସ
- ବିଶ୍ୱ ଅଧିକାର ଦିବସ
ତା ୦୩(ପ୍ରଥମ ସୋମବାର)ବିଶ୍ୱ ବାସସ୍ଥାନ ଦିବସ
ତା୦୩ - ବିଶ୍ୱ ପ୍ରକୃତି ଦିବସ
ତା୦୪ - ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ
ତା୦୫ - ବିଶ୍ୱ ଶିକ୍ଷକ ଦିବସ
ତା୦୬ - ବିଶ୍ୱ ବନ୍ୟପ୍ରାଣୀ ଦିବସ
- ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ
ତା୦୮ - ଭାରତୀୟ ବାୟୁସେନା ଦିବସ
ତା୦୯ - ବିଶ୍ୱ ପୋଷ୍ଟ ଅଫିସ୍ ଦିବସ
- ଉତ୍କଳମଣି ଗୋପବନ୍ଧୁ ଜନ୍ମ ଦିବସ
ତା୧୦ - ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ
- ଜାତୀୟ ଡାକ ଦିବସ
ତା୧୧ - ଜୟପ୍ରକାଶ ନାରାୟଣ ଜୟନ୍ତୀ
- ସହୀଦ୍ ବାଜିରାଉତ ଶ୍ରାଦ୍ଧ ଦିବସ
- ଜାତୀୟ ଧୂମପାନ ନିଷେଧ ଦିବସ
- ଅନ୍ତର୍ଜାତୀୟ ବାଳିକା ଶିଶୁ ଦିବସ
- ଜାତିସଂଘ ଅନ୍ତର୍ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ
ତା୧୩ - ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ
ତା୧୪ - ବିଶ୍ୱ ମାନକ ଦିବସ
ତା୧୫ - ବିଶ୍ୱ ହ୍ୱାଇଟ୍ କେନ୍ ଦିବସ
(ଅନ୍ଧମାନଙ୍କୁ ମାର୍ଗଦର୍ଶନ)
- ବିଶ୍ୱ ଛାତ୍ର ଦିବସ
ତା୧୬ - ବିଶ୍ୱ ଖାଦ୍ୟ ଦିବସ
ତା୧୭ - ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନ୍ତର୍ଜାତୀୟ ଦିବସ
ତା୨୦ - ସୀମାସୁରକ୍ଷା କର୍ମୀ ଦିବସ,
ରାଷ୍ଟ୍ରୀୟ ସୌହାର୍ଦ୍ଦ ଦିବସ
- ବିଶ୍ୱ ପରିସଂଖ୍ୟାନ ଦିବସ
ତା୨୨ - ଆଜାଦ ହିନ୍ଦ ଫୌଜ ଦିବସ
ତା୨୪ - ଜାତିସଂଘ ଦିବସ
- ବିଶ୍ୱ ବିକାଶ ସୂଚନା ଦିବସ
ତା୨୯ - ଜାତୀୟ ବିପର୍ଯ୍ୟୟ ଦିବସ
ତା୩୦ - ବିଶ୍ୱ ସଂଚୟ ଦିବସ
ତା୩୧ - ଜାତୀୟ ସଂହତି ଦିବସ
- ରାଷ୍ଟ୍ରିୟ ଏକତା ଦିବସ
(ସର୍ଦ୍ଦାର ପଟେଲଙ୍କ ସ୍ମୃତିରେ)
- ଜାତୀୟ ଏକୀକରଣ ଦିବସ
(ଇନ୍ଦିରା ଗାନ୍ଧୀଙ୍କ ସ୍ମୃତିରେ)

OPEN

TASTY DOTS

Home Delivery available

# TASTY DOTS

## MORE FOOD, MORE LIFE



TANDOOR



BIRYANI



CHINESE



INDIAN

## VISIT AGAIN

Place your Order
9777030560

M5/23, Near Essura Drug House
Acharya Vihar, Bhubaneswar

Postal Regd. No. : PURI-33/2022-24

Volume-13 I Issue No.03 I Monthly I September -2022 I RNI Regn. No. ODI/ODI/2010/350521 I Page-36




# ARYAVART ANCIENT ACADEMY

KHORDHA

**Knowledge is Eternal**

Affiliated to CBSE, New Delhi - 1530380

**ABOUT SCHOOL :**

AAA offers the platform, guidance and facilitation to fulfill students' independent thoughts, dreams and visions.

With the 20years of successful experience in delivering 100% results in 10th CBSE, we are now extending this opportunity by initiating +2 Science & Commerce with an aim to continue success legacy.

AAA is surrounded by lush green nature, encouraging a healthy and positive learning environment for students.

**WHY AAA?**

Innovative learning environment, including smart class rooms, well equipped labs, club culture, learning by doing, science studio, etc., are designed to foster students' creativity.

AAA provides Integrated Coaching for NEET/JEE/CPT/CLAT/NDA etc. A rigorous programme to support students in pursuing career in Medicine, Engineering, Charted Accounting, Law etc. We offer an Exclusive mentorship programme led by IIT, NIT, IIM and IIFM alumni to help students in their personal and career development.

**Admissions in Progress**

HERE IS YOUR CHANCE TO BE PART OF AAA TO PURSUE SCIENCE OR COMMERCE IN CLASS XI & XII.

**100% Scholarship to the students secured 95% & above in BSE / CBSE / ICSE Board**

Students scored minimum 80% in BSE / CBSE / ICSE are eligible to avail Scholarship upto 75% through A-TAT (Aryavart's Talent Assesment Test)

**WE OFFER :**

- Day Boarding
- Hostel Facility
- Transport Facility
- Educational Loan At 0% Interest Rate

www. atat.aaaschool.in
Scan the QR Code or find the link below to Register yourself for A-TAT

**Admission Helpline :**

**1800 120 22 3333 (Toll Free)**

Website : www.aaaschool.in

*Admissions also open for Std. I to Std - IX*


## ବିଶେଷ ସୂଚନା

ବନ୍ଧୁଗଣ,

ଆପଣମାନଙ୍କର ଆନ୍ତରିକ ସହଯୋଗରେ 'ଆମରିସତ୍ୟ' ପତ୍ରିକା ୧୩ତମ ବର୍ଷରେ ପଦାର୍ପଣ କରିଛି । ଯେଉଁ ଗ୍ରାହକମାନେ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ, ସେମାନେ ଆମରିସତ୍ୟର ଇ-ମେଲ (amarisatya@gmail.com)ରେ ପଠାଇବାକୁ ଅନୁରୋଧ ତଥା ପତ୍ରିକାର ବାର୍ଷିକ ଦେୟ ଉଚିତ ସମୟରେ ପଠାଇବାକୁ ଅନୁରୋଧ ।

Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Pin-752057, Printed at - NISWASS-CEDEC Press, Chandrasekharpur, BBSR-23, Published From - "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057

Editor : Dr. Prasanna Kumar Jena

Founder : Dr. Pramod Chandra Dash

From